# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, November 7/2023 | Page 18 | ₹ 7.00

୪୯ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 342 | ମୂଲ୍ୟ ₹୭/-






Blessed by the earth · Graced by the sky · Ignited by the fire · Purified by the air · Calmed by the water

FALCON
tatva
EVERY ELEMENT OF ECSTASY

KHANDAGIRI, BHUBANESWAR
3/3.5/4 BHK Apartments 1.88cr onwards


Bed Room


Living / Dining Room


Study Room


Wash Room

Air Conditioned Apartments • Home Lighting Automation (wireless) • Sprawling Club with Roof Top Swimming Pool & Tennis Court • Connected Landscaped Terrace

FALCON REAL ESTATE

**FALCON REAL ESTATE PVT LTD**
**Corporate** A/22 Falcon House, 1st Floor, Cuttack Road, Odisha, Bhubaneswar 751006
**Project** Plot No 496/4145 Dumduma, Khandgiri, Bhubaneswar 751019

**Phone**
7978677741
7008239091

**E-Mail** info@falconrealestate.in
**Website** www.falconrealestate.in
**RERA** RP/19/2023/00922 dated 11/05/2023
**Website** www.rera.odisha.gov.in

Scan for 4 BHK Apartment Tour
Scan for Walkthrough

Eyeball/Frel-2364

Disclaimer This advertisement is not a legal offering and only representational and conceptual in nature. All plans, specifications, artistic renderings etc. shown are only indicative and are subject to change. All Furniture, Wardrobes, Soft Furnishing, TV, Refrigerator, Hob, Sink etc in kitchen, Washing Machine, CP & Ceramic fitting in Toilet are for indicative purpose only. All intending purchasers are requested to visit the marketing/head office of the promoter to inspect all sanctioned plans, layouts, specifications, approvals and visit project site and apprise themselves of all offerings and other relevant information. *T&C Apply.




# ରଣକ୍ଷେତ୍ରରେ ରିପୋର୍ଟିଂ ଚ୍ୟାଲେଞ୍ଜ



# ଗାଜା ଯୁଦ୍ଧରେ ୩୬ ସାମ୍ବାଦିକ ନିହତ




ଅକ୍ଟୋବର ୩୦ରେ ଅଲ୍-ଜଜିରାର ଗାଜା ଷ୍ଟ୍ରିପ୍ ରିପୋର୍ଟର ୟୋଉମ୍ନା ଏଲ୍-ସୟେଦଙ୍କ ସ୍ୱାମୀଙ୍କୁ 'ସ୍ଥାନ ଛାଡ଼ି ଚାଲିଯାଅ, ନଚେତ୍ ମର' ବୋଲି ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଧମକ ଦିଆଯାଇଥିଲା। ଦକ୍ଷିଣ ଗାଜାରେ ଇସ୍ରାଏଲ ତୁହାକୁ ତୁହା ବୋମାମାଡ଼ କରୁଥିବାବେଳେ ୟୋଉମ୍ନାଙ୍କ ପରିବାର ଲୋକେ ଆତଙ୍କିତ ହୋଇ ପଳାୟନ କରିବାକୁ ବାଧ ହୋଇଥିଲେ।

**ତେଲ୍ ଆଭିଭ୍/ ଗାଜା ସିଟି, ୬।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ସାମ୍ବାଦିକତା ଏକ ବୃତ୍ତି ନୁହେଁ, ମିଶନ। ଏହି ଅଭିଯାନରେ ଥାଇ ଯୁଦ୍ଧ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ଅନୁଭୂତି ସ୍ୱତନ୍ତ୍ର। ଗାଜା ଭିତରେ ରହି ଯୁଦ୍ଧର ଘନଘଟା କଭର କରୁଥିବା ପାଲେଷ୍ଟିନୀୟ ଖବରଦାତାଙ୍କ ଦୃଷ୍ଟାନ୍ତ ବିଶ୍ୱରେ ବିରଳ। ସେମାନେ ଯୁଦ୍ଧର ବିବରଣୀ/ଦୃଶ୍ୟ ପାଠକ ବା ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ କୌଣସି ଅନ୍ୟ ଦେଶର ସୀମାକୁ ଯାଇନାହାନ୍ତି, ବରଂ ଯୁଦ୍ଧ ସେମାନଙ୍କ ଘରକୁ ଆସିଯାଇଛି। ସେମାନଙ୍କ ଛାତ ଉପରେ ବୋମା ବର୍ଷା ହେଉଛି। ଗାଜାରେ ଲୁଚିବା ପାଇଁ ସ୍ଥାନ ନାହିଁ। ସେଠାରୁ ପଳାୟନ ଲାଗି ପନ୍ଥା ନାହିଁ ଏବଂ ଗାଜାରେ ରହିବାର ମାନେ ହେଉଛି ମୃତ୍ୟୁ। ହେଲ୍‌ମେଟ ଓ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ କୌଣସି କାମକୁ ନୁହେଁ। ଏସବୁ ଜାଣି ସୁଦ୍ଧା ଖବରଦାତାମାନେ ଅଦ୍ୟାବଧି ଗାଜାଠାରୁ ରିପୋର୍ଟିଂ ବନ୍ଦ କରିନାହାନ୍ତି। ସେମାନଙ୍କ ଅନେକ ସାଥୀ ହତ୍ୟାର ଶିକାର ହେବା ପରେ ମଧ୍ୟ ରିପୋର୍ଟିଂ ଜାରି ରହିଛି। ଏହି ଖବରଦାତାମାନେ ଖବର ପାଇଁ ନିଜ ଜୀବନକୁ ବାଜି ଲଗାଇ ସାହସ ଓ ସାଧନର ସବୁ ଆହ୍ୱାନକୁ ନ୍ୟୂନ ପ୍ରମାଣିତ କରିଛନ୍ତି। ବିନା ଖାଦ୍ୟ, ପାନୀୟ ଓ ଦରମାରେ ରିପୋର୍ଟିଂ କରୁଥିବା ପାଲେଷ୍ଟିନୀୟ ରିପୋର୍ଟରମାନେ କର୍ମଭୂମି ଯୁଦ୍ଧଭୂଇଁରେ ମୃତ୍ୟୁକୁ ଆଦରିନେଉଛନ୍ତି। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଶକ୍ତିଶାଳୀ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ସେମାନଙ୍କୁ ଜାଣିଶୁଣି ଟାର୍ଗେଟ କରୁଥିବା ଅଭିଯୋଗ ହୋଇଛି।

ରଣକ୍ଷେତ୍ରରେ ରିପୋର୍ଟିଂ କଲାବେଳେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟର କୌଣସି ମୂଲ୍ୟ ନାହିଁ। ତେଣୁ ପ୍ରେସ୍ ଲେଖାଥିବା ସୁରକ୍ଷା କବଚକୁ ନିଜ ଦେହରୁ ଉତାରିଦେଇଛନ୍ତି ପାଲେଷ୍ଟିନୀୟ କର୍ତ୍ତୃପକ୍ଷଙ୍କ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ସଲମାନ୍ ଅଲ-ବସିର। କାରଣ ତାଙ୍କ ସହକର୍ମୀ ମୋହମେଦ୍ ଅବୁ ହତାବ୍ ଅଧଘଣ୍ଟା ପୂର୍ବରୁ ନାସେର ହସ୍ପିଟାଲରୁ ଲାଇଭ୍ ରିପୋର୍ଟିଂ କରିବା ସମୟରେ ଏପରି ଜ୍ୟାକେଟ୍ ପରିଧାନ କରିଥିଲେ। କିନ୍ତୁ ତାହା ତାଙ୍କୁ ସୁରକ୍ଷା ଦେଇପାରି ନ ଥିଲା। ଇସ୍ରାଏଲର ରକେଟ୍ ମାଡ଼ରେ ହତାବ୍ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନରୁ ରିପୋର୍ଟିଂ ବେଳେ ସଲମାନ୍ କାନ୍ଦି କାନ୍ଦି କହିଥିଲେ, ଆଉ ସହି ହେଉନାହିଁ। ଆମ ଦୁଇଜଣଙ୍କ ମଧ୍ୟରେ କେବଳ ଗୋଟିଏ ଫରକ୍ ରହିଛି। ତାହା ହେଉଛି, ମୃତ୍ୟୁ କାହାକୁ ପ୍ରଥମେ ଓ କାହାକୁ ପରେ କୋଳେଇ ନେବ। ଜଣେ ପରେ ଜଣେ ମରୁଛୁ। ଗାଜା ଉପରେ ଯେଉଁ ବିପତ୍ତି ମାଡ଼ିଆସିଛି, ତାକୁ କାହାରି ଖାତିର ନାହିଁ। ଆମେ ଲାଇଭ୍, ଅନ୍ ଏୟାର୍ ଭିକ୍ଟିମ୍। ଆମେ ସେହି ପୀଡ଼ିତ, ମରିବା ପାଇଁ ନିଜ ପାଳିକୁ ଅପେକ୍ଷା କରିବା ବ୍ୟତୀତ ଯାହାଙ୍କ ଅନ୍ୟ ଗତି ନାହିଁ। ଏସବୁ ଦେଖି ନ୍ୟୁଜ୍‌ରୁମ୍‌ରେ ଆଙ୍କରିଂ କରୁଥିବା ଉପସ୍ଥାପିକାଙ୍କ ଆଖିରେ ମଧ୍ୟ ଲୁହ ଆସିଯାଇଥିଲା।

## ଜଣେ ଖବରଦାତାଙ୍କ ମୃତ୍ୟୁରେ ମରିଯାଏ ଲକ୍ଷାଧିକ ଲୋକଙ୍କ ଖବର

ଗାଜାରେ ଖବରଦାତାମାନେ ଯୁଦ୍ଧର ରିପୋର୍ଟିଂ ବେଳେ ବହୁ ବିପଦ ଓ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ଦେଇ ଗତି କରୁଛନ୍ତି। ବିଶେଷକରି ଇସ୍ରାଏଲୀ ବଳ ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପରେ ସ୍ଥଳଭାଗରେ ଗାଜା ସିଟିକୁ ଟାର୍ଗେଟ କରି ଯୋଗାଯୋଗ ଭିତ୍ତିଭୂମିକୁ ନଷ୍ଟଭ୍ରଷ୍ଟ କରିଦେଇଥିବାରୁ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଏହାସତ୍ତ୍ୱେ ସେମାନେ ହାର ନ ମାନି ବିଶ୍ୱବାସୀଙ୍କ ନିକଟରେ ଖବର ପହଞ୍ଚାଇବା ମିଶନ ଜାରି ରଖିଛନ୍ତି।

ଅକ୍ଟୋବର ୭ରେ ହମାସ୍‌ର ଅଭୂତପୂର୍ବ ଆକ୍ରମଣ ପରେ ଇସ୍ରାଏଲ-ଗାଜା ଯୁଦ୍ଧରେ ଅନେକ ଖବରଦାତାଙ୍କ ଜୀବନ ଗଲାଣି। ସେବେଠୁ ନିହତ, ଆହତ, ନିଖୋଜ ଓ ଗିରଫ ସାମ୍ବାଦିକ ତଥା ଗଣମାଧ୍ୟମ କର୍ମୀଙ୍କ ସମ୍ପର୍କରେ କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ପକ୍ଷରୁ ତଦନ୍ତ ଚାଲିଛି। ସିପିଜେର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ନଭେମ୍ବର ୫ ସୁଦ୍ଧା:

- ୩୬ ଖବରଦାତା ଓ ମିଡିଆ ୱାର୍କର୍ସଙ୍କ ମୃତ୍ୟୁ ଘଟିଛି।
- ମୃତ ରିପୋର୍ଟର୍ସଙ୍କ ମଧ୍ୟରୁ ୩୧ ପାଲେଷ୍ଟିନୀୟ, ୪ ଇସ୍ରାଏଲୀ ଓ ଜଣେ ଲେବାନନ୍ ନାଗରିକ।
- ୮ ଖବରଦାତା ଆହତ ଓ ୩ ନିଖୋଜ।
- ଅନ୍ୟ ୮ ଖବରଦାତା ଗିରଫ।
- ଅନେକ ଜର୍ନାଲିଷ୍ଟ ନିଜ ପରିବାରକୁ ହରାଇଛନ୍ତି।
- ଖବରଦାତାମାନଙ୍କ ପାଖରେ ବ୍ୟକ୍ତିଗତ ସୁରକ୍ଷାତ୍ମକ ଉପକରଣ (ପିପିଇ) ନାହିଁ।
- ଯୁଦ୍ଧ ଆରମ୍ଭରୁ ଇସ୍ରାଏଲୀ ପୋଲିସ ଓ ସେନା ବିବିସି, ଅଲ୍-ଜଜିରା, ଆର୍‌ଟି ଆରବିକ୍, ଅଲ୍-ଆରବୀ ଟିଭି ଭଳି ଆଉଟ୍‌ଲେଟ୍‌ର ଖବରଦାତାମାନଙ୍କୁ ରିପୋର୍ଟିଂରେ ବାଧା ସୃଷ୍ଟି କରୁଛନ୍ତି।




ପାଲେଷ୍ଟାଇନ୍ ଟିଭି ଖବରଦାତା ମୋହମେଦ ଅବୁ ହତାବ୍।




ଅବୁ ହତାବ୍‌ଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।



"ଗାଜାରେ ଖବରଦାତାମାନଙ୍କ ମୃତ୍ୟୁ ଘଟଣାକୁ ଆମେ ଅଣଦେଖା କରିପାରିବା ନାହିଁ। ଏହି ମୃତ ଖବରଦାତାଙ୍କ ସଂଖ୍ୟା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମୃତ୍ୟୁକୁ ଟପିଯାଇଛି। ଯାହା ଘଟୁଛି, ତାହା ଅବିଶ୍ୱସନୀୟ ଭାବେ ଆଚମ୍ବିତ କରିଦେବା ଭଳି। ଗାଜାରେ ବର୍ତ୍ତମାନର ମିଡିଆ ବ୍ଲାକ୍‌ଆଉଟ୍ ସ୍ଥିତିରେ ଖବରଦାତାମାନେ ରିପୋର୍ଟିଂ କରିବା ଅସମ୍ଭବ ହୋଇଯାଇଛି।

**-ଖ୍ରୀଷ୍ଟୋଫର ଡେଲୋଇରେ, ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ମହାସଚିବ**



"ଯୁଦ୍ଧ ସମୟରେ ଭୁଲ୍ ସୂଚନା ଓ ଗୁଜବ ରୋକିବା ଖବରଦାତାଙ୍କ ଦାୟିତ୍ୱ। ସେମାନଙ୍କୁ ବାଦ୍‌ଦେଇ ଲଢ଼ାଯାଉଥିବା ଯୁଦ୍ଧ କେବଳ ଏକ ୱାର୍ ପ୍ରୋପାଗଣ୍ଡା। ତେଣୁ ଜର୍ନାଲିଷ୍ଟଙ୍କ ଉପରେ ଆକ୍ରମଣ ବନ୍ଦ ହେଉ।

**-ଶେରିଫ୍ ମନ୍‌ସୋଉର୍, ସିପିଜେର ମଧ୍ୟପ୍ରାଚ୍ୟ ପ୍ରୋଗ୍ରାମ୍ ଡାଇରେକ୍ଟର**




ସଲମାନ୍ ଅଲ୍-ବସିର ରିପୋର୍ଟିଂ କରୁଥିବାବେଳେ ଟିଭି ଉପସ୍ଥାପିକା କାନ୍ଦି ପକାଉଛନ୍ତି।

## ସବୁଠୁ ଘାତକ ସମୟ

- ନଭେମ୍ବର ୨ରେ ପାଲେଷ୍ଟିନୀୟ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ମୋହମେଦ୍ ଅବୁ ହତାବ୍ ଓ ତାଙ୍କ ପରିବାରର ୧୧ ସଦସ୍ୟଙ୍କୁ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରରେ ବୋମାମାଡ଼ କରି ହତ୍ୟା କରାଯାଇଥିଲା।
- ଅକ୍ଟୋବର ୧୩ରେ ରଏଟର୍ସ ଖବରଦାତା ଇସାମ୍ ଅବ୍‌ଦାଲହଙ୍କୁ ଇସ୍ରାଏଲ ସୀମାରେ ଆଇଡିଏଫ୍ ସୈନ୍ୟ ଟାର୍ଗେଟ କରି ହତ୍ୟା କରିଥିବା ଗଣମାଧ୍ୟମ ଜଗୁଆଳି ସଂସ୍ଥା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ତଦନ୍ତରୁ ଜାଣିବାକୁ ପାଇଥିଲା।
- ରଏଟର୍ସକୁ ଇସ୍ରାଏଲୀ ସେନା ଲେଖିଥିବା ଏକ ପତ୍ରରେ ଉଲ୍ଲେଖ କରିଛି ଯେ, ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲର ସାମରିକ ଅଭିଯାନକୁ ନାଗରିକ ଓ ଖବରଦାତାଙ୍କ ନିକଟକୁ ଟାଣିନେଇଥିବାରୁ ରିପୋର୍ଟରମାନଙ୍କ ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇପାରିବ ନାହିଁ।
- ୧୯୯୨ରୁ ଯୁଦ୍ଧର ଟ୍ରାକିଂ କରୁଥିବା ସିପିଜେ କହିଛି, ସଦ୍ୟ ସଂଘର୍ଷର ପ୍ରଥମ କିଛି ସପ୍ତାହ ଅନେକ ଦଶନ୍ଧି ଭିତରେ ଖବରଦାତାମାନଙ୍କ ପାଇଁ ସବୁଠୁ ଘାତକ ସମୟ।
- ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି) ପାଲେଷ୍ଟିନୀୟ ଖବରଦାତାମାନଙ୍କ ମୃତ୍ୟୁର ତଦନ୍ତ କରିବା ଉଚିତ। ଯୁଦ୍ଧ ଆରମ୍ଭରୁ ଗାଜାରେ ୫୦ ଗଣମାଧ୍ୟମ ସଂସ୍ଥା ଅଫିସକୁ ଟାର୍ଗେଟ କରାଯାଇଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ପକ୍ଷରୁ ଦାବି କରାଯାଇଛି।
- ଅନ୍ୟପକ୍ଷେ ଆଇସିସିର ୧୨୩ ସଦସ୍ୟ ରାଷ୍ଟ୍ର ମଧ୍ୟରେ ନ ଥିବା ଇସ୍ରାଏଲ କହିଛି, ଏହି ଯୁଦ୍ଧକୁ ନେଇ ତଦନ୍ତ କରିବା ଆଇସିସିର କ୍ଷମତା ପରିସରଭୁକ୍ତ ନୁହେଁ।



## ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ: ୧୫୬ ସ୍ଥାନରେ ପାଲେଷ୍ଟାଇନ୍

ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ପକ୍ଷରୁ ପ୍ରତିବର୍ଷ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ମେ' ୩ରେ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ପ୍ରକାଶ ପାଇଥାଏ। ଏଥିରେ ବିଶ୍ୱର ୧୮୦ ରାଷ୍ଟ୍ର ଓ ଭୂଖଣ୍ଡରେ ଜର୍ନାଲିଜମ୍ ପାଇଁ ରହିଥିବା ବାତାବରଣର ମୂଲ୍ୟାଙ୍କନ କରାଯାଇଥାଏ। ଚଳିତବର୍ଷ ଯୁଦ୍ଧ ପୂର୍ବରୁ ପ୍ରକାଶିତ ଏହି ସୂଚକାଙ୍କରେ ପାଲେଷ୍ଟାଇନ୍ ୧୫୬ ସ୍ଥାନରେ ରହିଥିଲା। ୨୦୨୨ରେ ୨ ଖବରଦାତାଙ୍କ ମୃତ୍ୟୁ ପରେ ଏହାର ସୁରକ୍ଷା ସୂଚକାଙ୍କ ଅତି ଦୁର୍ବଳ ରହିଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ୱେଷ୍ଟ ବ୍ୟାଙ୍କରେ ଖବରଦାତାମାନେ ଉଭୟ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଓ ଇସ୍ରାଏଲୀ ଦଖଲକାରୀ ବଳଙ୍କ ଦ୍ୱାରା ଗଣମାଧ୍ୟମ ସ୍ୱାଧୀନତା ଉଲ୍ଲଂଘନର ଶିକାର ହୋଇଥିଲେ। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲୀ ସାମରିକ ଆକ୍ରମଣ ଓ ହମାସ୍ ନୀତି ଗଣମାଧ୍ୟମ ପ୍ରତି ବିପଦ ସୃଷ୍ଟି କରିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ୨୦୨୨ରେ ଇସ୍ରାଏଲୀ ଆଇନ ପ୍ରବର୍ତ୍ତନକାରୀଙ୍କ ଦ୍ୱାରା ଅଲ୍-ଜଜିରା ରିପୋର୍ଟର ଶିରୀନ୍ ଅବୁ ଆଲେଖଙ୍କ ସମେତ ଦୁଇଜଣ ମହିଳା ଖବରଦାତା ହତ୍ୟାର ଶିକାର ହୋଇଥିଲେ। ଏହି ଅପରାଧ ପାଇଁ ହତ୍ୟାକାରୀଙ୍କୁ ଏଯାଏ ଦଣ୍ଡ ମିଳିନାହିଁ।



ଶିରୀନ୍ ଅବୁ ଆଲେଖ

୧୯୭୧ ଏପ୍ରିଲ ୩ରେ ଜନ୍ମିତ ଶିରୀନ୍ ଅବୁ ଆଲେଖ ଜଣେ ପାଲେଷ୍ଟିନୀୟ-ଆମେରିକୀୟ ସାମ୍ବାଦିକା ଥିଲେ। ସେ ଦୀର୍ଘ ୨୫ ବର୍ଷ ଧରି ଅଲ୍-ଜଜିରା ସାମ୍ବାଦିକା ଭାବେ କାର୍ଯ୍ୟ କରିଆସୁଥିଲେ। ଆରବ ଓ ପାଲେଷ୍ଟିନୀୟ ମହିଳାଙ୍କ ପାଇଁ ଆଲେଖ ଜଣେ ରୋଲ୍ ମଡେଲ ପାଲଟିଥିଲେ। ପାଲେଷ୍ଟିନୀୟ ଭୂଖଣ୍ଡ ପାଇଁ ନିଜ ରିପୋର୍ଟିଂକୁ ନେଇ ମଧ୍ୟପ୍ରାଚ୍ୟରେ ସେ ବେଶ ଆଦୃତି ଲାଭ କରିଥିଲେ। ୨୦୨୨ ମେ' ୧୧ରେ ଇସ୍ରାଏଲ୍-ଅଧିକୃତ ୱେଷ୍ଟ ବ୍ୟାଙ୍କସ୍ଥିତ ଜେନିନ୍ ଶରଣାର୍ଥୀ ଶିବିରରେ ଖବର ସଂଗ୍ରହରେ ବ୍ୟସ୍ତ ଥିବାବେଳେ ଇସ୍ରାଏଲୀ ସୁରକ୍ଷା ବଳ ଗୁଳିମାଡ଼ରେ ନିହତ ହୋଇଥିଲେ। କିନ୍ତୁ ଇସ୍ରାଏଲ ଦୋଷ ସ୍ୱୀକାର କରିବା ପରିବର୍ତ୍ତେ ତାଙ୍କ ମୃତ୍ୟୁ ପାଇଁ ହମାସ୍‌କୁ ଦାୟୀ କରିଥିଲା।




ସାଥୀଙ୍କୁ ହରାଇବା ପରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଗାଜାର ଖବରଦାତାମାନେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ | Bhubaneswar, Tuesday, November 7/2023 | ପୃଷ୍ଠା-୧




## ଭାଇରାଲ ଭିଡିଓ ଖୁବ୍ ଆଘାତ ଦେଇଛି

ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିକଟରେ ଭାଇରାଲ ହୋଇଥିବା ତାଙ୍କର ଏକ ଭିଡିଓକୁ ନେଇ ସେ ଦୁଃଖ ପ୍ରକାଶ କରି ଏହା ତାଙ୍କୁ ଆଘାତ ଦେଇଥିବା କହିଛନ୍ତି।

୧୦

୧୬

## ଭିଦିତ ଗୁଜରାଠୀ ଚାମ୍ପିୟନ

ଫିଡେ ଗ୍ରାଣ୍ଡ ସୁଇସ୍ ଚେସ୍ ପ୍ରତିଯୋଗିତାର ଓପନ କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି ଭିଦିତ ଗୁଜରାଠୀ।





ଇସ୍ରାଏଲର ରକେଟ୍ ମାଡ଼ରେ ବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କରାଯାଉଛି। **(ଫଟୋ ସୌଜନ୍ୟ: ଦି ଗାର୍ଡିଆନ୍)**

# ଫସଲ ବୀମା ନାଁରେ ଦୁର୍ନୀତି

## ଚାଷୀଙ୍କ ଜମି ପଟ୍ଟା ନେଇ ହୋଇଥିଲା ୧୦କୋଟି ହଡ଼ପ ଯୋଜନା, ୧୪ ଗିରଫ

ବଲାଙ୍ଗୀର, ୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍ଏଫ୍‌ବିୱାଇ) ନାଁରେ ଏକ ବଡ଼ଧରଣର ଅନ୍‌ଲାଇନ୍ ଠକେଇର ପର୍ଦ୍ଦାଫାଶ ହୋଇଛି। ଚାଷୀଙ୍କ ଜମିପଟ୍ଟା ଓ ଅନ୍ୟାନ୍ୟ କାଗଜପତ୍ର ଚଞ୍ଚକତା କରି ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଫସଲ ବୀମା ହଡ଼ପ ଯୋଜନା ହୋଇଥିବା ଜଣାପଡ଼ିଛି। ଏହି ଠକେଇ କାରବାରରେ ସମ୍ପୃକ୍ତ ସହଜ ଜନସେବା କେନ୍ଦ୍ର (ସିଏସ୍‌ସି)ର ୧୪ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୭ଟି ଲାପ୍‌ଟପ, ୧୧ କମ୍ପ୍ୟୁଟର ସିପିୟୁ, ୫ ପ୍ରିଣ୍ଟର, ୩ ମନିଟର, ୪ ଫିଙ୍ଗର ପ୍ରିଣ୍ଟ ସ୍କାନର ଏବଂ ୧୬ ମୋବାଇଲ ଜବତ କରାଯାଇଛି। ଠିକଣା ସମୟରେ କୃଷି ବିଭାଗର ହସ୍ତକ୍ଷେପ ଯୋଗୁ କୋଟିକୋଟି ଟଙ୍କାର ଅନ୍‌ଲାଇନ୍ ଠକେଇକୁ ରୋକାଯାଇ ପାରିଥିବା ସୋମବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପିଏମ୍ଏଫ୍‌ବିୱାଇ ୨୦୨୩ରେ ଏକ ବଡଧରଣର ଚଞ୍ଚକତା କରାଯାଇ କୋଟି କୋଟିଟଙ୍କା ହଡପ୍‌ଯୋଜନା କରାଯାଇଥିବା ନେଇ ବଲାଙ୍ଗୀର କୃଷି ବିଭାଗ ପକ୍ଷରୁ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପିଏମ୍ଏଫ୍‌ବିୱାଇର କ୍ଷତିପୂରଣ ରାଶି ହଡ଼ପ ପାଇଁ ଚାଷୀଙ୍କ ଜମିପଟ୍ଟା ଓ ଅନ୍ୟାନ୍ୟ କାଗଜପତ୍ରକୁ ଚଞ୍ଚକତା କରି ସହଜ ଜନସେବା କେନ୍ଦ୍ର ଜରିଆରେ ଏକ ଗୋଷ୍ଠୀ ଚକ୍ରାନ୍ତ କରିଥିବା କୃଷି ବିଭାଗ ପକ୍ଷରୁ ସନ୍ଦେହ କରାଯାଇଥିଲା। ଏନେଇ କୃଷି ବିଭାଗ ପକ୍ଷରୁ ବିଧିବଦ୍ଧ ଅଭିଯୋଗ ପରେ ବଲାଙ୍ଗୀର ସାଇବର ଅପରାଧ ଥାନାରେ ଏକ ମାମଲା (୨୭/୨୩) ରୁଜୁ କରାଯାଇଥିଲା। ଏସ୍‌ପି ଖିଲାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ତଦନ୍ତ ପାଇଁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସ୍ୱତନ୍ତ୍ର ଟିମ୍ ତଦନ୍ତ ସମୟରେ ବିଭିନ୍ନ ସହଜ ଜନ ସେବା କେନ୍ଦ୍ର ଉପରେ ଚଢ଼ାଉ କରାଯାଇଥିଲା। ଜିଲାରେ ଯେତିକି ଚାଷୀ ଅଛନ୍ତି ତା'ଠୁ ଢେର ଅଧିକ ଚାଷୀ ଏବଂ ଜିଲାରେ ଯେତିକି ସମୁଦାୟ ଚାଷଜମି ଅଛି ତା'ଠୁ ଅଧିକ ଚାଷଜମି ଚଳିତବର୍ଷ ପିଏମ୍ଏଫ୍‌ବିୱାଇରେ ଅନ୍ତର୍ଭୁକ୍ତ ହୋଇଥିବା ଜଣାପଡ଼ିଥିଲା। ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ଫସଲ ବୀମା କମ୍ପାନୀ ଓ କୃଷି ବିଭାଗ ଚକିତ ହୋଇଯାଇଥିଲେ। ବଲାଙ୍ଗୀର ଜିଲାର ୧୩ଟି ଏବଂ କଳାହାଣ୍ଡିର ଜିଲାର ଗୋଟିଏ ସହଜ ଜନସେବା କେନ୍ଦ୍ରରେ ଚାଷୀଙ୍କ ଜମିପଟ୍ଟା ଏବଂ ଅନ୍ୟାନ୍ୟ କାଗଜପତ୍ର ଚଞ୍ଚକତା କରାଯାଇଥିବା ଜଣାପଡିଥିଲା। ଫସଲ ବୀମା ପାଇଁ ଚାଷୀମାନେ ନିଜର ଜମିପଟ୍ଟା, ଆଧାର କାର୍ଡ, ବ୍ୟାଙ୍କ ଜମାଖାତା, ମୋବାଇଲ ନମ୍ବର ସଂଲଗ୍ନ ଆବେଦନ ପତ୍ରକୁ ସହଜ ଜନସେବା କେନ୍ଦ୍ରରେ ଦେଇଥାନ୍ତି। ଚାଷୀଙ୍କ ଏହି ସବୁ ତଥ୍ୟ ଏବଂ ଡକ୍ୟୁମେଣ୍ଟ ପାଇବା ପରେ ସହଜ ଜନସେବା କେନ୍ଦ୍ରର ସ୍ୱତ୍ୱାଧିକାରୀ ଏବଂ ☞ପୃଷ୍ଠା-୨

# ଗାଜାକୁ ଦୁଇଭାଗ କଲା ଇସ୍ରାଏଲୀ ସେନା

### ହମାସ୍-ଇସ୍ରାଏଲ୍ ଯୁଦ୍ଧକୁ ମାସେ

ତେଲ୍ ଆଭିଭ୍,୬।୧୧

ହମାସ୍ ଇସ୍ରାଏଲ୍ ଯୁଦ୍ଧକୁ ସୋମବାର ମାସେ ପୂରିଛି। ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବାରୁ ତେଲ୍ ଆଭିଭ୍ ପକ୍ଷରୁ ଯୁଦ୍ଧ ଘୋଷଣା କରାଯାଇଥିଲା। ଇସ୍ରାଏଲୀ ସେନା ଗାଜା ଉପରେ ପ୍ରବଳ ଆକ୍ରମଣ ଜାରି ରଖିଛି। ଗାଜା ଷ୍ଟ୍ରିପ୍‌ର ଉତ୍ତର ଭାଗ ସମେତ ଅନେକ ଅଞ୍ଚଳରେ ବୋମାମାଡ଼ ହେଉଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଗାଜାକୁ ଦୁଇଭାଗ ଉତ୍ତର ଗାଜା ଓ ଦକ୍ଷିଣ ଗାଜାରେ ବିଭକ୍ତ କରିସାରିଲାଣି ବୋଲି କହିଛି। ଏଥିସହିତ ରବିବାର ସେଠାରେ ଜୋର୍‌ଦାର ବୋମାମାଡ଼ କରାଯାଇଛି। ଇସ୍ରାଏଲୀ ସେନା ଗାଜା ସିଟିକୁ ସମ୍ପୂର୍ଣ୍ଣ ଘେରି ରହିଥିବାବେଳେ ଅଧିକ ସୈନ୍ୟ ଗାଜାରେ ପ୍ରବେଶ କରିବାକୁ ଯାଉଛନ୍ତି। ବିଜୟୀ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିଛନ୍ତି।

ମାସକର ଯୁଦ୍ଧରେ ଗାଜାରେ ମୃତ୍ୟୁସଂଖ୍ୟା ୧୦ ହଜାର ଟପିଥିବାବେଳେ ଅନେକ ହଜାର ଆହତ ହେଲେଣି। ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହେଲାଣି। ରବିବାର ଆମେରିକା ପରରାଷ୍ଟ୍ର ସଚିବ ଅଚାନକ ୱେଷ୍ଟ ବ୍ୟାଙ୍କ ଗସ୍ତ କରି ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମହମ୍ମଦ ଆବ୍ବାସଙ୍କୁ ଭେଟିଥିଲେ। ଗାଜାରେ ତୃତୀୟ ଥର ପାଇଁ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସେଠାରେ ଖାଦ୍ୟ, ପାନୀୟ, ଇନ୍ଧନ, ଔଷଧ ଆଦି ଅତ୍ୟାବଶ୍ୟକ ସମାଗ୍ରୀର ଘୋର ଅଭାବ ଦେଖାଦେଇଛି। ଯୁଦ୍ଧ ଲାଗିରହିଥିବାରୁ ବାହାର ସହାୟତା ପର୍ଯ୍ୟାପ୍ତ ପରିମାଣରେ ପହଞ୍ଚିପାରୁ ନାହିଁ। ସହାୟତା ପହଞ୍ଚାଇବା ପାଇଁ ମାନବୀୟତା ଦୃଷ୍ଟିକୋଣରୁ ଯୁଦ୍ଧବିରତି ପାଇଁ ଜାତିସଂଘ ସମେତ ବିଭିନ୍ନ ଦେଶ ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା-୨

## ଜାତିସଂଘର ୮୮ କର୍ମଚାରୀ ନିହତ

ତେଲ ଆଭିଭ୍,୬।୧୧

ଗାଜାରେ ଚାଲିଥିବା ଯୁଦ୍ଧରେ ଜାତିସଂଘର ୮୮ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଲାଣି। କୌଣସି ଗୋଟିଏ ଯୁଦ୍ଧରେ ଏହା ଜାତିସଂଘ କର୍ମଚାରୀଙ୍କ ସର୍ବାଧିକ ମୃତ୍ୟୁ ବୋଲି କୁହାଯାଇଛି। ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ପାଲେଷ୍ଟିନୀୟ ଶରଣାର୍ଥୀ ସଂସ୍ଥା ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୮ ଷ୍ଟାଫ୍ ମେମ୍ବର ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଗାଜାରେ ଯୁଦ୍ଧ ମୃତ୍ୟୁସଂଖ୍ୟା ପାଖାପାଖି ୧୦ ହଜାର ଟପିଥିବାବେଳେ ମାନବିକତା ଦୃଷ୍ଟିରୁ ତୁରନ୍ତ ଯୁଦ୍ଧବିରତି ଘୋଷଣା ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ହମାସ୍ ଅପହରଣ କରିନେଇ ପଣବନ୍ଦୀ ରଖିଥିବା ଇସ୍ରାଏଲୀମାନଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଜେରୁଜେଲମ୍ ପକ୍ଷରୁ ଦାବି କରାଯାଇଛି। ଗାଜାରେ ଏବେ ୨୪୦ ଇସ୍ରାଏଲୀ ପଣବନ୍ଦୀ ରହିଛନ୍ତି। ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଘୋଷଣା କରିଥିଲେ। ହମାସ୍‌କୁ ପରାସ୍ତ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ** କଥାରେ ଗୋମାତା

## ପାଟିରେ ବିଷ କାଢ଼ି ମହିଳା ଗୁରୁତର

ହାଟଡିହୀ, ୬।୧୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଝଣଝଣା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମାତ୍ର ସାପ ବିଷକୁ ମୁହଁ ଲଗାଇ କାଢ଼ିବାକୁ ଯାଇ ଅନ୍ୟଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତା ହେଲେ ସୂର୍ଯ୍ୟମଣି ବେହେରାଙ୍କ ସ୍ତ୍ରୀ ଝୁନୁରାଣୀ(୪୨)। ଗୁରୁତର ମହିଳା ହେଲେ ତାଙ୍କ ସାଙ୍ଗ ମିନତି ଦେହୁରୀ (୪୫)।

ସୂଚନା ଅନୁଯାୟୀ, ଝୁନୁରାଣୀ ରବିବାର ଅପରାହ୍ନରେ ଜମିକୁ ଧାନ ଫସଲ ଦେଖିବାକୁ ଯାଇଥିଲେ। ସେଠାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ଏ ବିଷୟରେ ସେ ଘରେ ଜଣାଇଥିଲେ। ପରିବାର ଲୋକେ ଗ୍ରାମରେ ଝଡ଼ାଫୁଙ୍କା କରୁଥିବା ମିନତିଙ୍କୁ ଡାକିଥିଲେ। ସେ ପହଞ୍ଚି ନିଜ ପାଟି ଲଗାଇ ଝୁନୁରାଣୀଙ୍କ ଗୋଡ଼ରୁ ବିଷ କାଢ଼ିବାକୁ ଚେଷ୍ଟା କରିଥିଲେ। ଏଥିସହ ଝଡ଼ାଫୁଙ୍କା କରିଥିଲେ। ମାତ୍ର ଝୁନୁରାଣୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛି ଘଣ୍ଟା ପରେ ମିନତିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପୋଲିସ ଝୁନୁରାଣୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ରାତି ୧୦ରୁ ସକାଳ ୬ ବାଣଫୁଟା ବନ୍ଦ

### ଦୀପାବଳିରେ ପ୍ରଦୂଷଣ ଭୟ

ଭୁବନେଶ୍ୱର,୬।୧୧(ଅନିଲ ଦାସ)

ପରିବେଶ ପ୍ରଦୂଷଣ ଏବେ ମୁଖ୍ୟ ଚିନ୍ତାର ବିଷୟ ହୋଇଛି। କେବଳ ସହର ନୁହେଁ, ଗାଁ ଗଣ୍ଡା ମଧ୍ୟ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଲାଣି। କେଉଁଠି ଜଳ ପ୍ରଦୂଷଣ ତ କେଉଁଠି ବାୟୁ ପ୍ରଦୂଷଣ ପରିବେଶକୁ ବିଷଜ୍ୱାଳାରେ ଭରି ଦେଲାଣି। ରାଜଧାନୀ ଦିଲ୍ଲୀ ପ୍ରଦୂଷଣରେ ଅଣନିଃଶ୍ୱାସୀ ହେଉଛି। ସେଠାରେ ସ୍କୁଲ ବନ୍ଦ ସହ ଶିଳ୍ପାନୁଷ୍ଠାନ ଓ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଜାରି କରାଯାଇଛି। ସହରାଞ୍ଚଳଗୁଡ଼ିକ ବେଳକୁ ବେଳ ଅତି ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଅନେକ ସହର ପ୍ରଦୂଷିତ ହେବାରେ ଲାଗିଛି। ଆସନ୍ତା ୧୨ ତାରିଖରେ ଆଲୋକର ପର୍ବ ଦୀପାବଳି ପାଳନ ହେବ। ଏହି ଅବସରରେ ଆତସବାଜିରେ ସାରା ରାଜ୍ୟ କମ୍ପିବ। ଏଥିଯୋଗୁ ବାୟୁ ଅତିମାତ୍ରାରେ ପ୍ରଦୂଷିତ ହେବ। ବାୟୁରେ କାର୍ବନ ଡାଇଅକ୍ସାଇଡଠାରୁ ଆରମ୍ଭ କରି କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, ସଲଫର ଡାଇଅକ୍ସାଇଡ ଭଳି ବିଷାକ୍ତ ପଦାର୍ଥ ☞ପୃଷ୍ଠା-୨

## ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

ଭୁବନେଶ୍ୱର,୬।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ସୋମବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ୫ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ୨୫ ବର୍ଷୀୟ ବିବାହିତ ଯୁବକ ବଳାତ୍କାର କରିବା ପରେ ହତ୍ୟା କରିଛନ୍ତି। ଘଟଣା ଘଟିଛି ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ ରେଳ ଓଭରବ୍ରିଜ୍ ନିକଟ କେଳାବସ୍ତିରେ। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ହତ୍ୟା ମାମଲା ରୁଜୁ କରି ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ଶିଶୁକନ୍ୟାଙ୍କ ମା'ବାପା ଦୀର୍ଘବର୍ଷ ହେଲା କେଳା ବସ୍ତିରେ ରହି ଦିନମଜୁରିଆ ଭାବେ ଗୁଜରାଣ ମେଣ୍ଟାଉଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଶିଶୁକନ୍ୟା ଘର ପାଖରେ ଖେଳୁଥିଲେ। ଏହି ସମୟରେ ସେହି ବସ୍ତିରେ ରହୁଥିବା ଘନିଆ ଦାସ ପହଞ୍ଚି ଶିଶୁକନ୍ୟାଙ୍କୁ ଚକୋଲେଟ୍ କିଣାଇଦେବେ କହି ନିକଟସ୍ଥ ଦୋକାନକୁ ନେଇ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟାଙ୍କ ମା' ଘରେ ରୋଷେଇ କରୁଥିଲେ। ପ୍ରାୟ ୨୦ ମିନିଟ୍ ପରେ ଶିଶୁକନ୍ୟା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଦେଢ଼ଘଣ୍ଟା



ଅଭିଯୁକ୍ତ ଘନିଆ ଦାସ

ବିତିଯିବା ପରେ ମଧ୍ୟ ଶିଶୁକନ୍ୟାଙ୍କ ଖୋଜ ଖବର ନ ମିଳିବାରୁ ପରିବାର ଲୋକେ ସନ୍ଦେହରେ ଘନିଆଙ୍କ ଘରକୁ ଯାଇଥିଲେ। ବାଟରେ ଘନିଆଙ୍କୁ ଦେଖି ତାଙ୍କୁ ଶିଶୁକନ୍ୟା ସମ୍ପର୍କରେ ପଚାରିଥିଲେ। ଦୋକାନରେ ଚକୋଲେଟ୍ କିଣାଇଦେବା ପରେ ଶିଶୁକନ୍ୟା କାହିଁକି ଘରକୁ ଫେରିଲେ ନାହିଁ ବୋଲି ତାଙ୍କୁ ପଚାରିଥିଲେ। କିନ୍ତୁ ଘନିଆ କିଛି ନ ଜାଣିବା ଭଳି ଅଭିନୟ କରିବା ସହ ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। ତାଙ୍କୁ ଅଧିକ ପଚରାଉଚରା କରିବାରୁ ସେ ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ଧକ୍କା ଦେଇ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ଏହାପରେ ଘନିଆଙ୍କ ଘର ଖୋଲି ☞ପୃଷ୍ଠା-୨

## ବିଶ୍ୱର ପ୍ରଥମ ଖେଳାଳି ଭାବେ ମାଥ୍ୟୁସ୍ 'ଟାଇମ୍ ଆଉଟ୍'




ଟାଇମ୍ ଆଉଟ ପରେ ଶ୍ରୀଲଙ୍କା ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ପ୍ରତିପକ୍ଷ ଖେଳାଳିଙ୍କ ସହ ଆଲୋଚନା କରୁଛନ୍ତି।

ନୂଆଦିଲ୍ଲୀ, ୬।୧୧(ପି.ଟି.)

ଶ୍ରୀଲଙ୍କା ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଏକ ଅଲୋଡ଼ା ରେକର୍ଡ ନିଜ ନାମରେ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ 'ଟାଇମ୍ ଆଉଟ୍'ର ଶିକାର ହୋଇଛନ୍ତି। ବାଂଲାଦେଶ ବିପକ୍ଷ ମ୍ୟାଚରେ ଚତୁର୍ଥ ଉଇକେଟର ପତନ ପରେ ମାଥ୍ୟୁସ୍ ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ବ୍ୟାଟିଂ କରିବା ପୂର୍ବରୁ ତାଙ୍କ ହେଲମେଟର ଷ୍ଟ୍ରାପ୍ ଭାଙ୍ଗିଯାଇଥିବା ସେ ଦେଖିଥିଲେ। ଏହାକୁ ବଦଳାଇବା ପାଇଁ ମାଥ୍ୟୁସ୍ ଡ୍ରେସିଂ ରୁମ୍‌କୁ ସିଗ୍‌ନାଲ ଦେଇଥିଲେ। ତେବେ ହେଲମେଟ ବଦଳାଇବାରେ ବିଳମ୍ବ ହେବାରୁ ବାଂଲାଦେଶ ଅଧିନାୟକ ଶାକିବ୍ ଅଲ ହସନ ଟାଇମ୍ ଆଉଟ୍ ପାଇଁ ଆବେଦନ କରିଥିଲେ। ଦୁଇ ଅମ୍ପାୟର ମାଥ୍ୟୁସଙ୍କୁ ଆଉଟ ଦେବା ପରେ ସେ ଅମ୍ପାୟରଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଆଇସିସିର ଧାରା ୪୦(୧)(୧) ଅନୁସାରେ ଜଣେ ଖେଳାଳି ଆଉଟ ହେବାର ଦୁଇ ମିନିଟ ମଧ୍ୟରେ ଅନ୍ୟ ଖେଳାଳି ବ୍ୟାଟିଂ ପାଇଁ ପ୍ରସ୍ତୁତ ଥିବା ଦରକାର। ଏପରି ନ ହେଲେ ଉକ୍ତ ଖେଳାଳିଙ୍କୁ ଆଉଟ ଘୋଷଣା କରାଯିବ। ମାଥ୍ୟୁସ୍ ଦୁଇ ମିନିଟ ମଧ୍ୟରେ ପଡ଼ିଆକୁ ଆସିଥିଲେ ମଧ୍ୟ ହେଲମେଟ ଷ୍ଟ୍ରାପ୍ ବଦଳାଇବାକୁ ଯାଇ ଦୁର୍ଭାଗ୍ୟଜନକ ଭାବରେ ଆଉଟ ହୋଇଥିଲେ। ତେବେ ମାଥ୍ୟୁସଙ୍କ ଉଇକେଟ କୌଣସି ବୋଲରଙ୍କ ଖାତାକୁ ଯାଇ ନ ଥିଲା।

### ବର୍ତ୍ତିଯାଇଥିଲେ ଗାଙ୍ଗୁଲି

ଭାରତର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ଅଳ୍ପକେ ଟାଇମ୍ ଆଉଟ୍ ହେବାରୁ ବର୍ତ୍ତି ଯାଇଥିଲେ। ୨୦୦୧ ମସିହାରେ ଏହି ଘଟଣା ଘଟିଥିଲା। କେପ୍‌ଟାଉନ୍‌ରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଗାଙ୍ଗୁଲି ୬ ମିନିଟ ବିଳମ୍ବରେ କ୍ରିଜ୍‌ରେ ପହଞ୍ଚିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଅଧିନାୟକ ଗ୍ରେମ୍ ସ୍ମିଥ୍ ଖେଳୁଆଡ ମନୋଭାବ ପ୍ରଦର୍ଶନ କରି ଆଉଟ ଆବେଦନ କରି ନ ଥିଲେ। ଭାରତ ତୃତୀୟ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ମାତ୍ର ୫ ରନ୍‌ରେ ୨ ଉଇକେଟ ହରାଇଥିଲା। ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ ଓ ୱାସିମ୍ ଜାଫର ପ୍ୟାଭିଲିୟନ୍ ଫେରି ଆସିଥିଲେ। ☞ପୃଷ୍ଠା-୨

# ଚାଉଳ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ପାଇବେ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର, ୬।୧୧ (ଅସମାପିକା ସାହୁ)

ବିଶ୍ୱ ଚାଉଳ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ଡ. ସମରେନ୍ଦ୍ରୁ ମହାନ୍ତିଙ୍କୁ 'ୱାର୍ଲଡ ରାଇସ୍ ଇଣ୍ଡଷ୍ଟ୍ରି ଗ୍ଲୋବାଲ ସର୍ଭିସ୍ ଆୱାର୍ଡ' ମିଳିବ। ଆସନ୍ତା ୨୮ରୁ ୩୦ ତାରିଖ ମଧ୍ୟରେ ଫିଲିପାଇନ୍ସର ସେବୁଠାରେ ହେବାକୁ ଥିବା ବିଶ୍ୱ ଚାଉଳ ସମ୍ମିଳନୀରେ ତାଙ୍କୁ ଏହି ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ। ଆନ୍ତର୍ଜାତିକ ଚାଉଳ ଗବେଷଣା ପ୍ରତିଷ୍ଠାନ(ଆଇଆର୍‌ଆର୍‌ଆଇ)ର ପୂର୍ବତନ ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ତଥା ପ୍ରୋଗ୍ରାମ ଲିଡର ସମରେନ୍ଦ୍ରୁ ମହାନ୍ତି ବର୍ତ୍ତମାନ ଆନ୍ତର୍ଜାତିକ ଆଳୁ କେନ୍ଦ୍ର(ସିଆଇପି)ରେ


ଡ. ସମରେନ୍ଦ୍ରୁ ମହାନ୍ତି

ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ବଜାରକୁ ସୁରୁଖୁରୁରେ ଚଳାଇବା ପାଇଁ ଠିକ୍ ତଥ୍ୟ ଆଣିବାରେ ସେ ସରକାର ଓ ଚାଉଳ ଶିଳ୍ପ ସହ ମିଶି କାମ କରୁଛନ୍ତି। ସେ ମଧ୍ୟ ଅନେକ ଏସୀୟ ଦେଶର କୃଷକଙ୍କ ସହ ମିଶି ନୂତନ ଜ୍ଞାନ କୌଶଳ ଗ୍ରହଣ, ବିହନ ପ୍ରଣାଳୀ ବିକାଶ ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ସେମାନଙ୍କ ଜୀବିକାରେ ଉନ୍ନତି ଆଣିବା ଦିଗରେ ପ୍ରମୁଖ ଭୂମିକା ନେଉଛନ୍ତି। ଧାନ ଓ ଆଳୁ ଫସଲ ପ୍ରଣାଳୀକୁ ନିରନ୍ତର ଭାବେ ବୃଦ୍ଧି କରିବା ଏବଂ କମ୍ ମୂଲ୍ୟର ଆଳୁ ମଞ୍ଜି ଉତ୍ପାଦନ ପ୍ରଯୁକ୍ତି ଆରମ୍ଭ ଓ ବୃଦ୍ଧି କରିବା ହେଉଛି ତାଙ୍କର ବର୍ତ୍ତମାନର ଲକ୍ଷ୍ୟ। ଡ. ମହାନ୍ତିଙ୍କ ପୈତୃକ ଘର ଯାଜପୁର ଜିଲା ବିଞ୍ଝାରପୁରରେ। ଦୀର୍ଘ ୩୨ବର୍ଷ ଧରି ଦେଶ ବାହାରେ ରହୁଥିଲେ ମଧ୍ୟ ଡ. ମହାନ୍ତି ଓଡ଼ିଶାରୁ ଆରମ୍ଭ ହୋଇଥିବା ସଫଳତାର ମୂଳଦୁଆକୁ ଭୁଲି ନାହାନ୍ତି। ଓଡ଼ିଶା ରାଜ୍ୟକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାରେ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହ କାର୍ଯ୍ୟ କରି ଆସୁଛନ୍ତି।


ଇନ୍‌ଫୋସିସ୍ ଫାଉଣ୍ଡେଶନ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ଚାଲିଥିବା ୭ଦିନିଆ ଆଉଟ୍‌ରିଚ୍ କଲ୍‌ଚରାଲ କାର୍ଯ୍ୟକ୍ରମର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଭଞ୍ଜକଳା ମଣ୍ଡପଠାରେ ଗଞ୍ଜାମ ବାହାଡ଼ଗୁଡ଼ାର ଲକ୍ଷ୍ମୀନୃସିଂହ ନାଟ୍ୟ ସଂସଦର କଳାକାର ତାପସ ପ୍ରଧାନ ଓ ତାଙ୍କ ଗ୍ରୁପ୍ ଦ୍ୱାରା ପରିବେଷିତ ନାଟକ 'ପ୍ରହଲ୍ଲାଦ'ର ଏକ ଦୃଶ୍ୟ। (ଫଟୋ– ବିକାଶ ନାୟକ)

# ଅସ୍ପୃଶ୍ୟତା: କେନ୍ଦ୍ର, ରାଜ୍ୟକୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ନୂଆଦିଲ୍ଲୀ,୬।୧୧(କୁଲଦୀପ ସିଂ)

ଓଡ଼ିଶାର 'ଚଣ୍ଡାଳ' ସମ୍ପ୍ରଦାୟର ଲୋକଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଏବଂ ରାଜ୍ୟ ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ଏହି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସେମାନେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଏବଂ ମୌଳିକ ସୁବିଧା ସୁଯୋଗ ପାଇବାରେ ଭେଦଭାବର ଶିକାର ହେବା ସହ ଅସ୍ପୃଶ୍ୟତାର ସମ୍ମୁଖୀନ ହେଉଥିବା ଆୟୋଗ ନିକଟରେ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ଆୟୋଗ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ସଚିବଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି।

ତ୍ରିପାଠୀ ଆୟୋଗଙ୍କୁ ଜଣାଇଛନ୍ତି ଯେ, ସମ୍ପ୍ରଦାୟର ନାମ 'ଚଣ୍ଡାଳ'କୁ ପରିବର୍ତ୍ତନ କରି 'ଆଦିଉତ୍କଳ' ଭାବେ ନାମିତ କରିବା ପାଇଁ ଏକ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ହରିଜନ କଲ୍ୟାଣ ପରାମର୍ଶଦାତା ବୋର୍ଡ ନିକଟରେ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକୁ ମଧ୍ୟ ପଠାଯାଇଥିଲା। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଏହା ଜାତି ପ୍ରମାଣପତ୍ର ବଣ୍ଟନରେ ଅସୁବିଧା ସୃଷ୍ଟି କରିବ। କାରଣ ଜମି ପଟ୍ଟା (ଆର୍‌ଓଆର୍)ରେ 'ଆଦିଉତ୍କଳ' ଜାତି ଭାବେ ଉଲ୍ଲେଖ ନାହିଁ। ଆବେଦନକାରୀ ଅନୁରୋଧ କରିଛନ୍ତି ଯେ, ଚଣ୍ଡାଳ ସମ୍ପ୍ରଦାୟର ମୋଟ ଜନସଂଖ୍ୟା କମ୍। ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକଙ୍କର ଜମିପଟ୍ଟା ରହିଛି। ଅନ୍ୟମାନେ ଅତ୍ୟନ୍ତ ଗରିବ। ତେଣୁ ଜାତି ପ୍ରମାଣପତ୍ର ପ୍ରଦାନ କରିବା କଷ୍ଟସାଧ୍ୟ ହେବ ନାହିଁ। ତ୍ରିପାଠୀ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ସମ୍ପ୍ରଦାୟର ଲୋକ ତଥା ସେମାନଙ୍କ ଭବିଷ୍ୟତ ପିଢ଼ିକୁ ସମ୍ମାନ ଏବଂ ଉପଶମ ଦେବା ନିମନ୍ତେ ଚଣ୍ଡାଳ ନାମ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଏନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଆୟୋଗ ଉପରୋକ୍ତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଡିଏକୁ ଉତ୍କଳର ଜମି ହସ୍ତାନ୍ତର ନେଇ ପ୍ରତିବାଦ

ଭୁବନେଶ୍ୱର,୬।୧୧ (ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ୨୦ ଏକର ଜମି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ହସ୍ତାନ୍ତର ନେଇ ବିଭିନ୍ନ ମହଲରୁ ବିରୋଧ କରାଯାଉଛି। ସୋମବାର ବିଶ୍ୱବିଦ୍ୟାଳୟର ଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଡିଏ ପକ୍ଷରୁ ଉକ୍ତ ଜମିରେ ପାନ୍ଥନିବାସ, ପାର୍କ, ଫୁଡ୍ ଷ୍ଟଲ ଆଦି କରାଯିବ ବୋଲି ସୂଚନା ମିଳିଛି। ତେବେ ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ଅବାଧ ପ୍ରବେଶ ସହ ଶୈକ୍ଷିକ ବାତାବରଣ ନଷ୍ଟ ହେବ ବୋଲି ଆନ୍ଦୋଳନରତ ଛାତ୍ରମାନେ ପ୍ରକାଶ କରିଛନ୍ତି। ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# ମାଡ଼ଖାଇ ପାଚେରି ଡେଇଁ ପଳାଇଲେ ପ୍ରଧାନ ଶିକ୍ଷକ

**ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ**

ଭୋଗରାଇ, ୬।୧୧(ପ୍ରଦୀପ ଦାସ)

ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ପ୍ରଧାନଶିକ୍ଷକ। ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ମାଡ଼ ମାରିବା ଓ ଭୟରେ ପ୍ରଧାନଶିକ୍ଷକ ପାଚେରି ଡେଇଁ ପଳାଇବା ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଅଧୀନ ଚଣ୍ଡୀପୁର-ମୁଣ୍ଡାବଣିଆ ନୋଡ଼ାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଗଣିତ ଓ ଜ୍ୟାମିତି ବୁଝାଇବା ବାହାନାରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚରଣ ଜେନା ଛାତ୍ରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଅସଦାଚରଣ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। କେତେକ ଛାତ୍ରୀ ଲଜ୍ଜାରେ ଘରେ କହୁ ନ ଥିବାବେଳେ ଅନ୍ୟ କେତେକ ଛାତ୍ରୀ ଘରେ ଜଣାଇଥିଲେ। ବାରମ୍ବାର ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ପ୍ରଧାନଶିକ୍ଷକଙ୍କଠାରେ ପରିବର୍ତ୍ତନ ଦେଖାଯାଇ ନ ଥିଲା। ସୋମବାର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଦେଇ ନିଜ କାର୍ଯ୍ୟାଳୟ ପଛରେ ପଡିଥିବା ଖଟିଆକୁ ଡାକି ଅସଦାଚରଣ କରିବାକୁ ଉଦ୍ୟମ କରୁଥିବାବେଳେ ସେ କୌଶଳକ୍ରମେ ଖସିଯାଇ କାନ୍ଦି କାନ୍ଦି ନିଜ ମା' ବାପାଙ୍କୁ ଜଣାଇଥିଲେ। ଗାଁରେ ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଦୀର୍ଘ ସମୟ ତାଙ୍କ କାର୍ଯ୍ୟାଳୟରେ ଅଟକ ରଖି ପ୍ରବଳ ମାଡ଼ ମାରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ କଖଡ଼ା ସିଆରସିସି ଲମ୍ବୋଦର ଜେନା ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଶାନ୍ତ କରାଇଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ପ୍ରଧାନ ଶିକ୍ଷକ ପାଚେରି ଡେଇଁ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ବର୍ଷ ପୂର୍ବେ କଟିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଥିବା ବେଳେ ଏଭଳି ଅସଦାଚରଣ ଅଭିଯୋଗରେ ଗ୍ରାମବାସୀଙ୍କଠାରୁ ପ୍ରବଳ ମାଡ଼ ଖାଇଥିଲେ। କମର୍ଦ୍ଦା ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଭଳି ଘଟଣାର ପୁନରାବୃତ୍ତି ନେଇ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାର ସତ୍ୟତା ପ୍ରମାଣିତ ହେଲେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଭଣ୍ଡାରିପୋଖରୀ, ୬।୧୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ନପଙ୍ଗ ଗ୍ରାମରେ ଜଣେ ୮ ମାସର ଗର୍ଭବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଖୋଳାମୁହଁଠାରେ ବସବାସ କରୁଥିବା ମାଳଦା ଗ୍ରାମର ପ୍ରଫୁଲ୍ଲ ଦାସଙ୍କ ଝିଅ ତପସ୍ୱିନୀ(୨୩)। ଏନେଇ ପ୍ରଫୁଲ୍ଲ ଭଣ୍ଡାରିପୋଖରୀ

**୮ ମାସ ତଳେ ପ୍ରେମବିବାହ କରିଥିଲେ**

ଥାନାରେ ଅଭିଯୋଗ କରିଛନ୍ତି ଯେ, ତପସ୍ୱିନୀ ୮ ମାସ ତଳେ ନପଙ୍ଗ ଗ୍ରାମର ସିପୁନ ଦାସଙ୍କୁ ପ୍ରେମ ବିବାହ କରିଥିଲେ। ସିପୁନ ପୂର୍ବରୁ ବିବାହିତ ଥିବାବେଳେ ତାଙ୍କର ଏକ କନ୍ୟା ସନ୍ତାନ ମଧ୍ୟ ଅଛନ୍ତି। ଏସବୁ ଜାଣିବା ସତ୍ତ୍ୱେ ତପସ୍ୱିନୀ ତାଙ୍କୁ ପ୍ରେମ ବିବାହ କରିଥିଲେ। ବାହାଘର ପରେ ଶାଶୁଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇଆସୁଥିଲେ। ଏନେଇ ପୂର୍ବରୁ ଅନେକବାର ଥାନାରେ ଅଭିଯୋଗ ହୋଇ ଘଟଣାର ସମାଧାନ ମଧ୍ୟ ହୋଇଛି। ସୋମବାର ସକାଳେ ନପଙ୍ଗ ଗ୍ରାମ ନିକଟ ରାସ୍ତାପାର୍ଶ୍ୱ ନୟନଯୋରିରୁ ତପସ୍ୱିନୀଙ୍କ ମୃତଦେହ ମିଳିଛି। ରବିବାର ବିଳମ୍ବିତ ରାତିରେ ସ୍ୱାମୀ ସିପୁନଙ୍କ ସମେତ ଶାଶୁଘର ଲୋକେ ତପସ୍ୱିନୀଙ୍କୁ ହତ୍ୟା କରିଥିବା ପ୍ରଫୁଲ୍ଲ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଲିସ ଏକ ହତ୍ୟା ମାମଲା (ନଂ.୩୫୫/୨୩) ରୁଜୁ କରି ସିପୁନଙ୍କୁ ଗିରଫ କରିଛି।

## ମୃଦୁପାନୀୟରେ ନିଶା ଦେଇ ମହିଳାଙ୍କୁ ଗଣବଳାତ୍କାର

ବଡ଼ବିଲ,୬।୧୧ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ହୋଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ପୀଡ଼ିତା ନିଜ ଘର ଛପର ସଜାଡୁଥିବା ବେଳେ ୨ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଡାକି ମୃଦୁପାନୀୟ ପିଇବାକୁ ଦେଇଥିଲେ। ପାନୀୟ ପିଇସାରିବା ପରେ ମହିଳା ଜଣକ କିଛି ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ମହିଳା ଘରଠାରୁ କିଛି ଦୂର ବେଲକୁଣ୍ଡି ଅଞ୍ଚଳରେ ପଡ଼ିଥିବା ଲୋକେ ଦେଖିଥିଲେ। ଖବର ପାଇ ବିଳମ୍ବିତ ରାତିରେ ବଡ଼ବିଲ ଥାନାର ମହିଳା ପୋଲିସ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପରେ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିଥିଲା। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ବିଲ ଥାନାରେ ଏକ ମାମଲା(ନଂ. ୩୧୩/୨୦୨୩) ରୁଜୁ ହୋଇଛି। ମହିଳାଙ୍କ ଡାକ୍ତରୀ ଚିକିତ୍ସା କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ନଭେମ୍ବର, ୨୦୨୩

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚତର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# କଥାରେ ଗୋମାତା

ସତୁରି ଦଶକରେ ନ୍ୟାଶନାଲ ଡେରୀ ଡେଭଲପ୍‌ମେଣ୍ଟ ବୋର୍ଡ ଦୁଗ୍ଧ ଚାଷକୁ ବ୍ୟାପକ କରିବା ଲାଗି ଅପରେଶନ ଫ୍ଲଡ୍ ଯୋଜନା ଆରମ୍ଭ କରିଥିଲା। ଏହା ଶ୍ୱେତ ବିପ୍ଳବର ଆରମ୍ଭ ଥିଲା ଓ ଏହାର ଜନକ ଥିଲେ ଡ.ଭର୍ଗିସ କୁରିଏନ । ସେହି ବିପ୍ଳବ ଆରମ୍ଭ ହେବାର ଅର୍ଦ୍ଧଶତାବ୍ଦୀ ପରେ ଓଡ଼ିଶାର ସ୍ଥିତି ଦୁର୍ବଳ ଥିବା ଜାଣି ସମସ୍ତେ ଦୁଃଖିତ ହୋଇଥିବେ। ନିକଟରେ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର ଆଣ୍ଡ୍ ରୁରାଲ ଡେଭଲପ୍‌ମେଣ୍ଟ (ନାବାର୍ଡ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ କମ୍ ରହିଛି। ଜାତୀୟ ସ୍ତରରେ ଏହା ଦିନକୁ ହାରାହାରି ୪୪୪ ଗ୍ରାମ୍ ଥିବାବେଳେ ରାଜ୍ୟରେ ୧୪୪ ଗ୍ରାମ୍ ବୋଲି ନାବାର୍ଡ ସ୍ପଷ୍ଟ କରିଛି। ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ଅନୁଯାୟୀ ପୌଷ୍ଟିକ ଆବଶ୍ୟକତା ପାଇଁ ଜଣେ ବ୍ୟକ୍ତିର ପୁଷ୍ଟି ସାଧନ ଲାଗି ଦୈନିକ ୩୦୦ ଗ୍ରାମ୍ ଦୁଗ୍ଧ ଦରକାର। ସେ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ଏହା ଅଧାରୁ କମ୍। ନାବାର୍ଡର ତଥ୍ୟରୁ ବୁଝାପଡ଼େ ଯେ, ଏବକାର ଦୁଗ୍ଧ ଉତ୍ପାଦନ ହାର ଆବଶ୍ୟକ ଚାହିଦା ପୂରଣ କରିପାରିନାହିଁ। ଗାଈ ଗଣତିରେ ଦେଖିବାକୁ ଗଲେ ଜାତୀୟ ସ୍ତରରେ ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା । ବଡ଼ଦାଣ୍ଡଠାରୁ ଆରମ୍ଭ କରି କ୍ଷୁଦ୍ର ଗ୍ରାମାଞ୍ଚଳର ରାସ୍ତାରେ ଶୋଇଥିବା ଗାଈ ସମସ୍ତଙ୍କ ବାଟ ଅବରୋଧ କରିଥାନ୍ତି। ଏବେ ନିଜକୁ ହଠାତ୍ ଉତ୍ତରଭାରତୀୟଙ୍କ ଭଳି ଓଡ଼ିଆମାନେ ହିନ୍ଦୁ ପାଲଟିଯାଇ ନିଜର ଇତିହାସକୁ ଭୁଲିବାରେ ଲାଗିପଡ଼ିଥିବାବେଳେ ଗାଈକୁ ମଧ୍ୟ ଗୋମାତାର ଆଖ୍ୟା ଦେଉଛନ୍ତି। କଟକଠାରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ସବୁଆଡ଼େ ଗୋରୁ ଚାଲାଣକୁ ରୋକିବା ପାଇଁ ଏହି ନବଜାତ ହିନ୍ଦୁମାନେ ଆଗଭର ହୋଇ ଟ୍ରକ ଚାଳକଙ୍କ ଉପରେ ହିଂସା ଭିଆଇବାକୁ ଚାଲିଆସୁଛନ୍ତି। କିନ୍ତୁ ଓଡ଼ିଶାର ପୁରପଲ୍ଲୀରେ ପୂର୍ବରୁ ଥିବା ଦେଶୀ ଗାଈଙ୍କୁ ବିକ୍ରି କରିବା କାର୍ଯ୍ୟରେ ଗ୍ରାମାଞ୍ଚଳର ସବୁ ଚାଷୀ ସମ୍ପୃକ୍ତ ଥାଆନ୍ତି। ଦେଶୀଗାଈଙ୍କଠାରୁ କ୍ଷୀର ଉତ୍ପାଦନ ମାତ୍ରା ଯଥେଷ୍ଟ ନୁହଁ ବୋଲି ଚିନ୍ତା କରି କୃଷକମାନେ ହଲଷ୍ଟିନ, ଜର୍ସି ଭଳି ଅନେକ ବିଦେଶୀ ପ୍ରାଣୀକୁ ପ୍ରବେଶ କରାଇଦେଲେଣି। ଏହି ଗାଈଙ୍କଠାରୁ କ୍ଷୀର ଉତ୍ପାଦନ ଅଧିକ ହେଉଥିବା ସତ୍ତ୍ୱେ, ଦେଶୀ ଗାଈଙ୍କ ତୁଳନାରେ ଯଥେଷ୍ଟ ବେଶୀ ଔଷଧ ଏବଂ ଖାଦ୍ୟ ବାବଦରେ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଗିର୍ ଗାଈର କିଛି ମାତ୍ରାରେ ସ୍ଥାନୀୟ ପାଣିପବନ ସହିତ ଚଳାଚଳ କରିବାର ସକ୍ଷମତା ରହିଛି। ତତ୍‌କ୍ଷଣାତ୍ କ୍ଷୀର ବିକି ଲାଭବାନ ହେବା ଲକ୍ଷ୍ୟରେ ଯେଉଁ ଚାଷୀ କାମ କରୁଛି ତାହା ପାଇଁ ହଲଷ୍ଟିନ କିମ୍ବା ଗିର୍ ଭଳି ଗାଈ ଅଧିକ ଆକର୍ଷଣୀୟ ହେଉଛି। ଏହିସବୁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଉଦ୍ଦେଶ୍ୟ ରହୁଥିବାବେଳେ ପ୍ରଥମ ଶିକାର ହୋଇଯାଇଛି ଓଡ଼ିଶାର ଦେଶୀ ଗାଈ।

> ହିନ୍ଦୀଭାଷୀ ଲୋକଙ୍କ ଭଳି ଗାଈର କେବଳ 'ଗୋମାତା'ଆଖ୍ୟା ଦେଇ ଭୋକିଲା ଛାଡ଼ିଦେଲେ ଭବିଷ୍ୟତରେ ସମସ୍ୟା ବୃଦ୍ଧି ପାଇବ। ଭେଟେରିନାରି ସେବାକୁ ସୁଦୃଢ଼ କରିବା ସହିତ ବିଦେଶୀ ଗାଈର ପ୍ରଚଳନକୁ ନିରୁତ୍ସାହିତ କରିବା ସହ ଦେଶୀ ଗାଈ ଉପରେ ଗବେଷଣା କରି ମାନ ବୃଦ୍ଧି କରିବାର ସମୟ ଆସିଲାଣି।

ବ୍ୟବସାୟିକ ମନୋଭାବ ରଖି ଗାଈ ପାଳିଥିବା ଚାଷୀ ଅନେକ କ୍ଷେତ୍ରରେ କ୍ଷତିର ମଧ୍ୟ ସମ୍ମୁଖୀନ ହେଉଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦକ୍ଷତାସମ୍ପନ୍ନ ଭେଟେରିନାରି ଡାକ୍ତରଙ୍କ ଅଭାବ ଯୋଗୁ ପ୍ରାଣୀ ପାଳନ କଷ୍ଟକର କାର୍ଯ୍ୟ। ଏଥି ସହିତ ଗତ ଦଶନ୍ଧି ମଧ୍ୟରେ ରାଜନୀତି ସହିତ ଧର୍ମର ମିଶ୍ରଣ ଫଳରେ କ୍ଷୀର ଦେଇପାରୁ ନ ଥିବା ବୁଢ଼ୀଗାଈକୁ ରକ୍ଷଣାବେକ୍ଷଣ କରିବା ପାଇଁ କେହି ନାହାନ୍ତି। ଯେଉଁ କେତୋଟି ଦେଖାଣିଆ ଗୋ-ଶାଳା ସୃଷ୍ଟି କରାଯାଇଛି ତାହା କେବଳ ଅତ୍ୟନ୍ତ ସୀମିତ ସଂଖ୍ୟକ ପ୍ରାଣୀ ରଖି ପାରୁଛନ୍ତି। ଫଳସ୍ୱରୂପ, ଅଦରକାରୀ ଗାଈ ଏବଂ ବୟସ୍କ ବଳଦଙ୍କୁ ମାଲିକମାନେ ଖାଦ୍ୟ ଦେବାରେ ସକ୍ଷମ ହେଉନାହାନ୍ତି। ସେଥିପାଇଁ ଗ୍ରାମାଞ୍ଚଳରେ ଅନେକ ଗୋରୁଙ୍କୁ ଖୋଲାରେ ଛାଡିଦେଉଛନ୍ତି ଏବଂ ସେମାନେ ବିଭିନ୍ନ ସମୟରେ ଚାଷ କାର୍ଯ୍ୟରେ ପ୍ରବଳ କ୍ଷତି ଘଟାଉଛନ୍ତି। ଆଜି ନାବାର୍ଡ ଯଦି ତାହାର ରିପୋର୍ଟରେ ଓଡ଼ିଶାକୁ ନିମ୍ନ କରିଦେଇଛି ତେବେ ସେଥିପାଇଁ ଆର୍ଥିକ ଲୋଭ ଏବଂ ଧର୍ମ ସହିତ ଜଡ଼ିତ ରାଜନୀତି ମୁଖ୍ୟତଃ ଦାୟୀ।

ଏହି ପରିସ୍ଥିତିରେ ପ୍ରତିକାର କରିବାକୁ ହେଲେ ଓଡ଼ିଶାର ଦେଶୀ ଗାଈ ପ୍ରଜାତିକୁ ପୁନରୁଦ୍ଧାର କରିବା ଦରକାର। ହିନ୍ଦୀଭାଷୀ ଲୋକଙ୍କ ଭଳି ଗାଈର କେବଳ 'ଗୋମାତା'ଆଖ୍ୟା ଦେଇ ଭୋକିଲା ଛାଡ଼ିଦେଲେ ଭବିଷ୍ୟତରେ ସମସ୍ୟା ବୃଦ୍ଧି ପାଇବ। ଭେଟେରିନାରି ସେବାକୁ ସୁଦୃଢ଼ କରିବା ସହିତ ବିଦେଶୀ ଗାଈର ପ୍ରଚଳନକୁ ନିରୁତ୍ସାହିତ କରିବା ସହ ଦେଶୀ ଗାଈ ଉପରେ ଗବେଷଣା କରି ମାନ ବୃଦ୍ଧି କରିବାର ସମୟ ଆସିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 9 | 5 | | | | | |
| 2 | | | | | | 5 | | 4 |
| | | | | | | 2 | 3 | |
| | | 8 | | | 6 | | 4 | |
| 1 | | | | | | 8 | | |
| | | | 3 | 5 | | | 2 | |
| | 8 | 6 | 7 | | | | | |
| | | 1 | | | | | 9 | 6 |
| | | | | 9 | | 3 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 7 | 9 | 2 | 1 | 5 | 8 |
| 2 | 1 | 9 | 4 | 8 | 5 | 3 | 6 | 7 |
| 8 | 5 | 7 | 6 | 1 | 3 | 4 | 9 | 2 |
| 3 | 8 | 5 | 9 | 7 | 1 | 6 | 2 | 4 |
| 1 | 9 | 4 | 3 | 2 | 6 | 7 | 8 | 5 |
| 7 | 2 | 6 | 5 | 4 | 8 | 9 | 1 | 3 |
| 9 | 6 | 8 | 2 | 3 | 7 | 5 | 4 | 1 |
| 4 | 7 | 2 | 1 | 5 | 9 | 8 | 3 | 6 |
| 5 | 3 | 1 | 8 | 6 | 4 | 2 | 7 | 9 |

ଗତକାଲିର ଉତ୍ତର

# ଇସ୍ରାଏଲ-ହମାସ ଯୁଦ୍ଧ ଓ ଗୁଟେରସ



ପ୍ରକାଶ ତ୍ରିପାଠୀ

ଇସ୍ରାଏଲ-ହମାସ ଯୁଦ୍ଧ ଅବସରରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ଭୂମିକାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ହମାସକୁ ଆତଙ୍କବାଦୀ ଗୋଷ୍ଠୀରେ ନ ରଖିବା ଓ ଗାଜାରେ ଯୁଦ୍ଧ ପ୍ରପୀଡ଼ିତ ଜନତାଙ୍କ ଉଦ୍ଦେଶ୍ୟରେ ଆସୁଥିବା ରିଲିଫ ସାମଗ୍ରୀ ହମାସ ଦ୍ୱାରା ହେଉଥିବା ଲୁଟ୍ ସମ୍ପର୍କରେ ଚୁପ୍ ରହିବା ତାଙ୍କର ଭୂମିକାକୁ ଅଧିକ ବିବାଦୀୟ କରିଛି। ଏପରିକି ଗୁଟେରସ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବାକୁ ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛି। ଗୁଟେରସ ଯୁଦ୍ଧର ଅଗ୍ନିକୁ ପାଣି ଢାଳି ଶାନ୍ତି କରିବା ବଦଳରେ ଇନ୍ଧନ ଢାଳି ଅଧିକ ଭୟାନକ କରୁଛନ୍ତି ବୋଲି ଅଭିଯୋଗ ଆସୁଛି। ବିଶେଷକରି ଗୁଟେରସଙ୍କ ଅଦୂରଦର୍ଶିତା କାରଣ ପାଇଁ ଗାଜାପଟ୍ଟିରେ ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବା ସହ ସେମାନଙ୍କ ପାଇଁ ବିଭିନ୍ନ ଦେଶରୁ ଯାଉଥିବା ରିଲିଫ ସାମଗ୍ରୀ ଠିକ୍‌ରେ ବଣ୍ଟନ ହୋଇପାରୁନାହିଁ। ଗୁଟେରସ ଜଣେ ପୋଖତ ରାଷ୍ଟ୍ରନୀତିଜ୍ଞ ଓ ଅନୁଭବୀ ରାଜନେତା। ଜାତିସଂଘ ମହାସଚିବ ହେବା ପୂର୍ବରୁ ସେ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଥିଲେ ଓ ଜାତିସଂଘର ଅନେକ ସଂସ୍ଥାରେ କାର୍ଯ୍ୟ ବି କରିଥିଲେ। ମିଳିତ ଜାତିସଂଘ ମହାସଚିବ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ। ଏହି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଅତ୍ୟନ୍ତ ନିରପେକ୍ଷ, ସ୍ୱାଧୀନ ଓ ଅନୁକରଣୀୟ। ଏହା ଉପରେ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ବିଶ୍ୱାସ ଓ ଭରସା ତିଷ୍ଠି ଥାଏ। କିନ୍ତୁ ଇସ୍ରାଏଲ-ହମାସ ଯୁଦ୍ଧରେ ଜାତିସଂଘର ଭୂମିକା ଯାହା ହେବା କଥା ତାହା ହୋଇନାହିଁ। ମହାସଚିବଙ୍କ ଅଦୂରଦର୍ଶିତା ତଥା ପକ୍ଷପାତି ନୀତି ପାଇଁ ଏଠାରେ ଶାନ୍ତି ପ୍ରତିଷ୍ଠା ବଦଳରେ ଯୁଦ୍ଧର ଘନାଘଟା ତୀବ୍ର ହେବାରେ ଲାଗିଛି।

ପ୍ରଥମରୁ ହମାସର ପକ୍ଷ ନେଇ ଜାତିସଂଘ ମହାସଚିବ ଗୁଟେରସ ନିଜର ଅପାରଗପଣିଆ ପ୍ରଦର୍ଶନ କରିଛନ୍ତି। ହମାସ ପକ୍ଷରୁ ଇସ୍ରାଏଲ ଉପରେ ପ୍ରଥମେ ଆକ୍ରମଣକୁ ସେ ନିନ୍ଦା କରିବା ବଦଳରେ ଆକ୍ରମଣ ଅକାରଣ ହୋଇନାହିଁ ବୋଲି ମନ୍ତବ୍ୟ ଦେଇଛନ୍ତି। ହମାସର ଅଚାନକ ଆକ୍ରମଣ ଅତ୍ୟନ୍ତ ଅମାନବୀୟ ଓ ବର୍ବର ଥିଲା। ମହିଳାଙ୍କ ସହ ଛୋଟ ଛୋଟ ପିଲାମାନଙ୍କୁ ହତ୍ୟା କରିବା ସହ ମୃତ ମହିଳାଙ୍କୁ ବଳାତ୍କାର କରିବାକୁ ଭୁଲି ନ ଥିଲା ବର୍ବର ହମାସ ଆତଙ୍କଗୋଷ୍ଠୀ। ଏଭଳି ଭିଡିଓ ଦେଖି ସମଗ୍ର ବିଶ୍ୱ ସ୍ତବ୍ଧ ହେବା ସହ ହମାସ ସପକ୍ଷରେ ଥିବା ସାମାନ୍ୟ ସହାନୁଭୂତି ଶେଷ ହୋଇଯାଇଥିଲା। ହମାସ ରିଲିଫ ସାମଗ୍ରୀ ଲୁଟୁଛି ଓ ଏହାରି ଉପରେ ହିଁ ସେ ଆତଙ୍କିକାର୍ଯ୍ୟ କରିଚାଲିଛି। ଯୁଦ୍ଧ ପ୍ରପୀଡ଼ିତ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚି ପାରୁନାହିଁ କି ଏହା କିପରି ଭୋକିଲା ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚିବ ତାହା ଉପରେ କିଛି କାର୍ଯ୍ୟକ୍ରମ ବି ଜାତିସଂଘର ନାହିଁ। ହମାସର ଆତଙ୍କିକାର୍ଯ୍ୟକୁ ନିନ୍ଦା ନ କରି ଗୁଟେରସ ଜାତିସଂଘର ପ୍ରତିଷ୍ଠାରେ ଆଞ୍ଚ୍ ଆଣିଛନ୍ତି। ଏହାକୁ ଆଧାର କରି ସମ୍ପ୍ରତି ଇସ୍ରାଏଲ ଗୁଟେରସଙ୍କ



ବିରୋଧରେ ଲବି ଆରମ୍ଭ କରିଦେଇଛି। ଗତ କିଛି ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା ଯେ କୌଣସି ରାଷ୍ଟ୍ର ଜାତିସଂଘର ମହାସଚିବଙ୍କ ବିରୋଧରେ ମୋର୍ଚ୍ଚା ପ୍ରସ୍ତୁତ କରିବା ଓ ମହାସଚିବଙ୍କ କାର୍ଯ୍ୟକୁ ବର୍ବର କହିବା। ଏହା ସତ୍ୟ ଯେ ହମାସର ଆକ୍ରମଣ ଅତ୍ୟନ୍ତ ବର୍ବର ଥିଲା, କିନ୍ତୁ ଇସ୍ରାଏଲର ପାଲଟା ଜବାବକୁ ସମର୍ଥନ ଏତେଟା ମହତ୍ତ୍ୱପୂର୍ଣ୍ଣ ହୋଇ ନ ଥାନ୍ତା ଯଦି ମହାସଚିବ ଗୁଟେରସ ହମାସ ସପକ୍ଷରେ ନିଜର ମନ୍ତବ୍ୟ ଦେବା ପୂର୍ବରୁ ସଂଯମ ଆଚରଣ କରିଥାନ୍ତେ। ହମାସର ଆକ୍ରମଣକୁ ନିନ୍ଦା ସହ ଶାନ୍ତି ଆଚରଣ ପାଇଁ ପରାମର୍ଶ ଦେଇଥିଲେ ତାହା ଭିନ୍ନ ରୂପ ନେଇଥାନ୍ତା। ଗୁଟେରସ ହମାସ ସପକ୍ଷରେ କହିଥିଲେ ଯେ, ପାଲେଷ୍ଟିନୀୟମାନେ ଅନେକ ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି, ସେମାନଙ୍କର ବସତି କ୍ଷତିଗ୍ରସ୍ତ ହେବା ସହ କ୍ରମାଗତ ହିଂସା ଦ୍ୱାରା ସେମାନ ପୀଡ଼ିତ ହୋଇଆସୁଛନ୍ତି। ସେମାନଙ୍କ ଅର୍ଥନୀତି ଭୁଶୁଡ଼ିଛି ଓ ସେମାନେ ବିସ୍ଥାପିତ ଓ ବେଘର ହୋଇଛନ୍ତି। ରାଜନୈତିକ ଆଧାରରେ ସେମାନଙ୍କର ସଙ୍କଟର ସମାଧାନର ବାଟ ବନ୍ଦ ହୋଇଯାଉଛି ବୋଲି ଗୁଟେରସ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଯାହାକୁ କି ଇସ୍ରାଏଲ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଆତଙ୍କବାଦକୁ ସହ୍ୟ କରିବା ଅର୍ଥ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା। ଏହାଦ୍ୱାରା ଜାତିସଂଘ ସେକ୍ରେଟାରି ଜେନେରାଲ ନିଜର ନୈତିକତା ଓ ନିରପେକ୍ଷତା ହରାଇଛନ୍ତି। ହମାସ ପକ୍ଷରୁ ଶିଶୁମାନଙ୍କ ମୁଣ୍ଡ କଟାଗଲା, ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନ ପୋଡ଼ି ଦିଆଗଲା, ମହିଳାମାନଙ୍କୁ ବଳାତ୍କାର କରାଗଲା। ଆଉ କେତେ ବର୍ବରକାଣ୍ଡ ହମାସ ପକ୍ଷରୁ ହୋଇଥିଲେ ଗୁଟେରସ ଖୁସି ହୋଇଥାନ୍ତେ। ଏହା ସତ୍ତ୍ୱେ ବି ଇସ୍ରାଏଲକୁ ଦୋଷ ଦେବା ପରିତାପର ବିଷୟ ବୋଲି ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇସ୍ରାଏଲ ନାଗରିକଙ୍କ ଦୁଃଖ ଗୁଟେରସଙ୍କୁ ଦେଖାଯାଉନାହିଁ। ମହାସଚିବ ଗୁଟେରସ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ଦେଇ ଜାତିସଂଘ କାର୍ଯ୍ୟାଳୟର ପବିତ୍ରତାକୁ ରକ୍ଷା କରିବାକୁ ଇସ୍ରାଏଲ ପକ୍ଷରୁ କୁହାଯାଇଛି।

ଇସ୍ରାଏଲ ପକ୍ଷରୁ କେବଳ ଗୁଟେରସଙ୍କୁ ସମାଲୋଚନା କରାଯାଇନାହିଁ, ବରଂ ମିଳିତ ଜାତି ସଂଘର ସମ୍ପୂର୍ଣ୍ଣ ସଂରଚନା ଓ ନୀତିକୁ ମଧ୍ୟ ନିନ୍ଦା କରାଯାଇଛି। ଯୁଦ୍ଧ ସମୟରେ ମିଳିତ ଜାତିସଂଘର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ପ୍ରପୀଡ଼ିତ ଜନସାଧାରଣଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ମାନବିକ ଅଧିକାର ଓ ମାନବୀୟତା ରକ୍ଷା ହେଉଛି ଜାତିସଂଘର ଏକ ମୌଳିକ କାର୍ଯ୍ୟ। କିନ୍ତୁ ଗାଜାପଟ୍ଟିରେ ଜାତିସଂଘର ଉଦ୍ଧାରକାରୀ ଏଜେନ୍ସିକୁ ଉଦ୍ଧାର କାର୍ଯ୍ୟରେ ଓ ରିଲିଫ ସାମଗ୍ରୀ ବଣ୍ଟନରେ କୌଣସି ସହଯୋଗ ଓ ସହାୟତା ମିଳୁନାହିଁ। ମୋଟ ଉପରେ କହିବାକୁ ଗଲେ ଜାତିସଂଘର ବିଭିନ୍ନ ଏଜେନ୍ସି ଏଠାରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଇଛି। ପ୍ରକାଶଯୋଗ୍ୟ ଯେ, ଇହୁଦୀ ଏଜେନ୍ସିର ମୁଖ୍ୟ ଡେଭିଡ ବେନ୍-ଗୁରିଅନ ଇସ୍ରାଏଲ ରାଜ୍ୟ ପ୍ରତିଷ୍ଠା ୧୯୪୮ରେ ଘୋଷଣା କରିଥିଲେ, ଯାହାକୁ କି ସେହି ଦିନ ଆମେରିକା, ରୁଷିଆ ସମେତ ଅନେକ ରାଷ୍ଟ୍ର ସ୍ୱୀକୃତି ପ୍ରଦାନ କରିଥିଲେ। ଅର୍ଥାତ ମିଳିତ ଜାତିସଂଘର ପ୍ରତିଷ୍ଠା ପରେ ଇସ୍ରାଏଲର ଜନ୍ମ ହୋଇଥିଲା। କିନ୍ତୁ ପାଲେଷ୍ଟାଇନର ଆତଙ୍କି ସଂଗଠନ ନୂତନ ଇସ୍ରାଏଲ ଗଠନକୁ ଗ୍ରହଣ କରିପାରୁନାହାନ୍ତି। ପାଲେଷ୍ଟାଇନରେ ଇସ୍‌ଲାମ ପୂର୍ବରୁ ଇହୁଦୀ ଓ ଇସାଇମାନଙ୍କର ଆବାସ ଥିଲା। ଇହୁଦୀମାନଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ଓ ଦେଶଭକ୍ତି ଭାବ ଯୋଗୁ ଆଜି ଇସ୍ରାଏଲ ଏକ ପ୍ରମୁଖ ବିକାଶଶୀଳ ଦେଶ ଭାବେ ଦଣ୍ଡାୟମାନ ହୋଇପାରିଛି। ଆରବ ରାଷ୍ଟ୍ର ସମୂହ ଓ ଇସ୍ରାଏଲ ମଧ୍ୟରେ ବିବାଦ ଅତି ପୁରୁଣା ଓ ଧର୍ମ ଆଧାରରେ ହେଉଥିବା ଯୁଦ୍ଧର ଏକ ଜ୍ୱଳନ୍ତ ପ୍ରମାଣ। ଯେ ପର୍ଯ୍ୟନ୍ତ ହମାସ ଭଳି ଆତଙ୍କବାଦୀ ଗୋଷ୍ଠୀ ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରିବେ ନାହିଁ, ସେ ପର୍ଯ୍ୟନ୍ତ ପାଲେଷ୍ଟାଇନ ସଙ୍କଟ ସମାଧାନ ହେବନାହିଁ।

ବିଶ୍ୱରେ ଯେବେବି କୌଣସି ବଡ଼ ସଙ୍କଟ ସୃଷ୍ଟି ହୁଏ, ସେତେବେଳେ ଏହାର ସମାଧାନ ନିମନ୍ତେ ବିଶ୍ୱବାସୀଙ୍କ ନଜର ପ୍ରଥମେ ଯାଇଥାଏ ମିଳିତ ଜାତିସଂଘ ଉପରକୁ। ଦେଶ ଦେଶ ମଧ୍ୟରେ ବିବାଦ, ଯୁଦ୍ଧ ଅବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଉ, ସାଧାରଣ ମଣିଷର ସୁରକ୍ଷା ପାଇଁ ଜାତିସଂଘର ଭୂମିକାକୁ ବିଶ୍ୱବାସୀ ଦେଖିଥାନ୍ତି। ମିଳିତ ଜାତିସଂଘ ହେଉଛି ବିଶ୍ୱର ସର୍ବବୃହତ ଆନ୍ତର୍ଜାତିକ ସଂଗଠନ, ଯେଉଁଥିରେ କି ବିଶ୍ୱର ସମସ୍ତ ରାଷ୍ଟ୍ର ସଦସ୍ୟ ଅଛନ୍ତି। ଏହାର ଅଧୀନ ପ୍ରତ୍ୟେକଟି ସଂସ୍ଥା ମାନବୀୟ ସଙ୍କଟ, ପ୍ରାକୃତିକ ବିପର୍ଯ୍ୟୟ ଭଳି ଦୁଃସମୟରେ ପ୍ରଥମେ ଆଗକୁ ଆସି ସହାୟତାର ହାତ ବଢ଼ାଇଥାଏ। ଦେଶ ଦେଶ ମଧ୍ୟରେ ଯୁଦ୍ଧ ସମୟରେ ଏହାର ଭୂମିକା ଓ ଦାୟିତ୍ୱ ଅଧିକ ବଢ଼ି ଯାଇଥାଏ। ଗୋଟିଏ ପଟେ ଯୁଦ୍ଧ ପ୍ରପୀଡ଼ିତ ମଣିଷକୁ ମାନବୀୟ ସହାୟତା ପହଞ୍ଚାଇବା ସହ ଯୁଦ୍ଧରତ ଦେଶ ମଧ୍ୟରେ ଯୁଦ୍ଧ ବିରାମ ଆଣିବା ଓ ସେମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନର ଗୁରୁଦାୟିତ୍ୱ ଜାତିସଂଘ ଉପରେ ଆସିଥାଏ। ଏହି ଦୁଇ କ୍ଷେତ୍ରରେ ଜାତିସଂଘର ଭୂମିକା କେତେଦୂର ସଫଳ ହେଉଛି ତାହା ଗତ କିଛି ଦଶକ ହେବ ସାରା ବିଶ୍ୱ ଦେଖୁଛି। ଜାତିସଂଘର ସାର୍ଥକତା, ଆବଶ୍ୟକତା, ନିରପେକ୍ଷତା ଓ ସକ୍ରିୟତାର ପ୍ରଶ୍ନ ଏବେ ସମଗ୍ର ବିଶ୍ୱବାସୀଙ୍କ ମନରେ ଉଙ୍କି ମାରୁଛି।

ମୋ: ୯୪୩୭୨୩୨୪୬୩

# ସମ୍ପର୍କ ପରିଭାଷା



ହରେକୃଷ୍ଣ ଦାସ

ସବୁବେଳେ ହସ ହସ ଦିଶୁଥିବା ବନ୍ଧୁଙ୍କର ଅଚାନକ ବିଷଣ୍ଣ ବଦନର କାରଣ ପଚାରିବା ମାତ୍ରେ ତାଙ୍କ ଭିତରର ଦାର୍ଶନିକଟା ପ୍ରଗଳ୍ଭ ହୋଇଉଠିଲା, ''ବୁଝିଲ, ଆଜିକାଲିର ଅଧିକାଂଶ ମଣିଷ ଖୁବ୍ ମତଲବି। ଟିକିଏ ବିରକ୍ତ ହୋଇ ବନ୍ଧୁ କହିଲେ,''କୋଟେଶନ ଯୋଉଠୁ ଆଣେ ପଛେ, କଥାଟା ସତ ନା ନାହିଁ?'' ମୁଁ ପ୍ରତିବାଦ କରି କହିଲି, '' ହେଲେ ଆମ ସମ୍ପର୍କ ଭିତରେ ଫାଇଦାର ଚିହ୍ନବର୍ଣ୍ଣ ତ ଦିଶୁନି। ଆମେ ଦୁହେଁ ତ କେହି କାହାଠାରୁ କିଛି ଫାଇଦା ଉଠାଉନେ। '' ବନ୍ଧୁ ଟିକିଏ ବିରକ୍ତ ହୋଇ କହିଲେ,''ଆମ ସମ୍ପର୍କକୁ ଦୁନିଆ ଯାକର ଲୋକଙ୍କର ସମ୍ପର୍କର ମାନଦଣ୍ଡ ବୋଲି ଭାବନି। ଏ ପ୍ରସଙ୍ଗରେ ମୁଁ ଯୋଉ ପ୍ରକାର ଚିନ୍ତାକରି କଷ୍ଟ ଅନୁଭବ କରୁଛି, ତମେ ବି ସେଇ ପ୍ରକାର ଅଶାନ୍ତି ଭୋଗୁଥାଇପାର। କିନ୍ତୁ ତମେ କିଛି ବି କେବେ ନ ଘଟିଥିବାର ଛଳନା କରିପାର ଯାହା।''

ଏକଥା ସତ ଯେ ଆମେ ସମସ୍ତେ ବିଭିନ୍ନ ପ୍ରକାର ଛଳନା ଭିତରେ ବଞ୍ଚୁଛେ। ଯେହେତୁ ମାତ୍ରାଧିକ ସତ୍ୟ ସବୁବେଳେ ବରଦାସ୍ତ କରିହୁଏନା କିମ୍ବା ପ୍ରକାଶ କରି ହୁଏନା, ଆମେମାନେ ବିଭିନ୍ନ ଛଳନା ଜରିଆରେ ନିଜକୁ ଭୁଲେଇବାକୁ ଚେଷ୍ଟାକରୁ। ଅନେକ ସମ୍ପର୍କ ଆମକୁ ଖୁବ୍ କଷ୍ଟ ଦିଏ, ଆମ ଶାନ୍ତି ନଷ୍ଟକରେ। କିନ୍ତୁ ବିଭିନ୍ନ କାରଣରୁ ଆମେ ସେସବୁ କାହା ଆଗରେ ପ୍ରକାଶ କରିପାରୁନା। ପାଦର ଆଙ୍ଗୁଠିକୁ ମୋଡ଼ି କ୍ଷତାକ୍ତ କରୁଥିବା ଅଥଚ ସୁନ୍ଦର ଦିଶୁଥିବା ଜୋତା ପରି ଆମେ ପ୍ରାୟତଃ ତାକୁ ସହ୍ୟ କରିନେଉ। କିନ୍ତୁ ସୁନ୍ଦର ଦିଶିବାର ଆତ୍ମପ୍ରବଞ୍ଚନାରୁ ନିଜକୁ ମୁକାଳିପାରିଲେ ଅଳ୍ପ ସମୟର ଦୁଃଖ ଆସେ ସିନା ମାତ୍ର ଦୀର୍ଘସ୍ଥାୟୀ ଶାନ୍ତି ମିଳିପାରେ।

ଆଉ ଏକଥା ବି ସତ ଯେ ଅନେକ ଲୋକ ଛଳନାପୂର୍ଣ୍ଣ ସମ୍ପର୍କକୁ ନିଜ ଚରିତ୍ରର ଏକ ବୈଶିଷ୍ଟ୍ୟ କରିଦେଇଥାନ୍ତି। ସାମ୍ନାରେ ଅତ୍ୟନ୍ତ ମଧୁର କଥା କହି ,ଏକଦମ ଆତ୍ମୀୟ ତଥା ଶୁଭାକାଂକ୍ଷୀ ବୋଲି ଦେଖେଇବାକୁ ଚେଷ୍ଟା କରୁଥିବା ଅନେକ ଲୋକ ପ୍ରକୃତରେ ଆମକୁ ହଇରାଣ କରିବାକୁ ନାନା ଫନ୍ଦିଫିକର କରୁଥିବାର ଆମେ ଜାଣୁ, କିନ୍ତୁ ଆମେ ବି ଛଳନା କରିବାରେ ଏତେ ମାହିର ଯେ କେବେ ଜଣେଇ ଦେଉନା ତାଙ୍କ ଚରିତ୍ର ଓ ଯୋଜନା ଆମେ ଠିକ୍ ଠିକ୍ ପଢ଼ିପାରିଛୁ ବୋଲି।

ଛଳନାର ଏ ସମ୍ପର୍କ ଏମିତି ଗୋଟେ ବ୍ୟାଧି ଯାହା ଘର ପରିବାରଠୁ ଆରମ୍ଭକରି ସମାଜ ପର୍ଯ୍ୟନ୍ତ ସବୁ ସ୍ତରକୁ ଆକ୍ରାନ୍ତ କରି ରଖିଛି। ଅନ୍ୟକୁ ହଇରାଣକରି ନିଜେ ଖୁସି ହେବା, ଅନ୍ୟର ଦୁଃଖକଷ୍ଟକୁ ଉପଭୋଗ



କରିବା, ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ନ ହେବା ତଥା ଅନ୍ୟର ସୁଖ ପ୍ରତି ଅସହିଷ୍ଣୁ ହୋଇଯିବାର ବିକୃତ ମାନସିକତା ଆମ ସବୁ ସମ୍ପର୍କକୁ କଳୁଷିତ କରିଦେଉଛି। ନିଜର ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ଆସିଲେ ଅତି ମଧୁର ସମ୍ପର୍କକୁ ତିକ୍ତତାରେ ବଦଳେଇଦେବାକୁ ଆମେ ଟିକିଏ ବି ଦ୍ୱିଧା କରୁନା। ଆହୁରି ବିଚିତ୍ର ସ୍ଥିତି ହେଲା ଯେ ବର୍ତ୍ତମାନ ମଣିଷ ନିଜ ଘର, ପରିବାର, ଆତ୍ମୀୟସ୍ୱଜନଙ୍କ ସହ ଭଲ ସମ୍ପର୍କ ରହିବା ନ ରହିବାକୁ ଖାତିର ନ କରି ଆଦୌ ଦେଖି ନ ଥିବା ଜାଣି ନ ଥିବା ଲୋକଙ୍କ ସହ ସୋସିଆଲ ମିଡିଆରେ ସମ୍ପର୍କ ବଢ଼େଇବାକୁ ଯତ୍ନଶୀଳ। ଏ ପ୍ରକାର ଅଧିକାଂଶ ସମ୍ପର୍କ କେବଳ ମିଛ ପ୍ରଶଂସା ଓ ଚାଟୁକାରିତାକୁ ନେଇ ବଞ୍ଚିରହିଥାଏ । ଆମ ଅହଂକାର ଓ ଅଭିମାନକୁ ବାଧା ନ ଆସିବା ଯାଏଁ ହିଁ ସବୁକିଛି ଠିକ୍‌ଠାକ୍ ଥାଏ , ଅଥଚ ଏଇ ମିଛ ସମ୍ପର୍କରୁ ଖୁସି ସାଉଁଟିବାକୁ ସମସ୍ତେ ତତ୍ପର।

ଆଜି ଏତେ ଫିଲୋସଫିକାଲ ପାଲଟିଯିବାର ବିଶେଷ କାରଣ କ'ଣ ବୋଲି ପଚାରିବାରୁ ବନ୍ଧୁ କହିଲେ,''ଆମ ଅଫିସରେ ମଦନବାବୁଙ୍କ ସହ ମୋର ଘନିଷ୍ଠତା ବିଷୟରେ ତ ଜାଣିଛ। ଏମିତିରେ ବି ସେ ସମସ୍ତଙ୍କ ସହ ଖୁବ୍ ମଧୁର କଥାବାର୍ତ୍ତା କରି ହସଖୁସିଆ ଢଙ୍ଗରେ ମିଶନ୍ତି। କିନ୍ତୁ ସେ ଭିତରେ ଭିତରେ ମୋ ପ୍ରତି ଖୁବ୍ ଈର୍ଷାଳୁ ଓ ଅସହିଷ୍ଣୁ। ମୋ ପଛପଟେ ମୋ ନାଆଁରେ ଚୁଗୁଲି କରୁଥିବେ ଅଥଚ ସାମ୍ନାରେ ପଡ଼ିଲେ ମତେ ନିଜର ସବୁଠୁ ଅନ୍ତରଙ୍ଗ ବୋଲି ଦେଖେଇ ହେଉଥିବେ। ପ୍ରାୟ ସବୁ ଷ୍ଟାଫ୍‌ଙ୍କ ସହ ତାଙ୍କର ଏମିତିଆ ଚାଲବାଜିଆ ସମ୍ପର୍କ।'' ଯଦି ସେ ଏ ପ୍ରକାର ବୋଲି ସମସ୍ତେ ଜାଣିଛନ୍ତି, ତା'ହେଲେ ତ କେହି ତାଙ୍କ ସହ ଭଲରେ ମିଶିପାରୁ ନ ଥିବେ! ମୁଁ କହିଲି, '' ନା ନା , ପ୍ରକୃତରେ ସମସ୍ତେ ତାଙ୍କ ସହ ସେମିତି ଉପରଠାଉରିଆ ଭାବରେ ମିଶନ୍ତି। ସେ ବି କେବଳ ଫାଇଦା ଥିବାର ସମ୍ଭାବନା ଦେଖିଲେ ହିଁ କାହା ସହ ଭଲରେ ମିଶନ୍ତି। ତାଙ୍କ ପଛପଟେ ସମସ୍ତେ ତାଙ୍କୁ ଟାହିଟାପରା କଲେ ମଧ୍ୟ ବୟସ ଦୃଷ୍ଟିରୁ ସାମ୍ନାରେ କିଛି କହିହୁଏନି।'' ସେ ପିଲା ସହ ଯଦି ୟାଙ୍କ ମାନସିକତା ମିଶିଯାଉଥିବ ତେବେ ସେମାନଙ୍କ ଅନ୍ତରଙ୍ଗତାରେ ଅସୁବିଧା କୋଉଠି ରହିଲା ? ମୁଁ ପଚାରିବାରୁ ବନ୍ଧୁ କହିଲେ, ''ଅନାବିଳ ଆତ୍ମୀୟତା ଥିଲେ କିଛି ଅସୁବିଧା ନାହିଁ। ମତଲବ ଲୁଚେଇ ରଖି ଅନ୍ତରଙ୍ଗ ଦେଖେଇ ହେଇ କେହି କ'ଣ ସତରେ କାହାର ପ୍ରିୟ ହୋଇପାରିବ ?

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଏମିତି ଗାଁ ଯେଉଁଠି ସମସ୍ତେ ଜଣେ ଜଣେ ୟୁଟ୍ୟୁବର। ଛତିଶଗଡ଼ର ଏହି ଗାଁର ନାଁ ତୁଲସୀ। ସେଠାରେ କେହି ସରକାରୀ ଚାକିରି ଖୋଜୁନାହାନ୍ତି କିମ୍ବା କୌଣସି ଘରୋଇ ସଂସ୍ଥାରେ ଚାକିରି କରିବାକୁ ଚାହାନ୍ତି ନାହିଁ। କେବଳ ୟୁଟ୍ୟୁବର ଭାବେ ସେମାନେ ଆତ୍ମନିର୍ଭର ହୋଇଛନ୍ତି। ଉକ୍ତ ଗାଁରେ ସମସ୍ତେ ସେମାନଙ୍କ ସ୍ମାର୍ଟ ଫୋନ୍‌ରେ ଭିଡିଓ ପ୍ରସ୍ତୁତ କରୁଛନ୍ତି। ୫ ବର୍ଷର ପିଲାଠାରୁ ଆରମ୍ଭକରି ୮୦ ବର୍ଷର ବ୍ୟକ୍ତି ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଜଡ଼ିତ। ଏମାନେ ଫ୍ରିଲାନ୍ସ କାମକରି ଭଲ ରୋଜଗାର କରୁଛନ୍ତି। ଏହି ଅଭିଯାନ ୨୦୧୮ରେ ଆରମ୍ଭ ହୋଇଥିଲା ଯେତେବେଳେ ଗାଁର ଜ୍ଞାନେନ୍ଦ୍ର ଓ ଜୟ ବର୍ମା ' ବିଙ୍ଗ୍ ଛତିଶଗଡ଼ିଆ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଛୋଟ ଛୋଟ ଘଟଣା, ପର୍ବପର୍ବାଣି ଓ କମେଡି ଭିଡିଓ କରି ଅପ୍‌ଲୋଡ୍ କରିବା ଆରମ୍ଭ କରିଥିଲେ। ଧୀରେଧୀରେ ଏହି ଭିଡିଓକୁ ଅନ୍ୟମାନେ ପସନ୍ଦ କରିବା ଦ୍ୱାରା ସେମାନେ ସେଥିରୁ ରୋଜଗାର କରିବାକୁ ଲାଗିଲେ। ଏବେ ସେହି ଗାଁରେ ୪୦ରୁ ଅଧିକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିସାରିଲାଣି। ଗାଁର ଲୋକେ କୌଣସି ପ୍ରଶିକ୍ଷଣ ବିନା ଭିଡିଓ ରେକର୍ଡିଂଠାରୁ ଆରମ୍ଭକରି ଆକ୍ଟିଂ ଓ ଏଡିଟିଂ କାର୍ଯ୍ୟ କରୁଛନ୍ତି । ଗ୍ରାମବାସୀଙ୍କ ଆଗ୍ରହକୁ ଦେଖି ସ୍ଥାନୀୟ ଜିଲାପାଳ 'ହମର ଫ୍ଲଇକସ'ନାମକ ଏକ ଷ୍ଟୁଡିଓ ନିର୍ମାଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୮

- ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷିଭିତ୍ତିକ ଶିଳ୍ପ ପରିଚାଳନା ପାଇଁ କେନ୍ଦ୍ର କୃଷି ମନ୍ତ୍ରୀ ସୋମ ପାଲଙ୍କ ନେତୃତ୍ୱରେ ଉଚ୍ଚ ସ୍ତରୀୟ ଜାତୀୟ ଟାସ୍କ ଫୋର୍ସ ଗଠନ।
- ଯୌନ ଉଦ୍ଦୀପକ ବଟିକା 'ଭାଏଗ୍ରା'ର ୬ ମାସ ପାଇଁ ପରୀକ୍ଷାମୂଳକ ଭାବେ ବିକ୍ରି ପାଇଁ ସିଙ୍ଗାପୁର ସରକାରଙ୍କ ଅନୁମତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅଚ୍ଛେ ଦିନ୍‌ର ପ୍ରତୀକ୍ଷାରେ

ମହାଶୟ,

ଅଚ୍ଛେ ଦିନ୍ ଆସିବ ବୋଲି ଆମେ ଅନେକ ଥର ଶୁଣିଆସିଛୁ । ଏହାର ମାନେ ହେଲା ଭଲଦିନ । ଭାଜପା ସରକାର ସାଧାରଣ ଜନତାଙ୍କ ଆସ୍ଥାଭାଜନ ହେବା ପାଇଁ ଏହିପରି ଗୋଟିଏ ଶବ୍ଦର ବାରମ୍ବାର ପ୍ରଚାର କରିଛନ୍ତି । ସତରେ କ'ଣ ଜନତାଙ୍କ ପାଇଁ କିଛି ଭଲ ସମୟ ଆସିଛି। ଗୋଟିଏ ରାଜନୈତିକ ଦଳ ଭୋଟ ପାଇବା ପାଇଁ ଜନତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥାଏ। କିନ୍ତୁ ସବୁ ପ୍ରଲୋଭନଠାରୁ ବଡ଼ ହେଲା ସୁଖମୟ ଦିନ ବା ସୁଖମୟ ଜୀବନ । ଭାଜପା ସାଧାରଣ ଜନତାଙ୍କୁ ଯେଉଁ ଅଚ୍ଛେ ଦିନ୍‌ର ପ୍ରତିଶ୍ରୁତି ଦେଇଥିଲା ତାହା ଆଣିପାରିଲେ ନାହିଁ । ଦେଶରେ ଦରଦାମ ବୃଦ୍ଧି ସହ ବେରୋଜଗାର ବଢ଼ିଛି । ଧନୀ ଲୋକ ଆହୁରି ଧନୀ ହେଲେ । ଦେଶର ୪୦% ଧନ କେବଳ ୧% ଲୋକଙ୍କ ହାତକୁ ଚାଲିଗଲା ଏବଂ ୧୦% ଧନୀ ଲୋକ ଦେଶର ୭୭% ଧନର ମାଲିକ ହୋଇଗଲେ। ୯୦% ଲୋକ ବାକି ୨୩% ଧନକୁ ନେଇ ଚଳୁଛନ୍ତି । କୃଷକ ଆଜି ନିଜର ପରିଶ୍ରମର ମୂଲ୍ୟ ପାଉନାହିଁ। କୃଷି କାମ ଛାଡ଼ି ଦିନ ମଜୁରି କରିବା ପାଇଁ ଭିନ୍ନ ଭିନ୍ନ ଜାଗାକୁ ଯାଉଛି । ଗଛ, ମାଟିର ମୂଲ୍ୟ ସରକାରଙ୍କୁ ବୁଝିବାକୁ ହେବ ଏବଂ ପରିଶ୍ରମ କରୁଥିବା ଲୋକ ଯେମିତି ତା'ର ପ୍ରାପ୍ୟ ପାଇବ ସେଥିପାଇଁ କାମ କରିବାକୁ ପଡ଼ିବ । ବର୍ତ୍ତମାନ ଚାଷୀ ଆତ୍ମହତ୍ୟା ସବୁଆଡ଼େ ଶୁଣିବାକୁ ମିଳୁଛି । ଚାଷୀମାନଙ୍କ ଆୟ ଦୁଇଗୁଣ ହୋଇପାରିଲା ନାହିଁ। ସେମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ସରକାରଙ୍କୁ ଏହା ଉପରେ କାମ କରିବାକୁ ପଡ଼ିବ ଏବଂ ଚିନ୍ତା ମଧ୍ୟ କରିବାକୁ ପଡ଼ିବ । ରାଜନୈତିକ ଦଳ କିପରି ଭୋଟ ପାଇବେ ସେଥିପାଇଁ ତତ୍ପର, କିନ୍ତୁ ଯଦି ସେମାନେ ଦେଶ ପାଇଁ ଓ ସାଧାରଣ ନାଗରିକଙ୍କ ସମସ୍ୟା ଉପରେ ଚିନ୍ତା କରନ୍ତେ ତା'ହେଲେ ଆମ ଦେଶର ବିକାଶ ନିଶ୍ଚୟ ହେଇପାରିବ । ଭୋଟବ୍ୟାଙ୍କ ରାଜନୀତି ଆମ ଦେଶର ପ୍ରଗତି ପଥରେ ସବୁଠାରୁ ବଡ଼ ଶତ୍ରୁ ।

-କାଳି ଦାସ, ବ୍ରହ୍ମପୁର, କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ।
-(ବଂଶୀ ଧ୍ୱନି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



Govt. of Uttarakhand
Azadi Ka Amrit Mahotsav
DESTINATION UTTARAKHAND
GLOBAL INVESTORS SUMMIT 2023
Peace To Prosperity
8th - 9th December | Dehradun
Unveiling Uttarakhand's Opportunities
A Preferred Investment Destination
Tourism Investment Policy 2023
Ushering in an Investor-friendly regime
Advantage Uttarakhand
• Highest Average Room Rate in India
• 14% annual increase in international tourists
• 34% growth in domestic tourists
• 55 million tourists in the year 2022
• Expressway from Delhi to reduce road travel to 2.5 hours
• Unique experiences for all - Adventure, Wellness and Spiritual
• Salubrious climate
Narendra Modi
Prime Minister
Pushkar Singh Dhami
Chief Minister, Uttarakhand
Hospitality Projects
Upto 50% capital subsidy on hospitality projects depending upon the geographical location of the project
Uttarakhand offers the best incentives for investments in the tourism sector.
Tourism Products
Upto 100% capital subsidy on eligible assets on various tourism products such as hot air ballooning, amusement parks, electric vehicles, fairs & festivals etc.
Other Incentives
• Stamp duty and electricity
• Interest Subvention
• Incentives on waste Management, Training, Marketing etc.
For more detail please log on
investuttarakhand.uk.gov.in
Or Scan QR Code
/ukgis2023
Issued in Public Interest by Information & Public Relations Department, Uttarakhand
www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

## ନନ୍ଦନକାନନରେ ଚିତ୍ରା ହରିଣ ଶାବକ ଜନ୍ମ

ବାରଙ୍ଗ,(ଲିଙ୍ଗରାଜ ରାଉତ)- ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୯ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ମାଈ ଚିତ୍ରା ହରିଣ ସୋମବାର ଅପରାହ୍ନରେ ଗୋଟିଏ ଶାବକ ଜନ୍ମ ଦେଇଛି। ଉଭୟ ମାଆ ଓ ଛୁଆ ସୁସ୍ଥ ଥିବାବେଳେ ଛୁଆଟିର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ଶାବକଟି ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୨୫୫କୁ ପହଞ୍ଚିଛି। ସାଧାରଣତଃ ଏହି ପ୍ରଜାତିର ହରିଣ ସମତଳ, ଜଙ୍ଗଲ ଓ ଝରଣା ନିକଟରେ ବସବାସ କରନ୍ତି। ଏମାନେ ବର୍ଷସାରା ଗର୍ଭଧାରଣ କରିଥାନ୍ତି।

**ସଂକ୍ଷେପରେ**

## ଦୁର୍ନୀତିଗ୍ରସ୍ତ ଅବକାରୀ ଏଏସ୍‌ଆଇ ବହିଷ୍କୃତ

ଭୁବନେଶ୍ୱର,୬।୧୧ (ସତ୍ୟଜିତ୍ ରାଉତ): ଲାଞ୍ଚ ନେଇ ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦେବା ସହ ଦୁର୍ନୀତି ଅଭିଯୋଗରେ କଟକ ଜିଲା ଅବକାରୀ ଏଏସ୍‌ଆଇ ନିରଞ୍ଜନ ଖଟୁଆଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଭାରତୀୟ ସମ୍ବିଧାନର ଧାରା ୩୧୧(୨) (ଖ) ଅନୁଯାୟୀ ଜନସ୍ୱାର୍ଥ ଦୃଷ୍ଟିରୁ ତାଙ୍କ ବିରୋଧରେ ଅବକାରୀ କମିଶନର ନରସିଂହ ଭୋଳ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନେଇଥିବା ସୋମବାର ସୂଚନା ଦିଆଯାଇଛି। ନିରଞ୍ଜନଙ୍କ ବିରୋଧରେ ଏ ସଂକ୍ରାନ୍ତରେ ଅନେକ ଅଭିଯୋଗ ଆସିଥିଲା। ଆଇଟି ଆପ୍ଲିକେଶନ୍ ଜରିଆରେ ତଦନ୍ତରୁ ବେଆଇନ ମଦ କାରବାରରେ ମଦ ବେପାରୀଙ୍କ ସହ ତାଙ୍କର ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଥିଲା। ଏହା ପୂର୍ବରୁ ଏକ ବିଦେଶୀ ମଦ ଦୋକାନରେ ମଦ ବେପାରୀଙ୍କ ସହ ମଦ ପିଇବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ମାମଲାର ଏବେ ବିଭାଗୀୟ ତଦନ୍ତ ଜାରି ରହିଛି । ପୂର୍ବରୁ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବାବେଳେ ତାଙ୍କ ବାପାଙ୍କୁ କଟକ ଇଆଇ ଓ ଇବି ୟୁନିଟ୍-୧ ପକ୍ଷରୁ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ପାଞ୍ଚମାସ ମଧ୍ୟରେ ୫ଜଣ ଅବକାରୀ କର୍ମଚାରୀଙ୍କୁ ବେଆଇନ କାର୍ଯ୍ୟ ପାଇଁ ବହିଷ୍କାର କରାଯାଇଛି। ଅବକାରୀ ବିଭାଗର ସଚ୍ଚୋଟତା ଓ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବହିଷ୍କାର ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ବିଭିନ୍ନ ବର୍ଗଙ୍କୁ ସହାୟତା ପ୍ରଦାନ କଲେ ଅମିୟ

ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା): ପୂର୍ବତନ ବିଧାୟକ ଲୁଲୁ ମହାପାତ୍ରଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଛାତ୍ରୀଛାତ୍ର ତଥା ଆର୍ଥିକ ଅନଗ୍ରସର ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଇଛି। ବିଶିଷ୍ଟ ସମାଜସେବୀ ଅମୀୟ ଦାସଙ୍କ ପକ୍ଷରୁ ଭୁବନେଶ୍ୱରର ଏକ ଅନୁଷ୍ଠାନର ଛାତ୍ରୀଙ୍କୁ ୱାଶିଂ ମେଶିନ୍ ଓ ଛାତ୍ରମାନଙ୍କୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ସେହିପରି ଖଣ୍ଡଗିରିବାରିସ୍ଥିତ ଜୀବନଜ୍ୟୋତି ଅନାଥାଶ୍ରମକୁ ଏକ ଇନଭର୍ଟର, ଡମଣାସ୍ଥିତ ଶ୍ରୀମା ଆନନ୍ଦ ଆଶ୍ରମକୁ ଟିଭି ପ୍ରଦାନ କରାଯାଇଛି।

## ଚୋରିକୁ ବିରୋଧ କରିବାରୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର, ୬।୧୧(ସୂର୍ଯ୍ୟକାନ୍ତ ବେହେରା): ଚୋରିକୁ ବିରୋଧ କରିବାରୁ ଜଣେ ବ୍ୟକ୍ତିଙ୍କୁ କୁରାଢ଼ିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲଣ କରିଛି। ସେ ହେଲେ ରଘୁନାଥ ନଗରରେ ରହୁଥିବା ଗଞ୍ଜାମର ବାବୁଲା ସାହୁ (୪୩)। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ କୁରାଢ଼ି ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାରଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

# ପ୍ରେମିକାଙ୍କୁ ହତ୍ୟା, ପ୍ରେମିକ ଅଟକ

### ୩ଦିନ ତଳେ ଘରୁ ପଳାଇ ଆସିଥିଲେ

ଭୁବନେଶ୍ୱର,୬।୧୧ (ସୂର୍ଯ୍ୟକାନ୍ତ ବେହେରା)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କ୍ଷେତ୍ରପାଳିନଗର ଅଞ୍ଚଳର ଏକ ଭଡା ଘରୁ ଜଣେ ଯୁବତୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଛି। ମୃତା ଯୁବତୀ ହେଲେ ଖୋର୍ଦ୍ଧା ତାପଙ୍ଗ ଅଞ୍ଚଳର ଅଞ୍ଜଳି ବେହେରା(୨୭)। ଅଞ୍ଜଳିଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଏକ ହତ୍ୟା ମାମଲା (ନଂ. ୨୭୩/୨୩) ରୁଜୁ କରି ପ୍ରେମିକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁସାରେ, ମୃତା ଅଞ୍ଜଳି ୩ଦିନ ତଳେ ଘରୁ ପଳାଇ ଆସି ଯୁବକଙ୍କ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିଲେ। ହେଲେ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଘରୁ ନ ବାହାରିବାରୁ ପଡୋଶୀ ସନ୍ଦେହ କରି ସେଠାକୁ ଯିବା ପରେ ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କୁ ଘଟଣା ଜଣାଇବା ପରେ ଥାନାକୁ ଖବର ଦିଆଯାଇଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଘରୁ ଭିତରୁ ସନ୍ଦେହଜନକ ଅବସ୍ଥାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୁନାମା ଗେଟ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତା ମହିଳା ହେଲେ କେନ୍ଦ୍ରାପଡାର ପ୍ରିୟଙ୍କା ମିଶ୍ର (୨୭)। ପ୍ରିୟଙ୍କଙ୍କା ମୃତ୍ୟୁ କିଭଳି ହେଲା ତାହାର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ପ୍ରିୟଙ୍କା ବେକରେ ନିଜ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବାବେଳେ ବାପ ଘର ଲୋକେ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ଖୋଲତାଡ ଆରମ୍ଭ କରିଛି। ସୂଚନାନୁସାରେ, ଆଳି ଅଞ୍ଚଳର ପ୍ରିୟଙ୍କା ମିଶ୍ର ଏୟାରଫିଲ୍ଡ ଥାନା ଅଞ୍ଚଳର ସୁରଜ ଦାଶଙ୍କୁ ଅଢେଇ ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛି ମାସ ପରେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡା ଲାଗୁଥିଲା। ଫଳରେ ଘରେ ସବୁ ବେଳେ ଅଶାନ୍ତି ଲାଗି ରହୁଥିଲା। ଏପରିସ୍ଥିତିରେ ପ୍ରିୟଙ୍କାଙ୍କ ମୃତ୍ୟୁକୁ ନେଇ ନାନା ଆଲୋଚନା ଚାଲିଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନାଟକ ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ମଞ୍ଚସ୍ଥ ଗୀତିନାଟ୍ୟ 'ମହୀରାବଣ ବଧ'ର ଏକ ଦୃଶ୍ୟ। (ଫଟୋ- ମୌସମ ନନ୍ଦ)

## ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ସାଉଥ୍ କୋରିଆରେ ଓଡ଼ିଆ ପ୍ରତିଯୋଗୀ



ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ବିଶ୍ୱ ବଡି ବିଲଡିଂ ଆଣ୍ଡ ଫିଜିକ୍ ସ୍ପୋର୍ଟସ୍ ଫେଡେରେଶନ୍ ପକ୍ଷରୁ ମଙ୍ଗଳବାରଠାରୁ ସାଉଥ୍ କୋରିଆରେ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିୟନସିପ୍ ଆରମ୍ଭ ହେବ। ଏଥିରେ ଓଡ଼ିଶାର ୫ଜଣ ପ୍ରତିଯୋଗୀ ଶୁଭମ୍ ମିଶ୍ର, ଜଗନ୍ନାଥ ଖୁଣ୍ଟିଆ, ପୁପୁନ କୁମାର ସ୍ୱାଇଁ, ଅମିତ କୁମାର ଭୂୟାଁ ଓ ନାରାୟଣ ବାରିକ ଅଂଶଗ୍ରହଣ କରିବେ। ଭାରତରୁ ପ୍ରତିନିଧିତ୍ୱ କରୁଥିବା ଏହି ଦଳ ସୋମବାର ସନ୍ଧ୍ୟାରେ ସାଉଥ୍ କୋରିଆଠାରେ ପହଞ୍ଚିଛନ୍ତି। ପୂର୍ବରୁ ଗୋଆଠାରେ ଅନୁଷ୍ଠିତ ଜାତୀୟ ଆଥ୍‌ଲେଟିକ୍ ଫିଜିକ୍ ଫର୍ ବଡି ବିଲଡିଂ ଚୟନ ଶିବିରରେ ଯୋଗଦେଇ ଏମାନେ ଜାତୀୟ ଚୟନ କମିଟି ଦ୍ୱାରା ମନୋନୀତ ହୋଇଥିଲେ। ଓଡିଶା ବଡି ବିଲ୍‌ଡିଂ ଫେଡେରେଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସଂପାଦକ ପ୍ରସନ୍ନ ମହାସୁଆର ସେମାନଙ୍କୁ ଶୁଭକାମନା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍‌ରେ ମାଲଦ୍ୱୀପଠାରେ ଅନୁଷ୍ଠିତ ସାଉଥ୍ ଏସିଆ ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିୟନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ନାରାୟଣ ବାରିକ୍ ୬୫କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଥିବାବେଳେ, ଶୁଭମ୍ ଆଥ୍‌ଲେଟିକ୍ ଫିଜିକ୍ ଫର୍ ବଡି ବିଲଡିଂରେ ବ୍ରୋଞ୍ଜ୍ ପଦକ ହାସଲ କରି ଭାରତ ପାଇଁ ଗୌରବ ଆଣିଥିଲେ। ସାଉଥ ଏସିଆ ବଡି ବିଲ୍‌ଡିଂ ଫେଡେରେଶନ ପ୍ରତିଯୋଗିତାରେ ପୁରୁଷ ଆଥଲେଟିକ୍ ଫିଜକ୍ ବିଭାଗରେ ଭାଗ ନେଇଥିବା ଶୁଭମ୍ ଫାଇନାଲରେ ନିଜର ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରି ବିଚାରକଙ୍କୁ ଆକୃଷ୍ଟ କରିଥିଲେ।

## ସିନେପଲିସରେ ସିନେମା ଦେଖିଲେ ୧୦ହଜାର ପିଲା

ଭୁବନେଶ୍ୱର,୬।୧୧ (ଅନୁରାଧା ମହାରଣା)

ସିନେପଲିସ ଏବଂ ରାଉଣ୍ଡ ଟେବୁଲ ଇଣ୍ଡିଆ(ଆରଟିଆଇ) ପକ୍ଷରୁ ବାର୍ଷିକ ସିଏସଆର୍ କାର୍ଯ୍ୟକ୍ରମ 'ଲେଟ୍ ଅଲ ଗୋ ଟୁ ସିନେପଲିସ' ମାଧ୍ୟମରେ ୧୦ ହଜାର ପିଲା ମାଗଣାରେ ସିନେମା ଦେଖିଛନ୍ତି। ଦେଶବ୍ୟାପୀ ପିଲାମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଏହି ପ୍ରୟାସ କରାଯାଇଛି। ଏହି କ୍ରମରେ ଚଳିତବର୍ଷ ଦେଶବ୍ୟାପୀ ୧୦ ହଜାର ଆର୍ଥିକ ଅନଗ୍ରସର ପିଲା ସିନେମା ଦେଖିବାର ସୁଯୋଗ ପାଇଛନ୍ତି। ଏନେଇ ସିନେପଲିସ ଇଣ୍ଡିଆର ସିଇଓ ଦେବାଙ୍ଗ ସମ୍ପତ୍ କହିଛନ୍ତି ଯେ, ଏଭଳି ଏକ ଦୁନିଆର କଳ୍ପନା କରାଯାଉ, ଯେଉଁଟି ସ୍ୱପ୍ନର କୌଣସି ସୀମା ନ ଥିବ, ଯେଉଁଠି ପିଲାମାନେ ସିନେମାର ଯାଦୁକୁ ଅନୁଭବ କରିବେ । ରାଉଣ୍ଡ ଟେବୁଲ ଇଣ୍ଡିଆର ରାଷ୍ଟ୍ରୀୟ ଅଧ୍ୟକ୍ଷ ଟେବୁଲର ରବିନ ଅଗ୍ରୱାଲ କହିଛନ୍ତି ଯେ, ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ସିନେପଲିସ ସହ ମିଳିତ ହୋଇ ରାଉଣ୍ଡ ଟେବୁଲ ଇଣ୍ଡିଆ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି । ସୂଚନାଥାଉ କି, ଚଳିତବର୍ଷ ଦେଶର ୩୮ଟି ସହରରେ ଥିବା ୫୧ଟି ସିନେପଲିସ ଥିଏଟରରେ ୧୦ ହଜାର ପିଲା ମାଗଣାରେ ସିନେମା ଦେଖିବାର ସୁଯୋଗ ପାଇଛନ୍ତି । ନିଜ ସୁବିଧା ଅନୁସାରେ ପିଲାମାନେ 'ଯବାନ' ଚଳଚ୍ଚିତ୍ର ଦେଖିଛନ୍ତି। ୨୦୧୪ରେ ଏ ଅଭିଯାନ ମାଧ୍ୟମରେ ୧୬ ସହରର ୫,୧୦୮ ପିଲା ମାଗଣାରେ ସିନେମା ଦେଖିଥିବାବେଳେ୨୦୧୫ରେ ୧୬ ସହରର ୩,୭୮୩, ୨୦୧୬ରେ ୧୨ ସହରର ୩,୦୧୯, ୨୦୧୭ରେ ୨୫ ସହରର ୫, ୪୫୮, ୨୦୧୮ରେ ୧୭ ସହରର ୫,୦୧୬, ୨୦୧୯ରେ ୨୨ ସହରର ୬, ୫୦୦ ଏବଂ ୨୦୨୨ରେ ୨୩ ସହରର ୬,୫୦୦ ପିଲାମାନେ ବିନା ଶୁଳ୍କରେ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇଛନ୍ତି।

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର

ଭୁବନେଶ୍ୱର, ୬।୧୧(ଅସମାପିକା ସାହୁ)

**ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବଙ୍କୁ ଭେଟିଲେ ଆୟୁଷ ଛାତ୍ର ସଂସଦ ପ୍ରତିନିଧି**

ସରକାର ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇ ପାଳନ କରି ନ ଥିବାରୁ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ପୁଣି ଆନ୍ଦୋଳନକୁ ଓହ୍ଲାଇବେ। ଏକମାସରୁ ଊର୍ଦ୍ଧ୍ୱ ସମୟ ଧରି ନିଜର ନ୍ୟାଯ୍ୟ ଦାବିନେଇ ଆନ୍ଦୋଳନ କରି ଆସିଥିବା ଅଲ୍ ଓଡ଼ିଶା ଆୟୁଷ ଛାତ୍ର ସଂସଦ ଆସନ୍ତା ବିଧାନସଭା ଶୀତ ଅଧିବେଶନ ଆରମ୍ଭରୁ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ସୋମବାର ଛାତ୍ର ସଂସଦ ପ୍ରତିନିଧି ଦଳ ପକ୍ଷରୁ ସଭାପତି ଡା. ରାଜେଶ ମିଶ୍ର ଓ ଡା. ରୋହିତ କେରକେଟ୍ଟା ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ସୁମିତ୍ରା ସେନାପତିଙ୍କୁ ସାକ୍ଷାତ କରି ଦାବି ପୂରଣ ଦିଗରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ଆୟୁଷ ଡାକ୍ତରଙ୍କ କ୍ୟାଡର ସମ୍ପର୍କରେ ଆଲୋଚନା ଚାଲିଥିବା ବେଳେ ନୂତନ ଆୟୁଷ ଡିସ୍‌ପେନ୍‌ସାରି ଖୋଲିବା ଓ ନୂତନ ଆୟୁଷ ଡାକ୍ତରୀ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ଅଦ୍ୟାବଧି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବା ଆଲୋଚନା ହୋଇ ନ ଥିବା ଜଣାପଡ଼ିଥିଲା। ଏହା ଜାଣିବା ପରେ ଆୟୁଷ ଡାକ୍ତର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ନୂତନ ଆୟୁଷ ଡିସ୍‌ପେନ୍‌ସାରି, ପ୍ରତିବର୍ଷ ଆୟୁଷ ଡାକ୍ତର ନିଯୁକ୍ତି, ରାଜ୍ୟରେ ଆୟୁଷ କଲେଜର ଭିତ୍ତିଭୂମିର ବିକାଶ, ଆୟୁଷ ହାଉସସର୍ଜନ ଭତ୍ତା ବୃଦ୍ଧି ଆଦି ଦାବିକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସୂଚନାନୁସାରେ, ରାଜ୍ୟରେ ୧୯୯୭ରୁ ୨୦୦୩ ମଧ୍ୟରେ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଡାକ୍ତରଖାନା ସଂଖ୍ୟା ବୃଦ୍ଧି ପାଇନାହିଁ। ୧୯୯୭ ପୂର୍ବରୁ ରାଜ୍ୟରେ ୫ଟି ଆୟୁର୍ବେଦିକ ଓ ୪ଟି ହୋମିଓପ୍ୟାଥିକ ହସ୍ପିଟାଲ ଥିବାବେଳେ ୨୦୨୩ ସୁଦ୍ଧା ଏହି ସଂଖ୍ୟାରେ କୌଣସି ପରିବର୍ତ୍ତନ ହୋଇନାହିଁ। ସେହିପରି ୧୯୯୫ ସୁଦ୍ଧା ୫୧୯ଟି ଆୟୁର୍ବେଦିକ ଓ ୪୬୦ଟି ହୋମିଓପ୍ୟାଥିକ ସରକାରୀ ଡିସ୍‌ପେନ୍‌ସାରି ଥିବାବେଳେ ୨୦୨୩ ମସିହା ଅଦ୍ୟାବଧି ଏଥିରେ ବୃଦ୍ଧି ଘଟିନାହିଁ। ଏଠାରେ ନିଯୁକ୍ତ ଆୟୁଷ ଡାକ୍ତରଙ୍କ ଅଦ୍ୟାବଧି କ୍ୟାଡର ହୋଇ ନ ଥିବା ଯୋଗୁ ରାଜ୍ୟ ସରକାର ଏବେ ସେମାନଙ୍କ କାର୍ଯ୍ୟ ଚାଲିଛି କହି ହାତଟେକି ବସିଯାଇଛନ୍ତି। ରାଜ୍ୟରେ ଏମ୍‌ବିବିଏସ୍ ଓ ପ୍ରାଣୀ ଚିକିତ୍ସକ ପ୍ରଥମ ଶ୍ରେଣୀ ଗେଜେଟେଡ୍ ଅଫିସର ଭାବେ ଦରମା ପାଉଥିବାବେଳେ ଆୟୁଷ ଡାକ୍ତରଙ୍କୁ ଅଣଦେଖା କରାଯାଉଛି। ଗତ ଆନ୍ଦୋଳନ ସମୟରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ସମୟରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳୀନ ପଣ୍ଡିତ, ଯୁଗ୍ମ ସଚିବ ସୁମିତ୍ରା ସେନାପତି ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ କହିଥିଲେ ଆନ୍ଦୋଳନ ପ୍ରତ୍ୟାହୃତ ହେଲେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ତୁରନ୍ତ ଆୟୁଷ ସମ୍ପର୍କିତ ସମସ୍ତ ପ୍ରକାର ଅଭାବ ଅଭିଯୋଗ ଉପରେ ନିଷ୍ପତ୍ତି ନିଆଯିବ। କିନ୍ତୁ ଅଦ୍ୟାବଧି କୌଣସି ପ୍ରକାର ଗୁରୁତ୍ୱପୂର୍ଣ୍ଣ ନିଶ୍ଚିତ ନିଷ୍ପତ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇ ନ ଥିବାରୁ ବିଭିନ୍ନ ଛାତ୍ର ସଂଗଠନ ସହଯୋଗରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସଭାପତି ଡା. ରାଜେଶ ମିଶ୍ର ସୂଚନା ଦେଇଛନ୍ତି।

## ନନ୍ଦନକାନନରେ ରୋପ୍‌ୱେ ପାଇଁ ମକ୍‌ଡ୍ରିଲ

ବାରଙ୍ଗ,୬।୧୧(ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆରମ୍ଭ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ରୋପ୍‌ୱେ। ରୋପ୍‌ୱେ ନିର୍ମାଣ କାର୍ଯ୍ୟ ସରି ଥିବାରୁ ସୋମବାର ନନ୍ଦନକାନନ ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିତୀୟ ଥର ପାଇଁ ଏନ୍‌ଡିଆରଏଫ୍ ଦଳ ଓ ଦାମୋଦର ରୋପ୍‌ୱେ ନିର୍ମାଣକାରୀ ସଂସ୍ଥାର ମିଳିତ ସହଯୋଗରେ କାଞ୍ଜିଆ ହ୍ରଦ ଉପରେ ସଫଳ ମକ୍ ଡ୍ରିଲ କରାଯାଇଛି। ରୋପ୍‌ୱେ ଚାଲିବା ସମୟରେ କୌଣସି ଦୁର୍ଘଟଣା ଘଟିଲେ କିପରି ମୁକାବିଲା କରାଯିବ, ସେନେଇ ଏହି ମକଡ୍ରିଲ କରାଯାଇଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି ରୋପ୍‌ୱେ ନନ୍ଦନକାନନ ପ୍ରାଣୀଉଦ୍ୟାନରୁ ବଟାନିକାଲ ଗାର୍ଡେନକୁ ସଂଯୋଗ କରୁଛି, ଯାହାର ଦୂରତ୍ୱ ୬୦୦ ମିଟର ଲମ୍ବ। ସମୁଦାୟ ୧୨ଟି କ୍ୟାବିନରେ ୭୨ଜଣ ପର୍ଯ୍ୟଟକ ବସି ପାରିବାର ବ୍ୟବସ୍ଥା ରହିଛି। ଏହି ରୋପ୍‌ୱେ ନନ୍ଦନକାନନରୁ ବାହାରି କାଞ୍ଜିଆ ହ୍ରଦ ଉପରେ ବୁଲିବାବେଳେ ହ୍ରଦର ପ୍ରାକୃତିକ ପରିବେଶକୁ ପର୍ଯ୍ୟଟକ ଉପଭୋଗ କରିପାରିବେ। ଏହି ମକ୍‌ଡ୍ରିଲବେଳେ ନନ୍ଦନକାନନର ପଦାଧିକାରୀଙ୍କ ସହ ଦାମୋଦର ରୋପ୍‌ୱେର ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ମାସରେ ରୋପ୍‌ୱେକୁ ପ୍ରଚଳନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସରିଛି। ଗତ ଜୁନ ୧୩ତାରିଖରେ ରୋପ୍‌ୱେ ଭିସିବି ୟୁନିଟ୍ ପରୀକ୍ଷାବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଫାଟି ୩ ଜଣ ଗୁରୁତର ଆହତ ହୋଇଥିଲେ। ସେବେଠାରୁ ରୋପ୍‌ୱେ ପ୍ରଚଳନ ଉପରେ ଅଙ୍କୁଶ ଲାଗିଥିଲା।

## 'ଲୁଲୁ ମହାପାତ୍ର ନିର୍ଭୀକ ବ୍ୟକ୍ତିତ୍ୱ ଥିଲେ'

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

**୭ମ ଶ୍ରାଦ୍ଧବାର୍ଷିକୀ**

ପୂର୍ବତନ ବିଧାୟକ ଲଲଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ସୋମବାର ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମି ଠାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ସ୍ମୃତି କମିଟିର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରଛନ୍ତି। କମିଟିର ସଭାପତି ଚିନ୍ମୟ ପ୍ରସାଦ ବେହୁରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରୁ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠୀର ଜେନା ଶ୍ରଦ୍ଧାଞ୍ଜଳି ଦେଇ କହିଛନ୍ତି ଯେ, ସ୍ୱର୍ଗତ ଲୁଲୁ ମହାପାତ୍ର ଜଣେ ନିର୍ଭିକ ବ୍ୟକ୍ତିତ୍ୱ ଥିଲେ। ସଙ୍ଗଠନ କ୍ଷେତ୍ରରେ ତାଙ୍କର ନିଷ୍ଠାପର ଉଦ୍ୟମ ତୃଣମୂଳସ୍ତରରୁ କଂଗ୍ରେସକୁ ସୁଦୃଢ଼ କରିବାରେ ସହାୟକ ହୋଇଥିଲା। ତାଙ୍କ ସାଲିସବିହୀନ ରାଜନୀତି ପାଇଁ ସେ ସର୍ବଦା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ସ୍ମୃତିସଭା ପ୍ରାରମ୍ଭରେ ବିଭିନ୍ନ ଧର୍ମଗୁରୁମାନଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରେ ସ୍ମୃତି କମିଟିର ବହୁ ସଦସ୍ୟ ସ୍ଥାନୀୟ ହଂସପାଳ ଛକ ସ୍ଥିତ କୁଆଖାଇ ନଦୀରେ ସ୍ୱର୍ଗତ ମହାପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ତିଳତର୍ପଣ କରିଛନ୍ତି। ଏହାପରେ ୟୁନିଟ-୯ ସ୍ଥିତ ଅନ୍ଧ, ମୂକ, ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଫଳବଣ୍ଟନ କରାଯାଇଛି।



ଲୁଲୁ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ବାର୍ଷିକ ସର୍ବଧର୍ମ ପ୍ରାର୍ଥନା ଓ ସ୍ମୃତିସଭାରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସହ ଅନ୍ୟ ଅତିଥିମାନେ।

## ଠିକ୍ ସମୟରେ ଠିକ୍ କାମ ନ କରିବା ମଧ୍ୟ ଦୁର୍ନୀତି

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

**ଦୁର୍ନୀତି ନ କରିବାକୁ ଶପଥ ନେଲେ ବିଏମ୍‌ସି ଅଧିକାରୀ, କର୍ମଚାରୀ**



ଭୁବନେଶ୍ୱର ମହାନଗର ନିଗ (ବିଏମ୍‌ସି) ପକ୍ଷରୁ ଭିଜିଲାନ୍ସ ସପ୍ତାହ ପାଳନ ଅବସରେ ଶପଥ ଗ୍ରହଣ ଉତ୍ସବ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ସିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ନ କରିବାକୁ ଶପଥ ନେଇଥିଲେ। ଚଳିତବର୍ଷ ଭିଜିଲାନ୍ସ ସପ୍ତାହର ଥିମ୍ ରହିଛି, 'ଭ୍ରଷ୍ଟାଚାରର ବିରୋଧ କରନ୍ତୁ, ରାଷ୍ଟ୍ର ପ୍ରତି ସମର୍ପିତ ରୁହନ୍ତୁ'। କମିଶନର ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧ୍ୟକ୍ଷତା କରି କହିଲେ, କୌଣସି ସଂସ୍ଥାର ଜଣେ ବି ଲୋକ ଦୁର୍ନୀତି କଲେ ତାହା ସମଗ୍ର ସଂସ୍ଥାକୁ କୀଟ ପରି ଦଂଶନ କରିଥାଏ। ତେଣୁ ଯିଏ ଯେଉଁ ସ୍ତରରେ ବା କ୍ଷେତ୍ରରେ ଥିଲେ ବି କେହି ଦୁର୍ନୀତି କରନ୍ତୁ ନାହିଁ କିମ୍ବା ଦୁର୍ନୀତି କରିବାକୁ କାହାରିକୁ ପ୍ରୋତ୍ସାହିତ କରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ। ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ, ଦୁର୍ନୀତିଠାରୁ ଦୂରେଇ ରହିବାକୁ ବିଏମ୍‌ସିର ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ କମିଶନର ସାହୁ କହିଲେ, ବିଏମ୍‌ସି ରାଜ୍ୟର ଏକ ସର୍ବବୃହତ ମହାନଗର ନିଗମ। ଏହାର ସ୍ୱଚ୍ଛତା ରକ୍ଷା କରିବା ସମସ୍ତ କର୍ମଚାରୀଙ୍କ ପ୍ରମୁଖ କର୍ତ୍ତବ୍ୟ ହେବା ଆବଶ୍ୟକ। କେବଳ ଲାଞ୍ଚ ଦେବା କିମ୍ବା ନେବା ନୁହେଁ, ବରଂ ଠିକ୍ ସମୟରେ ଠିକ୍ କାମ ନ କରିବା ମଧ୍ୟ ଦୁର୍ନୀତି ବୋଲି ଅବିହିତ କରିବା ସହ ସାହୁ ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।

## ସଂକ୍ଷେପରେ

### ଭାରତରେ ସଂଘୀୟ ବ୍ୟବସ୍ଥା ସମ୍ପର୍କିତ ଆଲୋଚନାଚକ୍ର

କଟକ,୬।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ସ୍ୱୟଂଶାସିତ କଲେଜରେ ଭାରତରେ ସଂଘୀୟ ବ୍ୟବସ୍ଥା ସମ୍ପର୍କିତ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡା. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରଜନୀ ରଞ୍ଜନ ଝା ଯୋଗଦେଇ ସଂଘୀୟ ବ୍ୟବସ୍ଥା ରୂପରେଖ ଉପରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡା. ମୌସୁମୀ ପଟ୍ଟନାୟକ ଅତିଥି ପରିଚୟ, ଡା. କୃଷ୍ଣଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ଗାୟତ୍ରୀ କର ଧନ୍ୟବାଦ ଦେଇଥିଲେ। ପବନ କୁମାର ମହାରଣା, ବିଜୟଲକ୍ଷ୍ମୀ ସ୍ୱାଇଁ, ଅର୍ପିତା ସାହୁ, ଦୀପାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

କଟକ ସଦର,୬।୧୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତ ଶଗଡ଼ିପାଟଣା ଗ୍ରାମରେ ନୂତନ ପାନୀୟ ଜଳ ପ୍ରକଳ୍ପ ପାଇଁ ସୋମବାର ଶିଳାନ୍ୟାସ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ନିରୋଜା ନଳିନୀ ଦାସ ଏହାର ଶିଳାନ୍ୟାସ କରିଥିଲେ। ପ୍ରଥମେ ବସୁଧା ଯୋଜନାରେ ୫୦,୦୦୦ ଲିଟର କ୍ଷମତାସମ୍ପନ୍ନ ପାଣିଟାଙ୍କି ସ୍ଥାନୀୟ ବିଦ୍ୟାଳୟ ପରିସରରେ ଥିବା ଖୋଲାଜାଗାରେ କରାଯିବ। କାରଣ ବିଦ୍ୟାଳୟଟି ପିଲା ଅଭାବରୁ ବନ୍ଦ ହୋଇଯିବା ପରେ ଏହାକୁ ମିଶନ ଶକ୍ତି ବିଭାଗକୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ବିଭାଗର ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ ହେଲା ବୋଲି ବ୍ଲକ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସଙ୍ଗୀତା ବାରିକ, ୱାର୍ଡସଭ୍ୟା ଦୁଲି ବେହେରା, ମାନସୀ ଦେହୁରୀ, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଓ ସମର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଫଟୁରାନନ୍ଦଙ୍କ ବ୍ୟଙ୍ଗ ସାହିତ୍ୟ ଅତୁଳନୀୟ

କଟକ,୬।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ଖାନ୍‌ନଗରସ୍ଥିତ କାର୍ଯ୍ୟାଳୟଠାରେ ହାସ୍ୟକବି ଫଟୁରାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଅଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଗୋବିନ୍ଦ ଚାନ୍ଦ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ତ୍ରିବେଣୀ ଭୋଳ ଯୋଗଦେଇ ଫଟୁରାନନ୍ଦଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ତାଙ୍କର ହାସ୍ୟ ବ୍ୟଙ୍ଗ ସାହିତ୍ୟ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଚିତ୍ରାନନ୍ଦ ମିଶ୍ର, ବିଦ୍ୟୁତ୍ ଲାଲା, ଡ. ବସନ୍ତ କୁମାରୀ ନନ୍ଦ, ହେମନ୍ତ ପରିଡ଼ା, କିଶୋର ସାହୁ, ଭଗବତୀ ଖଟୁଆ, ସୁକାନ୍ତି ମହାନ୍ତି, ସନ୍ଧ୍ୟା ଶତପଥୀ, ବିମଳ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମୁତୟନ ହେବେ ୫୦ ପ୍ଲାଟୁନ୍ ଫୋର୍ସ

କଟକ,୬।୧୧ (କାର୍ତ୍ତିକ ସାହୁ)



କାଳୀପୂଜା ପ୍ରସ୍ତୁତି ବୈଠକରେ ବିଧାୟକ, ଡିସିପିଙ୍କ ସମେତ ଅନ୍ୟମାନେ।

କଟକ ସହରରେ ଆସନ୍ତା ୧୨ରେ କାଳୀପୂଜା ଓ ୧୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ଓ ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବା ନିମନ୍ତେ କମିଶନରେଟ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କଟକ ସାରଳା ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥର ସହରରେ ୬୯ରୁ ଅଧିକ ମଣ୍ଡପରେ ମା' କାଳୀଙ୍କ ମୃଣ୍ମୟୀ ପ୍ରତିମା ପୂଜା କରାଯିବ। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଦଶହରା ଭସାଣି ପରି କାଳୀପୂଜାର ଭସାଣି ଶୋଭାଯାତ୍ରାକୁ ସୀମିତ କରାଯିବ। ଏଥିରେ ବାଣଫୁଟା ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲେ ହେଁ ମହତାପ ଜଳାଇବା ଲାଗି କୋହଳ ମନୋଭାବ ପୋଷଣ କରାଯାଇଛି। ମଙ୍ଗଳାବାଗ, ବକ୍ସିବଜାର ଏବଂ ଗୌରୀଶଙ୍କର ପାର୍କ ଛକରେ ମହତାପ ଜଳାଯାଇପାରିବ। ସହରର ଅନ୍ୟ ସ୍ଥାନରେ ମହତାପ ଜଳାଇବାକୁ ବାରଣ କରାଯାଇଛି। ସୁନା ଓ ଚାନ୍ଦିମେଢ଼ ମଣ୍ଡପରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ପୂଜା ଓ ଭସାଣି ଲାଗି ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ପୂଜା ଓ ଭସାଣିରେ ରାତି ୧୨ଟା ଯାଏ ମାଇକ ବଜାଇବା ଲାଗି ଅନୁମତି ଦିଆଯିବାକୁ କେତେକ ପୂଜା କମିଟି ଦାବି କରିଥିଲେ। ହେଲେ କେବଳ ପୂଜାରେ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବାଜିପାରିବା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅନୁମତି ପାଇଁ ପଠାଯିବ। ଅଧିକ ଜନ ସମାଗମ ଦୃଷ୍ଟିରୁ କଲେଜ ଛକ, ବକ୍ସିବଜାର, ଚାନ୍ଦିନୀଚୌକ, ତିନିକୋଣିଆ ବଗିଚା, ଗୌରୀଶଙ୍କର ପାର୍କ ଓ ଦେବୀଗଡ଼ାରେ ବ୍ୟାପକ ଫୋର୍ସ ମୁତୟନ କରାଯିବ। ଭସାଣି ସରିବା ଯାଏ ଟ୍ରାଫିକ କଟକଣା ଲାଗୁ ରହିବ।

ମଦମୁକ୍ତ ଭସାଣି ଉପରେ ଗୁରୁତ୍ୱାରୋପ କରାଯାଇଛି। ସେଥିପାଇଁ ଭସାଣି ପୂର୍ବ ସନ୍ଧ୍ୟାରୁ ସହରରେ ଥିବା ମଦଦୋକାନଗୁଡ଼ିକ ସିଲ୍ କରାଯିବ। ଏଥିସହ ବିଭିନ୍ନ ଛକରେ ମଦ୍ୟପ ଗାଡ଼ି ଚାଳକ ଧରପଗଡ଼ କରାଯିବ। ଭସାଣି ଦିନ ମୁଖ୍ୟ ରାସ୍ତାରୁ ୨ ଓ ଗଳିରୁ ୧ ଏବଂ ରାତି ୯ଟା ପରେ ମୁଖ୍ୟ ଓ ଗଳି ରାସ୍ତାରୁ ଗୋଟିଏ ଲେଖାଏଁ ପ୍ରତିମା ଛଡ଼ାଯିବାକୁ ନିଷ୍ପତ୍ତି ହୋଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିସିପି ପିନାକ ମିଶ୍ର, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ବିଧାୟକ ଇଂ. ମହମ୍ମଦ ମୋକିମ, କଂଗ୍ରେସ ନେତା ସୁରେଶ ମହାପାତ୍ର, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ନିରଞ୍ଜନ ସାହୁ, ଏଡିସିପି ଅନିଲ ମିଶ୍ରଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**କାଳୀପୂଜା ପ୍ରସ୍ତୁତି ବୈଠକ**
- ଭସାଣିରେ ବାଣଫୁଟା ଉପରେ କୋହଳ ନୀତି
- ପୂଜାରେ ରାତି ୧୨ଟା ଯାଏ ବାଜିବ ମାଇକ
- ଭସାଣି ପୂର୍ବ ରାତିରୁ ସିଲ୍ ହେବ ମଦଦୋକାନ

# ଉଚିତ୍ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଜିଲାପାଳଙ୍କ ଜନଶୁଣାଣି ଶିବିର**

କଟକ ସଦର,୬।୧୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନରହରି ସେଠୀ ଯୋଗଦେଇ ୫୩ଟି ଅଭିଯୋଗର ଶୁଣାଣି କରି ଉଚିତ୍ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମରେ ଏକ ଚକନାଳିକୁ ପୋତି ରାସ୍ତା କରିବା ପାଇଁ ଯଶପଡ଼ା ରାଜସ୍ୱ ନିରୀକ୍ଷକ କିଶନନଗର ତହସିଲଦାରଙ୍କୁ ସୁପାରିସ କରିଥିଲେ। ଏହି ସୁପାରିସ୍‌କୁ ଭିତ୍ତିକରି ତତ୍କାଳୀନ ବିଡିଓ, ଯନ୍ତ୍ରୀ ରାସ୍ତା ନିର୍ମାଣ କରିଥିଲେ। ଏହାଛଡା ଉପଜିଲାପାଳଙ୍କ ମୌଖିକ ନିର୍ଦ୍ଦେଶରେ ଏକ ମଠକୁ ମିଶନ ଶକ୍ତି ଗୃହରେ ରୂପାନ୍ତରିତ କରାଯିବ। ବିଭିନ୍ନ ଅଭିଯୋଗର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ସେଠୀ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜନସେବା କେନ୍ଦ୍ରରେ ଜମିପଟ୍ଟାର ନକଲ ପାଇଁ ଆବେଦନ କଲେ ୨୦୦ ଟଙ୍କା ବିନା ରସିଦରେ ଆଦାୟ , ବାର୍ଦ୍ଧକ୍ୟ, ବିଧବା ଭତ୍ତା ଆବେଦନ ପତ୍ରରେ ରବର ଷ୍ଟାମ୍ପ ମାରି ସ୍ଥାନୀୟ ରାଜସ୍ୱ ନୀରିକ୍ଷକମାନଙ୍କ ଦସ୍ତଖତ ଜାଲ କରିବା ସମ୍ପର୍କରେ ରାମକୁମାରପୁର ଗ୍ରାମର ଚିତ୍ତରଞ୍ଜନ ବେହେରା ଅଭିଯୋଗ କରିଥିଲେ। ଏହା ଉପରେ ମଧ୍ୟ ତଦନ୍ତ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଅର୍ଚ୍ଛିଲି ଗ୍ରାମର ଆରତି ସାହୁ ନାମ୍ନୀ ଅସହାୟ ମହିଳାଙ୍କ ଆଧାର କାର୍ଡକୁ ବ୍ୟବହାର କରାଯାଇ ଅନ୍ୟ ଜଣଙ୍କୁ ଭତ୍ତା ପ୍ରଦାନ ଅଭିଯୋଗର ଶୀଘ୍ର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହି ଶିବିରରେ ସହରାଞ୍ଚଳ ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଶାନ୍ତ କୁମାର ସ୍ୱାଇଁ, ବିଡିଓ ରୁମାନା ଜାଫ୍ରୀ, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କ ସମେତ ବିଦ୍ୟୁତ୍ ବିଭାଗର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ ସେଠୀ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ଓ ଦୁଃସାଧ୍ୟ ରୋଗରେ ପୀଡିତ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



ଓଟିଏମ୍ କଲୋନୀ ଓ ତତ୍‌ସଲଗ୍ନ ସମସ୍ତ ବସ୍ତିର ଥଇଥାନ ଦାବିରେ ଓଟିଏମ୍ ଶ୍ରମିକ କଲୋନୀ ଓ ବସ୍ତି ଥଇଥାନ ସଙ୍ଗଠନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ୨୦ରେ ରେଭେନ୍‌ଶା ଆସିବ ନାକ୍ ଟିମ୍

କଟକ,୬।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡିଏସନ କାଉନସିଲ (ନାକ୍) ଟିମ୍ ଆସନ୍ତା ୨୦ ତାରିଖରୁ ୩ ଦିନ ଧରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିବ। ଏଥିପାଇଁ ନାକ୍ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ୩ଦିନ ଧରି ବିଶ୍ୱବିଦ୍ୟାଳୟରେ ଯାଞ୍ଚ ପ୍ରକ୍ରିୟା ଚାଲିବ। ଏଥିପାଇଁ ବିଶ୍ୱବିଦ୍ୟାଳୟରେ ମିଡିଆ ସେଣ୍ଟର ଏବଂ ଦୃଶ୍ୟ–ଶ୍ରାବ୍ୟ ଉତ୍ତୋଳନ କେନ୍ଦ୍ର, ମୋ ସରକାର ହେଲ୍ପ ଡେସ୍କ, ସହାୟତା କେନ୍ଦ୍ର ଖୋଲାଯିବାକୁ ବ୍ୟବସ୍ଥା ହୋଇଛି। ସୋଲାର ପ୍ୟାନେଲଗୁଡିକ ମରାମତି କରାଯାଉଛି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ପୃଥକ୍ ଭାବେ ଶୌଚାଳୟ, ହଷ୍ଟେଲ ମରାମତି ଏବଂ ନବୀକରଣ କାର୍ଯ୍ୟ ଜାରି ରହିଛି। ବିଶେଷକରି ୫୦ଟି ସ୍ମାର୍ଟ କ୍ଲାସ୍‌ରୁମ୍‌ର ବ୍ୟବସ୍ଥା କରାଯାଇଛି। ସେହିପରି ବିଭିନ୍ନ ଲାବ୍‌ରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାଚେରି ଏବଂ କାନ୍ଥଗୁଡିକରେ ଚିତ୍ରକଳା, ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୀର୍ଘଦିନ ଧରି ବନ୍ଦ ରହିଥିବା ହେରିଟେଜ୍ ହଲ୍‌ର ନବୀକରଣ କାର୍ଯ୍ୟ କରାଯାଉଛି। ଦୈନିକ ବିଶ୍ୱବିଦ୍ୟାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ମଧ୍ୟ ତିଆରି ହୋଇଛି।

ସୂଚନାଥାଉ କି, ବିଶ୍ୱବିଦ୍ୟାଳୟକୁ ପ୍ରାୟ ୬ବର୍ଷ ପରେ ନାକ୍ ଟିମ ଆସିବ। ୨୦୧୬ ଡିସେମ୍ବର ୧୦ ତାରିଖରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ବୈଧତା ଶେଷ ହୋଇସାରିଛି। ପୁଣି ଥରେ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନାକ୍ ନିକଟରେ ଆବେଦନ କରିଥିଲେ। ଏଥିପାଇଁ ସମୟ ଦିଆଯାଇଥିଲା। ପରିଦର୍ଶନ ବାବଦକୁ ପ୍ରାୟ ୬ ଲକ୍ଷ ଟଙ୍କା ରେଭେନ୍‌ଶା କର୍ତ୍ତୃପକ୍ଷ ଦାଖଲ କରିଛନ୍ତି। ଏହାପରେ ନାକ୍ କର୍ତ୍ତୃପକ୍ଷ ଆସନ୍ତା ୨୦ରେ ଆସିବାକୁ ଚୂଡାନ୍ତ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତିକୁ ଜୋର୍‌ଦାର୍ କରାଯାଉଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ବଡ଼ଭାଇଙ୍କୁ ହତ୍ୟା ଧମକ, ସାନ ଗିରଫ

ଫୁଲନଖରା,୬।୧୧ (ସତ୍ୟରଞ୍ଜନ ଦାସମହାପାତ୍ର)

ବଡଭାଇ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେବା ଅଭିଯୋଗରେ କଟକ ସଦର ପୋଲିସ ସାନ ଭାଇଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଙ୍କେଶ୍ୱର ଗ୍ରାମର ରଞ୍ଜିତ ଜେନା। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ରଞ୍ଜିତ ଜେନା ଓ ସଂଗ୍ରାମ କେଶରୀ ଜେନା ଦୁଇ ଭାଇ। ଜମିବାଡିକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ କିଛିବର୍ଷ ହେବ ବିବାଦ ଲାଗି ରହିଥିଲା। ବଡ ଭାଇ ସଂଗ୍ରାମ ପୂର୍ବରୁ ଅନେକ ଥର ସାନ ଭାଇ ରଞ୍ଜିତ ଜେନାଙ୍କ ନାମରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୪ଟି ମାମଲା ରଞ୍ଜିତଙ୍କ ନାମରେ ରୁଜୁ କରିଥିଲା। ଗତ ରବିବାର ରଞ୍ଜିତ୍ ଜଣେ ବ୍ୟକ୍ତିକୁ ଡାକି ତାଙ୍କ ରିଜିମାଇଲ ଜାଗାରେ ଥିବା ଗଛରୁ ନଡ଼ିଆ ତୋଳିବା ପାଇଁ କହିଥିଲେ। ଗଛରେ ନଡ଼ିଆ ପରିବର୍ତ୍ତେ ପଇଡ ଦେଖିବାକୁ ମିଳିଥିଲା। ଗଛରୁ ସଂଗ୍ରାମ ସବୁ ନଡ଼ିଆ ତୋଳି ନେଇଯାଇଛି ବୋଲି ରଞ୍ଜିତ ଭାବି କ୍ରୋଧାନ୍ୱିତ ହୋଇଥିଲେ। ପକେଟ୍‌ରୁ ବନ୍ଧୁକ ବାହାର କରି ସଂଗ୍ରାମଙ୍କ ମୁଣ୍ଡରେ ଲଗାଇ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲା। ଏନେଇ ସଂଗ୍ରାମ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୪୮/୨୩)ରୁଜୁକରିଥିଲା।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ୨୦ ହଜାର ଶ୍ରଦ୍ଧାଳୁ

**କାର୍ତ୍ତିକ ଦ୍ୱିତୀୟ ସୋମବାର**

ଖୁଣ୍ଟୁଣୀ, ୬।୧୧ (ସଚ୍ଚିଦାନନ୍ଦ ପଣ୍ଡା)



କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠ ଚଳଚଞ୍ଚଳ ହୋଇଛି। ନୀତି ପାଳିଆ ସେବକ ଅଭିରାମ ପତ୍ରୀଙ୍କ ସହିତ ପୂଜକ ସମାଜ ରାତି ୪ଟାରୁ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି, ସ୍ନାନ ନୀତିକାନ୍ତି ସମ୍ପର୍ଣ୍ଣ କରି ଠାକୁରଙ୍କୁ ତୁଳସୀ ମଞ୍ଜରୀ, ବେଲପତ୍ର ଓ ଫୁଲରେ ସଜ୍ଜିତ କରିଥିଲେ। ଏହାପରେ କ୍ଷୀର, ଗୁଡ଼, କଦଳୀ, ମହୁ, ଛେନା ଓ ଲହୁଣି ସମେତ ବିଭିନ୍ନ ଫଳ ପଡି ଠାକୁରଙ୍କ ଲିଙ୍ଗରେ ସ୍ୱତନ୍ତ୍ର ଘର୍ଷଣ କରାଯାଇ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ଭୋର ୫ଟାରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିବା ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି। ବିଭିନ୍ନ ଜିଲାରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ନୂତନ କଂକ୍ରିଟ ପୋଲ ଉପରେ ଶ୍ରଦ୍ଧାଳୁମାନେ ଯାତାୟାତ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ଗୁରୁଡିଝାଟିଆ ଥାନା ଆଇଆଇସି ସୁମନ୍ତ କିଷାନ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଧବଳେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ସେଠୀ ଓ ୨ ସେକ୍ସନ ଫୋର୍ସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ଉପସ୍ଥିତ ଥିଲେ। ନୂତନ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ପୀଠକୁ ଯାଇ ଧବଳେଶ୍ୱରଙ୍କୁ ଦର୍ଶନ କରିଥିଲେ।

### ଛାତ୍ରଙ୍କୁ ମାଡ଼ମାରି ଯୁବକ ଗିରଫ

ଚୌଦ୍ୱାର,୬।୧୧ (ଆଶୁତୋଷ ଦାସ)

ଛାତ୍ରଙ୍କୁ ମାଡ଼ମାରି ମୋବାଇଲ ଓ ଟଙ୍କା ଲୁଟ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ତଳବଜାର ସାମଲ ସାହିର ସୌମ୍ୟରଞ୍ଜନ ସାମଲ। ଜଗତପୁର ଖର୍ଦ୍ଦା ସାହିର ଭାବଗ୍ରାହୀ ବେହେରାଙ୍କ ପୁଅ ଆର୍ଯ୍ୟାନ୍ ବେହେରା(୧୭) ଗତ ୧ ତାରିଖ ସନ୍ଧ୍ୟାରେ ଟିଉଶନ୍ ପାଇଁ ଚୌଦ୍ୱାର ଆସୁଥିବାବେଳେ ସୌମ୍ୟରଞ୍ଜନ ବିରୂପା ବ୍ୟାରେଜ ରାସ୍ତାରେ ତାଙ୍କୁ ଅଟକାଇ ଧକ୍କା ମାରିଥିଲେ। ସେ ତଳେ ପଡ଼ିଯିବାରୁ ଏକ ମଦ ବୋତଲରେ ତାଙ୍କ ମୁଣ୍ଡକୁ ଆଘାତ କରି ପାଖରେ ଥିବା ଏକ ମୋବାଇଲ ଫୋନ୍ ଓ ୫୬୦ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଭାବଗ୍ରାହୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୫୦/୨୩) ରୁଜୁ କରିଛି।

### 'ଉତ୍ତମ ବୁଝାମଣାରେ ଗଢ଼ି ହେବ ସୁସ୍ଥ ପରିବାର'

କଟକ,୬।୧୧ (କାର୍ତ୍ତିକ ସାହୁ)

ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ହିଂସାହୀନ, ସୁସ୍ଥ ତଥା ଉତ୍ତମ ବୁଝାମଣାଯୁକ୍ତ ପରିବାର ଗଠନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ କଟକ ପୁରୀଘାଟସ୍ଥିତ ବୁରୁଜସାହି ବସ୍ତିରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦିକା ଆଭା କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ସଙ୍ଗଠନ ସମ୍ପାଦିକା ମୀରା ବେଉରା କାର୍ଯ୍ୟକ୍ରମ ସଂଯୋଜନା କରି ମହିଳାମାନେ ପରସ୍ପର ଭିତରେ ଉତ୍ତମ ବୁଝାମଣା ରଖିଲେ ସୁସ୍ଥ ପରିବାର ଗଢ଼ି ହେବ ବୋଲି କହିଥିଲେ। ମହିଳା କମିଶନ୍ ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା କହିଥିଲେ, ମା'ମାନେ ଉତ୍ତମ ବୁଝାମଣା ଦ୍ୱାରା ପାରିବାରିକ ହିଂସାକୁ ରୋକିପାରିବେ। ବସ୍ତି ଅଞ୍ଚଳର ମହିଳାମାନେ ନିଜର ସମସ୍ୟା ସମ୍ପର୍କରେ କହିଥିଲେ। ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ସମ୍ପର୍କରେ ଲିଖିତ ଆକାରରେ ଅବଗତ କରାଇଥିଲେ। ପରିବାର ପରାମର୍ଶ କେନ୍ଦ୍ରର କାଉନସିଲର ସରୋଜିନୀ ଓଝା, ଅମ୍ବିକାରାଣୀ ପଲାଇ ମହିଳାମାନଙ୍କ ସମସ୍ୟାଗୁଡ଼ିକୁ ପଞ୍ଜୀକୃତ କରିଥିଲେ। ସଂଘ କୋଷାଧ୍ୟକ୍ଷା ନୟନତାରା ନନ୍ଦ, କାର୍ଯ୍ୟକାରୀ କମିଟି ସଭ୍ୟା ଗୀତାଶ୍ରୀ ଦାସ, ବୈଜୟନ୍ତିମାଳା ଖଟୁଆ, ପଲ୍ଲୀ ବେହେରା, ଅମ୍ବିକା ବେହେରା କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

# ୧୪ ଦଫା ଦାବି ନେଇ ୱାର୍ଡ ସଭ୍ୟାସଭ୍ୟଙ୍କ ଧାରଣା

କଣ୍ଟାପଡା, ୬।୧୧ (ସୁରନାରାୟଣ ସାହୁ)



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡ ସଭ୍ୟାସଭ୍ୟମାନେ ଧାରଣାରେ ବସିଛନ୍ତି।

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ହୋଇଥିବା ଅନିୟମିତତାର ତଦନ୍ତ ସହ ୧୩ ଦଫା ଦାବି ନେଇ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୭ ଜଣ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସକାଳୁ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେନି ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଗତ ଅଗଷ୍ଟରେ ୧୪ଦଶ ଅର୍ଥ କମିଶନ ପାସ୍‌ବୁକ୍‌ରୁ ଉଠାଯାଇଥିବା ୯ଲକ୍ଷ ୨୦ ହଜାର ୯୭୨ଟଙ୍କା ଖର୍ଚ୍ଚର ହିସାବ, ପଞ୍ଚାୟତ ମାସିକ ବୈଠକ ନୋଟିସ୍‌ରେ ନିର୍ବାହୀ ଅଧିକାରୀ ଦସ୍ତଖତ କରିବା, ବୈଠକରେ ମାସିକ ଆୟବ୍ୟୟର ମିଥ୍ୟା ବିବରଣୀ ପ୍ରଦାନ କରାଯିବା, ହରିଶ୍ଚନ୍ଦ୍ର ଯୋଜନା ଅର୍ଥର ହିସାବ ସମେତ ଅନ୍ୟାନ୍ୟ ଦାବିନେଇ ନାଏବ ସରପଞ୍ଚ ସରିତା ନାୟକ, ୱାର୍ଡସଭ୍ୟା ପ୍ରମିଳା ଭୋଇ, ମମତା ମୁଦୁଲି(୨୦), ନିରଞ୍ଜନ ମଲ୍ଲିକ, ମମତା ମୁଦୁଲି(୩), ୱାର୍ଡସଭ୍ୟ ନରୋତ୍ତମ ମହାନ୍ତି ଓ ଉମା ଦାସ ଧରଣାରେ ବସିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାସ ପରିଡା କହିଛନ୍ତି, ପଞ୍ଚାୟତରେ ତାଙ୍କ ନାମରେ ହୋଇଥିବା ୫ଟି କାମର ବିଲ୍ ପେମେଣ୍ଟ ପାଇଁ ଅର୍ଥ ଉଠାଯାଇଥିଲା। ତେବେ ଉକ୍ତ କାମର ଫାଇଲରେ ତ୍ରୁଟି ଥିବାରୁ ସମ୍ପୃକ୍ତ ଅର୍ଥକୁ ପୁନର୍ବାର ବ୍ୟାଙ୍କରେ ଜମା କରିଦିଆଯାଇଛି। ଏଥିରେ କୌଣସି ହେର୍‌ଫେର୍ ହୋଇନାହିଁ ବୋଲି ସେ କହିଥିଲେ। ସରପଞ୍ଚ ସୁମିତ୍ରା ପାଢ଼ୀ କହିଛନ୍ତି, ଏବେ ଅନ୍‌ଲାଇନ୍‌ରେ ପଞ୍ଚାୟତ ବୈଠକ ଡକାଯାଉଥିବାରୁ ଆପ୍ ମାଧ୍ୟମରେ ସଭ୍ୟାସଭ୍ୟମାନଙ୍କ ନିକଟକୁ ନୋଟିସ ଯାଉଛି। ତେଣୁ ମୋର ସହମତି କ୍ରମେ ନିର୍ବାହୀ ଅଧିକାରୀ ନୋଟିସ୍‌ଗୁଡିକରେ ଦସ୍ତଖତ କରୁଛନ୍ତି।



କଟକ ବାଲିଯାତ୍ରା ଉପର ପଡିଆରେ ସାତସାହି କଟକ ନୃତ୍ୟୋତ୍ସବର ସୋମବାର ପଞ୍ଚମ ସନ୍ଧ୍ୟାରେ ପଶ୍ଚିମବଙ୍ଗ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ।


କଟକ ମହମ୍ମଦିଆ ବଜାର ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା ଗଢିବାରେ ନିମଗ୍ନ ଜଣେ ଶିଳ୍ପୀ।


**ଆସୁଛି ଦୀପାବଳି:** କଟକ ନୟାସଡ଼କ ଛକ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଦୀପ।

**ସଂକ୍ଷେପରେ**

## ଜନଶୁଣାଣି ଶିବିରରେ ୯୪ ଅଭିଯୋଗ

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୯୪ଟି ଅଭିଯୋଗ ହୋଇଥିଲା। ସେଥିରୁ ୮୪ ବ୍ୟକ୍ତିଗତ ରହିଥିଲା। ୬ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିବା ବେଳେ ୩ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି(ସିଏମ୍ଆରଏଫ୍)ରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ କେ,ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଡ.ବାଦଲ ମହାନ୍ତି, ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବିଡିଓ କ୍ଷୀରାବ୍ଧିତନୟା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ପାଇଁ ଆବେଦନ ଗ୍ରହଣ

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ):** ରାଜ୍ୟ ସରକାର କ୍ରୀଡ଼ାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ପୁରପଲ୍ଲୀରେ ରହିଥିବା ପ୍ରତିଭାବାନ ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଖୋର୍ଦ୍ଧା ଜିଲାର କ୍ରିକେଟ, ହକି, ଫୁଟ୍‌ବଲ, କବାଡି, ଖୋଖୋ, ଭଲିବଲ କ୍ରୀଡାବିତମାନଙ୍କ ମଧ୍ୟରେ ପ୍ରତିଯୋଗିତା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଛି। ଏଥିରେ ଉଭୟ ମହିଳା ଓ ପୁରୁଷ ଯେଉଁମାନଙ୍କ ବୟସ ୧୩ରୁ ୩୫ ବର୍ଷ ମଧ୍ୟରେ ହୋଇଥିବ ସେମାନେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗୀ ନିଜେ ରହୁଥିବା ଅଞ୍ଚଳ ମଧ୍ୟରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଜଣେ ଏକାଧିକ କ୍ରୀଡା ଶୃଙ୍ଖଳାରେ ଅଂଶଗ୍ରହଣ କରିପାରିବେ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। https://sports.odisha.gov.in ମାଧ୍ୟମରେ ଚଳିତ ମାସ ୫ରୁ ୨୦ତାରିଖ ମଧ୍ୟରେ ଅନ୍‌ଲାଇନରେ ଆବେଦନ କରିପାରିବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ସୂଚନା ଦେଇଛନ୍ତି।

## ମୋସେବା କେନ୍ଦ୍ର ପରିଦର୍ଶନ କଲେ ବିଡିଓ

**ନିରାକାରପୁର,୬ା୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଟାଙ୍ଗୀ ବିଡିଓ ସୋମବାର ଛଣଗିରିସ୍ଥିତ ମୋ ସେବା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଲୋକଙ୍କୁ କିଭଳି ଭାବେ ସେବା ଯୋଗାଯାଉଛି ଏବଂ କିଭଳି କାର୍ଯ୍ୟକରୁଛି ତାହା ପଚାରି ବୁଝିଥିଲେ। ବିଡିଓଙ୍କ ଏଭଳି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି। ସୁଧିର କୁମାର, ଭାଗୀରଥି ବେହେରା, ମାନସ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ ରମାକାନ୍ତ ସାମନ୍ତରା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଥାଉ କି, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ପ୍ରାୟ ୨୮ଟି ମୋ ସେବା କେନ୍ଦ୍ର ରହିଛି।

# ମରୁଡ଼ି ଘୋଷଣା ଦାବିକଲେ ଚାଷୀ

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ)**



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀମାନେ।

ପ୍ରତିବର୍ଷ ଚାଷୀ ଧାନ ଫସଲରେ କ୍ଷତି ସହୁଛନ୍ତି। ପ୍ରଶାସନ ନିକଟକୁ ବାରମ୍ବାର ଦୌଡୁଛନ୍ତି, ପ୍ରତିଶ୍ରୁତି ମିଳୁଛି ହେଲେ ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳରେ ଚାଷୀ ହଇରାଣ ହେଉଛନ୍ତି। ଚଳିତ ବର୍ଷ ଧାନ ଥୋଡ଼ ସମୟରେ କେନାଲ ଶୁଖିଲା ପଡିଛି। ଜଳସେଚନର ସୁବିଧା ନ ଥିବାରୁ ଜମି ଫାଟି ଆଁ କଲାଣି। ଫଳରେ ଧାନକେଣ୍ଡା ଶୁଖିଗଲାଣି। ବ୍ୟାଙ୍କ, ଘରୋଇ ସଂସ୍ଥାଠାରୁ ଧାରକରଜ କରି ଫସଲ କରିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି। ସୋମବାର ଅନୁଷ୍ଠିତ ଜନଶୁଣାଣି ଶିବିରରେ ବେଗୁନିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଧାନ ଫସଲ କ୍ଷତିଭରଣା ଏବଂ ମରୁଡ଼ି ଘୋଷଣା କରିବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳରେ ସମସ୍ୟା ସମ୍ପର୍କରେ ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଳସେଚନ ଅଭାବରୁ ଚାଷୀ କିପରି ହଇରାଣ ହେଉଛନ୍ତି କହିଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ବିଳମ୍ବରେ ମୌସୁମୀ

**■ କେନାଲ ଶୁଖିଲା, ବର୍ଷା ଭରସା**
**■ ଋଣ ଶୁଝିବା ଚିନ୍ତାରେ ଚାଷୀ**

ପ୍ରବେଶ, ନିଅଣ୍ଟିଆ ବର୍ଷା, ସ୍ୱଳ୍ପ ବୃଷ୍ଟି ପରେ ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିଥିଲା। ଜୁଲାଇ, ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ୫୦ପ୍ରତିଶତ କମ୍ ବର୍ଷା ହୋଇଥିଲା। ଫଳରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଏହି ବ୍ଲକ ଅଞ୍ଚଳର ଅଧିକାଂଶ ହେଉଛନ୍ତି ଚାଷୀ। ହେଲେ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ପ୍ରତିବର୍ଷ କେନାଲ ମରାମତି ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କେନାଲ ଶୁଖିଲା ପଡୁଛି। କେନାଲରେ ପାଣି ରହୁନି। ତେଣୁ ଚାଷୀଙ୍କ ବର୍ଷାଜଳ ଏକମାତ୍ର ଭରସା। ସେପ୍ଟମ୍ବର ମାସରୁ ବର୍ଷା ହେଉନାହିଁ। ଏପଟେ ଜଳସେଚନର ବିଶେଷ ସୁବିଧା ନ ଥିବାରୁ ଚାଷୀ ଯେଣେତେଣେ ପ୍ରକାରେ ଚାଷ କରିଥିଲେ। ଏବେ ଧାନର ଥୋଡ ବାହାରିବା ସମୟରେ ଜଳସେଚନ ଅଭାବରୁ ଫସଲ ନଷ୍ଟ ହେଲାଣି। ଚଳିତବର୍ଷ ଫସଲ ଅମଳ ଆଶାତୀତ କମିବା ମଧ୍ୟ ସମ୍ଭବନା ରହିଛି। ଏଭଳି ସ୍ଥିତି ଲାଗି ରହିଲେ ବ୍ୟାଙ୍କ, ଘରୋଇ ସଂସ୍ଥା ଠାରୁ ଧାର କରିଥିବା ଚାଷୀ କିପରି ଋଣ ସୁଝିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। ତେଣୁ ଚାଷଜମିର ସ୍ଥିତି ଅନୁଧ୍ୟାନ କରି ମରୁଡ଼ି ଘୋଷଣା କରିବାକୁ ଦାବି କରିଛନ୍ତି। ପ୍ରଦୀପ୍ତ କୁମାର ବାରିକ, ଶିବପ୍ରସାଦ ଦାସ, ରମେଶ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୂଜବଳ, ସୁରେନ୍ଦ୍ର ବେହେରା, ଦେବରାଜ ସାହୁଙ୍କ ସମେତ ଏକାଧିକ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ)**

**୩ ଅଟକ, ପୋଲିସର ତଦନ୍ତ ଜାରି**

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବଘେଇଟାଙ୍ଗୀରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ବାଲିସାହିର ସୌମ୍ୟରଞ୍ଜନ ରାଉଳଙ୍କ ସ୍ତ୍ରୀ ବେବିନା। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା(ନଂ.୬୩୮/୨୩) ରୁଜୁ କରିବା ସହ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ବଘେଇଟାଙ୍ଗୀ ପ୍ରଧାନ ସାହିର କାହ୍ନୁଚରଣ ପୃଷ୍ଟିଙ୍କ ଅଭିଯୋଗ ଅନୁଯାୟୀ, ସାନଭଉଣୀ ବେବିନା ଦୁଇ ବର୍ଷ ପୂର୍ବେ ସେହିଗ୍ରାମ ବାଲିସାହିର ସୌମ୍ୟରଞ୍ଜନଙ୍କୁ ଭଲପାଇ ବିବାହ କରିଥିଲେ। ସେମାନଙ୍କର ଏକ ବର୍ଷର ପୁଅ ରହିଛି। ବିବାହର ୬ମାସ ପର୍ଯ୍ୟନ୍ତ ଉଭୟ ଭଲରେ ରହିଥିଲେ। ପରବର୍ତ୍ତୀ ସମୟରେ ସୌମ୍ୟରଞ୍ଜନ, ତାଙ୍କ ବୋଉ ଓ ବଡବାପା ପୁଅ ଭାଇ ଦୀପକ ଓ ତାଙ୍କ ସ୍ତ୍ରୀ ରୂପାଲି ରାଉତ ବେବିନାଙ୍କୁ ନିର୍ଯାତନା ଦେଉଥିଲେ। ବାପଘରୁ ୫ଲକ୍ଷ ଯୌତୁକ ଆଣିବାକୁ ବେବିନାଙ୍କୁ କହୁଥିଲେ। ଏନେଇ ବେବିନା ଫୋନ ଯୋଗେ ବାପଘରକୁ ଜଣାଇଥିଲେ। ପରେ ବାପଘର ପକ୍ଷରୁ ୩ଲକ୍ଷ ଟଙ୍କା ଦିଆଯାଇଥିଲା। କିଛିମାସ ପରେ ପୁଣି ଅବଶିଷ୍ଟ ୨ଲକ୍ଷ ଟଙ୍କା ଦାବି କରି ବେବିନାଙ୍କୁ ଶାଶୁଘରଲୋକେ ନିର୍ଯାତନା ଦେଇଆସୁଥିଲେ। ଏପରିକି ଖାଇବାକୁ ଦେଉ ନ ଥିଲେ। ୨ଲକ୍ଷ ନ ଦେଲେ ବେବିନାଙ୍କୁ ମାରିଦେବୁ ବୋଲି ସୌମ୍ୟରଞ୍ଜନ ଧମକ ଦେଇଥିଲେ। ବୁଧବାର ରାତିରେ ବେବିନାଙ୍କ ଦେହ ଖରାପ ଥିବା ସୌମ୍ୟରଞ୍ଜନ ଫୋନ କରି ଜଣାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚିବା ବେଳକୁ ବେବିନାଙ୍କ ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ବେବିନାଙ୍କ ବେକରେ ଏକ ଦାଗ ଥିବା ବେଳେ ପାଖରେ ଏକ ଓଢଣି ପଡିଥିଲା। ବେବିନାଙ୍କ ବେକକୁ ଓଢଣିରେ ଚାପି ଶାଶୁଘର ଲୋକେ ମାରିବା ସହ ଆମ ପରିବାରକୁ ହତ୍ୟା ଧମକ ଦେଉଥିବା କାହ୍ନୁଚରଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଧାନଫସଲକୁ ପାଣିମୋଟର ଭରସା

**ବୋଲଗଡ଼,୬ା୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅଞ୍ଚଳରେ ବର୍ଷା ଅଭାବରୁ ଚାଷଜମିରୁ ପାଣି ଶୁଖିଯାଇ ଜମି ଫାଟି ଗଲାଣି। ଫଳରେ ଧାନ ଧାନକେଣ୍ଡା ଗୁଡ଼ିକ ନଷ୍ଟ ହୋଇ ଶୁଖି ଗଲାଣି। ଆଗକୁ ମରୁଡ଼ି ପରିସ୍ଥିତି ଆଶଙ୍କା ରହିଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥା ସହ ମହାଜନଙ୍କଠାରୁ ଋଣ ନେଇଥିବା ଚାଷୀ କିପରି ଶୁଝିବ ଚିନ୍ତାରେ ପଡ଼ିଛି। ମୋଟ୍ ଜମିର ୩୩ ପ୍ରତିଶତ ଜଳସେଚନର ସୁବିଧା ଥିବା କେବଳ କାଗଜପତ୍ରରେ ଦର୍ଶାଯାଉଥିବା ବେଳେ ଏହା ନାମକୁ ମାତ୍ର କାର୍ଯ୍ୟକ୍ଷମ ଅଛି। ଏପଟେ ଚାଷୀ ବର୍ଷଯାକର ଆହାର ପାଇଁ ଉଦ୍ୟମ ଜାରି ରଖିଛି। କୂଅ, ପୋଖରୀ ଯେଉଁଠି ପାଣି ଅଛି ତାହାକୁ କ୍ଷେତ ପର୍ଯ୍ୟନ୍ତ ନେବାକୁ ଲଗିପଡ଼ିଛି ଚାଷୀ। ପାଣି ମୋଟର ଲଗାଇ ଫସଲ ବଞ୍ଚାଇବା ଉଦ୍ୟମ ଦୃଶ୍ୟ ଦେଖିବାକୁ ମିଳିଛି। ମରୁଡି, ବାତ୍ୟା ଆଦି ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି। କୃଷକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ଜଳସେଚନ ଅଭାବରୁ ଫସଲହାନି ଘଟୁଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଦୃଷ୍ଟିଦେବା ଜରୁରୀ ହୋଇପଡ଼ିଛି।

# ଏଲ୍ଆଇ ପଏଣ୍ଟ ପୁନଃ କାର୍ଯ୍ୟକ୍ଷମ ହେଉ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗୋଲବାଇଶାସନ ପଞ୍ଚାୟତ ଅଞ୍ଚଳର ଚାଷୀମାନେ।

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଗୋଲବାଇଶାସନ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଥିବା ଲିଫ୍ଟ ଇରିଗେସନ(ଏଲ୍ଆଇ) ପଏଣ୍ଟ ପୁନଃ କାର୍ଯ୍ୟକ୍ଷମ ଦାବି କରିଛନ୍ତି। ଅଞ୍ଚଳର ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ। ଧାନ ମୁଖ୍ୟ ଫସଲ। ତେବେ ଜଳସେଚନ ମୁଖ୍ୟ ସମସ୍ୟା ରହିଛି। ପର୍ଯ୍ୟାପ୍ତ ଜଳସେଚନର ବ୍ୟବସ୍ଥା ନ ଥିବା ବେଳେ ଇଚ୍ଛାପୁର ଠାରେ ଏଲଆଇ ପଏଣ୍ଟ ଅଚଳ ହୋଇପଡିଛି। ଏହାକୁ କାର୍ଯ୍ୟକ୍ଷମ କରାଗଲେ ଲୋକେ ଉପକୃତ ହୋଇପାରିବେ। ମଳିପଡା ବିଦ୍ୟୁତ ସେକ୍ସନ ଅଧୀନରେ ରହିଛି ଏହି ଅଞ୍ଚଳ। ବିଦ୍ୟୁତ୍ ସଂଯୋଗ ଜନିତ ସମସ୍ୟା ସମାଧାନ କରାଗଲେ, ଲୋକେ ଜଳସେଚନର ସୁବିଧା ପାଇପାରିବେ ବୋଲି ନିବେଦନ କରିଛନ୍ତି। ବର୍ଷା ଜଳ ଉପରେ ଲୋକେ ନିର୍ଭରଶୀଳ ରହିଥିବା ବେଳେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଫସଲକୁ ଉଜାଡି ଦେଇଛି। ଆଗକୁ ବର୍ଷା ନ ହେଲେ ଫସଲ ନଷ୍ଟ ହୋଇଯିବ। ପ୍ରଶସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକ ମଞ୍ଚସ୍ଥ

**ନିରାକାରପୁର,୬ା୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଲକ୍ଷ୍ମୀବଜାର ପୂଜା କମିଟି ପକ୍ଷରୁ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାମାଜିକ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ମଞ୍ଚସ୍ଥ ହୋଇଯାଇଛି। ଅନୁଷ୍ଠାନର ସମସ୍ତ କଳାକାରମାନେ ମଞ୍ଚରେ ନିଖୁଣ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ପ୍ରଧାନ, ବିଦ୍ୟାଧର ରାଉତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଜଲକ୍ଷ୍ମୀ ପୂଜା କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ବାପାଙ୍କ ରୁଚି ପାଇଁ ବିତରକ ବୃତ୍ତିକୁ ଆଦରିଲି'

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ)**



ଧର୍ମେନ୍ଦ୍ର ସେଠୀ

ଖୋର୍ଦ୍ଧା ବ୍ଲକ କୁଆପୁଟ ଗ୍ରାମର ଧର୍ମେନ୍ଦ୍ର ସେଠୀ। ବୟସ ୪୩ ଛୁଇଁଲାଣି। ମା'ବାପା, ସହଧର୍ମିଣୀଙ୍କ ସହ ଦୁଇ ପୁଅଙ୍କୁ ନେଇ ତାଙ୍କ ପରିବାର। ଦୀର୍ଘ ୧୦ବର୍ଷ ହେବ ଧର୍ମେନ୍ଦ୍ର ଖବରକାଗଜ ବିତରକଭାବେ କାମ କରୁଛନ୍ତି। ଦିନକୁ ୩୦ରୁ ୪୦କିମି ବୁଲି ଖବରକାଗଜ ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ଗୁରୁଜଙ୍ଗଠାରୁ ସେ ଖବରକାଗଜ ଦେବା ଆରମ୍ଭ କରିବା ସହ ନୂଆଗାଁ, ଉଇଲକିଶନ ନଗର, ବଘେଇଟାଙ୍ଗୀ, ଟାଙ୍ଗିଆପଡ଼ା, ବିଁକୁଡିଆ, ନିଆଳ, ମୁକ୍ତାପୁର ଆଦି ଦେଇ ଗଡ଼ହଳଦିଆରେ ଶେଷ କରିଥାନ୍ତି। ସକାଳେ ଧରିତ୍ରୀ ଓ ଅନ୍ୟାନ୍ୟ ଖବରକାଗଜ ଲୋକଙ୍କ ନିକଟରେ ପହଞ୍ଚିଗଲେ, ଗ୍ରାହକଙ୍କ ମନ ଆନନ୍ଦିତ ହୋଇଯାଏ। ସକାଳେ ଲୋକଙ୍କ ହସ, ଖୁସି ତାଙ୍କୁ ବଳ ଦେଇଥାଏ ବୋଲି ଧର୍ମେନ୍ଦ୍ର କହିଛନ୍ତି। କିଛିଦିନ ହେବ ସେ ଖବରକାଗଜ ବିତରଣ ସହ ଦୁଗ୍ଧ ପ୍ୟାକେଟ ଏବଂ ପାଉଁରଟି ବେପାର ମଧ୍ୟ କରୁଛନ୍ତି। ସେ କହିଛନ୍ତି, ପୂର୍ବରୁ ଦିଲୀର ଏକ ଘରୋଇ କମ୍ପାନୀରେ ରହି କାମ କରୁଥିଲି। ସେଠାରେ ଶରୀର ଅସୁସ୍ଥତା କାରଣରୁ ଘରକୁ ଫେରିଆସିଲି। ସେହି ସମୟରେ ଅଞ୍ଚଳର ଜଣେ ବଡଭାଇ ଖବରକାଗଜ ଦେଉଥିଲେ। ହଠାତ୍ ସେ ଖବରକାଗଜ ଦେବା ବନ୍ଦ କରିଦେଇଥିଲେ। ସକାଳ ହେଲେ ବାପା ଖବରକାଗଜ ଖୋଜିଥାନ୍ତି। ତେଣୁ ବାପାଙ୍କ ପାଇଁ ଖବରକାଗଜ ଆଣିବାକୁ ପଡେ। ତେବେ ବାପାଙ୍କ ଆଗ୍ରହ ଏବଂ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ଦେଖି ଖବରକାଗଜ ବିତରଣ ଆରମ୍ଭ କରିଥିଲି। ୨୦ଖଣ୍ଡରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ୨୫୦ ଖଣ୍ଡରେ ପହଞ୍ଚିଥିଲା। କରୋନା ମହାମାରୀ ସମୟରେ ଖବରକାଗଜ ଚାହିଦା କମିଗଲା। ପରେ ଏହାର ସଂଖ୍ୟା ଖସିଗଲା। ଏବେ ୧୫୦ଖଣ୍ଡ ପେପର ବଣ୍ଟନ କରୁଛି। ଆଗକୁ ଅଧିକ ପେପର ବିକ୍ରି ହେବ ବୋଲି ସେ ଆଶା ରଖିଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ଖବରକାଗଜର ଚାହିଦା ରହିଛି। ପାନଦୋକାନ, ଚାହା ଦୋକାନରେ ଖବରକାଗଜ ପଢ଼ିବା ପାଇଁ ଲୋକେ ଅପେକ୍ଷା କରିଥାନ୍ତି। ବିଳମ୍ବ ହେଲେ କାରଣ ପଚାରି ବୁଝିଥାନ୍ତି। ଲୋକଙ୍କ ଭଲପାଇବା ଯୋଗୁ ଦୀର୍ଘଦିନ ହେବ ସେ ଏହି ବୃତ୍ତିରେ ବାନ୍ଧି ହୋଇରହିଛନ୍ତି ବୋଲି କହିଛନ୍ତି।

# ପାଲା ଗ୍ରାମୀଣ ସଂସ୍କୃତି ପରମ୍ପରାର ପ୍ରତୀକ

**ଖୋର୍ଦ୍ଧା,୬ା୧୧(ପ୍ରଭାତ ପାଣିଗ୍ରାହୀ)**

**ପାଲା ଗାୟକ ପରିଷଦର ୩୧ତମ ବାର୍ଷିକ ଉତ୍ସବ**



ଖୋର୍ଦ୍ଧା ଜିଲା ମହୁଲ ଗ୍ରାମସ୍ଥିତ ମା'ଦୁର୍ଗା ଦେବୀ ମନ୍ଦିର ପରିସରରେ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଉପଶାଖା ମା'ବରୁଣେଇ ମଣ୍ଡଳର ୩୧ତମ ବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଗାୟକ ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରଫୁଲ୍ଲ କୁମାର ଦାଶ, ବଂଶୀଧର ବେହେରା ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି, ଭାଷା ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପାଲା ଗ୍ରାମୀଣ ସଂସ୍କୃତି ପରମ୍ପରାର ପ୍ରତୀକ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଗାୟକ ସ୍ୱର୍ଗତ ଅରୁଣ ଚକ୍ରଧର ବାରିକଙ୍କ ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ମିହିର କୁମାର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ଓ ଗାୟକ ଲକ୍ଷ୍ମୀଧର ପଣ୍ଡା ସଂଯୋଜନା କରିଥିଲେ। ସହ ସମ୍ପାଦକ ହରିହର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗାୟକ ବୈଷ୍ଣବ ପଣ୍ଡା, ସୁଦର୍ଶନ ମହାପାତ୍ର, ପ୍ରଫୁଲ ପ୍ରଧାନ ଓ ସହକର୍ମୀ ଶ୍ୟାମସୁନ୍ଦର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଗୁରୁ ପୂଜନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଲୁଲୁଙ୍କ ସାଙ୍ଗଠନିକ ଦକ୍ଷତା ଉଚ୍ଚକୋଟୀର ଥିଲା

**କୃଷ୍ଣପ୍ରସାଦ,୬ା୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**



ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଡ଼ରୋଡ଼ଙ୍ଗଠାରେ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତ୍ରୀ ଉପାସନା ମହାପାତ୍ର ଏବଂ ଶୁଭ୍ରାଂଶୁ ଶେଖର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, କୃଷ୍ଣପ୍ରସାଦ ଭାଜପା ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା, ରଘୁନାଥ ବଡୁ, ଉତ୍ତମ ତରେଇ, ପିରିଜିପୁର ସରପଞ୍ଚ ଇଂ. ମଳୟ ଜେନା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡ଼ା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଅଲଣ୍ଡା ସରପଞ୍ଚ ବିଷ୍ଣୁ ପ୍ରିୟା ବିଶ୍ୱାଳ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଲୁଲୁଙ୍କ ସାଙ୍ଗଠନିକ ଦକ୍ଷତା ଓ ନେତୃତ୍ୱ ରାଜନୈତିକ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। କ୍ୟାପିଟାଲ ହସ୍ପିଟାଲ ଓଡ଼ିଶା ବ୍ଲଡ ବ୍ୟାଙ୍କର କର୍ମକର୍ତ୍ତାଙ୍କ ଦ୍ୱାରା ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ସୁଶାନ୍ତ କୁମାର ବୈରିଗଞ୍ଜନ, ବିଛନ୍ଦ ଜେନା, ବିଶ୍ୱଜିତ୍ ବିଶ୍ୱାଳ, ସମିତିସଭ୍ୟା କନକଲତା ଜେନା, ସମିତିସଭ୍ୟା ମାନସୀ ସାହୁ, ଗୋବର୍ଦ୍ଧନ ତରେଇ ଉପସ୍ଥିତ ଥିଲେ। ସେହିପରି ଲୁଲୁ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତିଛିଣି ସ୍ଥିତ ବୀଣାପାଣି ୟୁଥ୍ କ୍ଲବ ପରିସରରେ ମାଗୁଣି ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଲୁଲୁଙ୍କ ସ୍ମୃତିଚାରଣ କରାଯାଇଥିଲା। ବୋଇତ ବନ୍ଦାଣ କମିଟି ପାରିକୁଦ ପକ୍ଷରୁ ଚିଲିକା ଘିମୁଦା ଘାଟ ପେଣ୍ଠଠାରେ ପରିଚାଳନା କମିଟି ସଭାପତି ବାଉରିବନ୍ଧୁ ଦଳେଇଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ବିଶ୍ୱାଳ, ନାଲୁ ପାହାଣ, ମାନସ ଜେନା ଯୋଗଦେଇଥିଲେ।

# ନିଖୋଜ ଯୁବକଙ୍କ ଟେର୍ ପାଉନି ପୋଲିସ

**ଖୋର୍ଦ୍ଧା, ୬ା୧୧(ପ୍ରଭାତ ପାଣିଗ୍ରାହୀ)**

**■ ଗାଈ ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ**
**■ ଦୁଇଟି ଟିମ୍ ଗଠନ କରାଯାଇଛି**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କୁମ୍ଭିଲୋ ଗ୍ରାମର ସନ୍ତୋଷ ବେହେରା ଓରଫ ରାଜା(୨୫) ଗାଈ ଚରାଇବାକୁ ଯାଇ ନିଖୋଜ ଘଟଣାକୁ ୨ବର୍ଷ ବିତିଲାଣି। ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ବର୍ତ୍ତମାନ ପର୍ଯ୍ୟନ୍ତ ରାଜାଙ୍କ ସନ୍ଧାନ ପାଇପାରି ନାହିଁ। ଏହି ଘଟଣାର ତଦନ୍ତ ଯେପରି ବାଟବଣା ହୋଇପଡ଼ିଛି। ରାଜା କୁଆଡ଼େ ଗଲେ, ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଯାଇଛି।

ସୂଚନାଥାଉ କି, କୁମ୍ଭିଲୋ ଗ୍ରାମର ଲକ୍ଷ୍ମୀଧରଙ୍କ ପୁଅ ରାଜା ୨୦୨୧ ଅକ୍ଟୋବର ୨୪ ପୂର୍ବାହ୍ନରେ ଗାଁପାଳି ଅନୁସାରେ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗାଈ ଗୋଠ ଗାଁକୁ ଫେରିଆସିଥିଲା। କିନ୍ତୁ ରାଜା ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ, ଘଟଣା ପୂର୍ବଦିନ ସନ୍ଧ୍ୟାରେ ପତନିବର ଗ୍ରାମର କେତେଜଣ ଯୁବକ ଲକ୍ଷ୍ମୀଧରଙ୍କ ଘରକୁ ଆସି ରାଜା କାହିଁ ବୋଲି ପଚାରିଥିଲେ। ଧରାପଡିଲେ, ମାଡ଼ ମାରିବୁ, ପୋଲିସ ଜିମା ଦେବୁ ବୋଲି ଧମକ ଦେଇ ପଳାଇଥିଲେ। ତା' ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜା ଘରକୁ ଫେରି ନ ଥିଲା। ରାଜା ବ୍ୟବହାର କରୁଥିବା ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ଏହା ସୁଇଚ୍ ଅଫ୍ ଆସିଥିଲା। ଫଳରେ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିଲେ। ୨୫ତାରିଖରେ ଏନେଇ ଲକ୍ଷ୍ମୀଧରଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ନିଖୋଜ ମାମଲା(ନଂ.୪୨/୨୧) ରୁଜୁ ହୋଇଛି। ଏନେଇ ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଘଟଣା ସମ୍ପର୍କରେ ଥାନାରେ ସେହି ସମୟରେ ନିଖୋଜ ମାମଲା ରୁଜୁ ହୋଇଛି। ଦୁଇଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଛି। ରାଜା ବ୍ୟବହାର କରୁଥିବା ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରାଯାଉଛି।

**ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା**

ସେହି ସମୟରେ ଏହି ଘଟଣା ରାଜନୈତିକ ରୂପ ନେଇଥିଲା। ପୁଅ ନ ଫେରିବାରୁ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ପରିବାର ସମେତ ଶତାଧିକ ଗ୍ରାମବାସୀ ଘଟଣାର ୫ଦିନ ପରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ତେବେ ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ରାଉତରାୟ ଧାରଣାରୁ ଉଠି ପଳାଇଥିଲେ। ତେବେ ଗ୍ରାମବାସୀ ଧାରଣାରେ ବସିରହିଥିଲେ। ଯୁବକଙ୍କ ସନ୍ଧାନ ନ ପାଇବା ପର୍ଯ୍ୟନ୍ତ ଧାରଣାରୁ ହଟିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ଖବରପାଇ ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ ଦଳୀୟ କର୍ମୀଙ୍କ ସହ ପହଞ୍ଚିଥିଲେ। ଧାରଣାରତ ଗ୍ରାମବାସୀଙ୍କୁ ବିଭୂତି ବୁଝାଶୁଝା କରିଥିଲେ।

**ପ୍ରତିଶ୍ରୁତି ଦେଇ ଭୁଲିଗଲେ**

ସେହି ସମୟରେ ତତ୍କାଳୀନ ଏସ୍‌ପି ରାଜକିଶୋର ଦୋରା ୨୪ ଘଣ୍ଟା ମଧ୍ୟରେ ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ତେବେ ଏଯାବତ ପୋଲିସ ଏହି ଘଟଣାର ଶେଷ ପର୍ଯ୍ୟାୟରେ ପହଞ୍ଚିପାରିଲା ନାହିଁ। ଇତି ମଧ୍ୟରେ ଅନ୍ୟ ଜଣେ ଏସ୍‌ପିଙ୍କ ମଧ୍ୟ ବଦଳି ହୋଇଥିବା ବେଳେ ଏବେ ସିଦ୍ଧାର୍ଥ କଟ୍ଟାରିଆ ଏସ୍‌ପି ଅଛନ୍ତି। ତେବେ ଅପରାଧ ରେକର୍ଡ ତାଲିକାରେ ଫାଇଲ ଗଡୁଛି। ପୋଲିସ କୌଣସି ସୁରାକ ପାଇପାରି ନ ଥିବା ଜଣାପଡ଼ିଛି।

**ନୂଆଗାଁରେ ପାରାୟଣ ଓ ପ୍ରବଚନ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ ନୂଆଗାଁଠାରେ ପବିତ୍ର କାର୍ତ୍ତିକମାସରେ ପ୍ରବଚନ ପାରାୟଣ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାମାୟଣ କିପରି ଜୀବନଶୈଳୀ ଓ ସାମାଜିକ ସଦ୍ଭାବରେ ସହାୟକ ହୋଇଥାଏ ତାହା ପ୍ରବକ୍ତାମାନେ ପ୍ରକାଶ କରିଛନ୍ତି। ପ୍ରତ୍ୟହ ସୂର୍ଯ୍ୟପୂଜା, ଶକ୍ତିପୂଜା ସହ ଘୃତଯଜ୍ଞ ଓ ଅନ୍ନଯଜ୍ଞ ସଂପନ୍ନ ହୋଇଅଛି। ପ୍ରବକ୍ତା ଭାବେ ପଣ୍ଡିତ ମୃତ୍ୟୁଞ୍ଜୟ ସାମନ୍ତରା, ସୁଶାନ୍ତ ଦାସ, ପଣ୍ଡିତ ଅକ୍ଷୟ ମହାରାଜ, କବିକସୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ସମୀର ବାହିନୀପତି ପ୍ରମୁଖ ଯୋଗ ଦେଉଛନ୍ତି। ପ୍ରତ୍ୟହ ବିଳମ୍ବିତ ରାତ୍ର ଯାଏଁ ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲୁଅଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧୧।୨୦୨୩

| | |
|---|---|
| ୪,୭୩,୨୧୩ ଟଙ୍କା | |
| ସୁନା | ୨.୧୦୦ ଗ୍ରାମ୍ |
| ରୁପା | ୬.୫୫୦ ଗ୍ରାମ୍ |

## ସଂକ୍ଷେପରେ

### ଇଡେନ୍ ଗାର୍ଡେନରେ ଉଡ଼ିଲା ପତିତପାବନ ବାନା

ପୁରୀ,୬।୧୧(ଅଜିତ୍ ମହାନ୍ତି): ଭାରତରେ ଏବେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଚାଲିଛି। ମଙ୍ଗଳବାର କୋଲକାତାର ଇଡେନ୍ ଗାର୍ଡେନ ଷ୍ଟାଡିୟମ୍‌ରେ ଭାରତ–ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ବେଳେ ଷ୍ଟାଡିୟମ ପରିସରରେ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ମଙ୍ଗଳ କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ଉଡ଼ାଯାଇଛି। ପୁରୀ ନାଗପାଟଣାର ଅଜୟ କୁମାର ସ୍ୱାଇଁ ଭାରତୀୟ ଖେଳାଳିଙ୍କ ଶୁଭ ମନାସି ତଥା ଭାରତର ସଫଳତା କାମନା କରି ପତିତପାବନ ବାନା ଉଡ଼ାଇଥିଲେ। ଏହି ମ୍ୟାଚ୍‌ରେ ଭାରତ ଦମ୍‌ଦାର ଖେଳ ପ୍ରଦର୍ଶନ କରି ବିଜୟ ହାସଲ କରିଥିଲା। ଜୟ ଜଗନ୍ନାଥ, ଜୟ ପୁରୀ ଧ୍ୱନି ସାଙ୍ଗକୁ ମହାପ୍ରଭୁଙ୍କ ପତିତପାବନ ବାନା ଷ୍ଟାଡିୟମରେ ଅଜୟ ଉଡ଼ାଉଥିବାର ସେହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି।

### ଛୁରି ଦେଖାଇ ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ନାବାଳକ ଅଟକ

ସାକ୍ଷୀଗୋପାଳ, ୬।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ): ସତ୍ୟବାଦୀ ଥାନା ଅନ୍ତର୍ଗତ ସାଣ୍ଡରାଶାସନ ପଞ୍ଚାୟତର ଏକ ଗ୍ରାମରେ ଜଣୈକା ମହିଳାଙ୍କୁ ପଡ଼ିଶା ଘରର ଜଣେ ନାବାଳକ ଛୁରି ଦେଖାଇ ଅସଦାଚରଣ କରିଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ସୋମବାର ଭୋର ସମୟରେ ଜଣେ ୨୩ ବର୍ଷୀୟା ମହିଳା ନିଜ ଘର ବାରିପଟେ ଥିବା ନଳକୂପ ନିକଟରେ ସ୍ନାନ କରୁଥିବା ବେଳେ ପଡ଼ୋଶୀ ଘରର ଜଣେ ନାବାଳକ ଛୁରି ଦେଖାଇ ମହିଳାଙ୍କୁ ଭୟଭୀତ କରିବା ସହ ଅସଦାଚରଣ କରିଥିଲେ। ଏହାର ବିରୋଧ କରି ମହିଳା ଜଣକ ଜୋର୍‌ରେ ଡାକ ପକାଇବାରୁ ଅନ୍ୟ ଜଣେ ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ କାବୁ କରିନେଇଥିଲେ। ପରେ ସତ୍ୟବାଦୀ ଥାନାକୁ ଏ ବିଷୟରେ ଖବର ଦିଆଯାଇଥିଲା। ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ନାବାଳକଙ୍କୁ ଆଣି ତଦନ୍ତ କରୁଥିବା ଜଣାପଡିଛି। ପୀଡିତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ ୩୫୫/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି। ପୂର୍ବରୁ ଉଭୟ ପରିବାର ମଧ୍ୟରେ ପାରିବାରିକ ବିବାଦ ରହିଥିଲା ବୋଲି ସତ୍ୟବାଦୀ ପୋଲିସ ସୂଚନା ଦେଇଛି।

# କାଜୁ ନିଲାମ, କିଣାବିକାରେ ଦୁର୍ନୀତି ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି

କୋଣାର୍କ,୬।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନ ବିଭାଗ କାର୍ଯ୍ୟାଳୟ ଅଧୀନ ୧୯ ଗୋଟି ଇକୋ ଡେଭେଲପମେଣ୍ଟ କମିଟି ମାଧ୍ୟମରେ ହେଉଥିବା କାଜୁ ନିଲାମ ଓ କାଜୁ କିଣାବିକାରେ ବନ ବିଭାଗ ପକ୍ଷରୁ ବିଗତ ୫ବର୍ଷ ମଧ୍ୟରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ କୋଣାର୍କ ବନ ବିଭାଗ ଅଧୀନ ୧୯ଟି ଇକୋ ଡେଭେଲପମେଣ୍ଟ କମିଟି ମାଧ୍ୟମରେ ପରିଚାଳିତ ବାଲୁଖଣ୍ଡ ଅଭୟାରଣ୍ୟରେ ଗତ ୨୦୧୮ଠାରୁ ପ୍ରତିବର୍ଷ କାଜୁ ଜଙ୍ଗଲ ନିଲାମ ସ୍ଥାନୀୟ ବନ ବିଭାଗ ପକ୍ଷରୁ କରାଯାଇଥାଏ। ଏହି ନିଲାମ ପ୍ରକ୍ରିୟାରେ ୧୯ଟି ଇଡିସିର ଦାୟିତ୍ୱରେ ଥିବା ଫରେଷ୍ଟର ଓ ଇଡିସି କମିଟି ସଭାପତି ଓ କର୍ମକର୍ତ୍ତାଙ୍କୁ ନେଇ ନିଲାମ କାର୍ଯ୍ୟ ହୋଇଥାଏ। କୋଣାର୍କ ବନ ବିଭାଗ ପକ୍ଷରୁ ନିଲାମ କରାଯାଇଥିବା କାଜୁ ଜଙ୍ଗଲକୁ ନିଲାମ ନେଇଥିବା ବ୍ୟକ୍ତି ବିଶେଷ ଜଙ୍ଗଲରୁ କାଜୁ ତୋଳିବା ପରେ ସମସ୍ତ କାଜୁ ବନ ବିଭାଗ କାର୍ଯ୍ୟାଳୟରେ ପୈଠ କରିଥାନ୍ତି। ୧୯ଗୋଟି ଇଡିସିର ସଂଗୃହୀତ କାଜୁ ବନ ବିଭାଗ ମାଧ୍ୟମରେ ନିଲାମ କରାଯାଇଥାଏ। ମୋଟ ନିଲାମ ଅର୍ଥର ଶତକଡା ୫୦ଭାଗ ଅର୍ଥ ନିଲାମ ନେଇଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବା ସହ ଅବଶିଷ୍ଟ ଅର୍ଥ ବନ ବିଭାଗ ଇଡିସିଗୁଡ଼ିକର ଉନ୍ନୟନ କାର୍ଯ୍ୟ ପାଇଁ ନିଜ ପାଖରେ ରଖିଥାନ୍ତି। କୋଣାର୍କ ବନବିଭାଗ ପକ୍ଷରୁ ୧୯ଗୋଟି ଇକୋ ଡେଭେଲପମେଣ୍ଟ କମିଟିରେ ବିଭିନ୍ନ କମିଟିରୁ ଭିନ୍ନ ଭିନ୍ନ ଭାବେ କାଜୁ ସଂଗୃହିତ ହେଉଥିବାବେଳେ ବନବିଭାଗ ଇଡିସିଗୁଡ଼ିକରୁ କମ୍ ପରିମାଣର କାଜୁ ସଂଗ୍ରହ ହେଉଥିବା ଦର୍ଶାଉଥିବା ବୃକ୍ଷପ୍ରେମୀ ବନମାଳୀ ଖଟୁଆ ଅଭିଯୋଗ କରିଛନ୍ତି। ବନବିଭାଗ ପକ୍ଷରୁ କାଜୁ ନିଲାମ ବାବଦରେ ବିଗତ ୫ବର୍ଷ ମଧ୍ୟରେ ସଂଗୃହିତ ଲକ୍ଷାଧିକ ଟଙ୍କା କାଗଜ କଲମରେ ଇଡିସି ଓ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଉନ୍ନୟନ କାର୍ଯ୍ୟ ବାବଦରେ ଖର୍ଚ୍ଚ କରାଯାଉଥିବା ଦର୍ଶାଇ ବ୍ୟାପକ ଅର୍ଥ ବାଟମାରଣା କରାଯାଇଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ପରିବେଶବିତ ଓ ପ୍ରକୃତିପ୍ରେମୀଙ୍କ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି। ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଥିବା ବନ୍ୟ ପ୍ରାଣୀଙ୍କ ନିମନ୍ତେ ପୋଖରୀ ଖନନ, ଇଡିସି ଗୃହ ନିର୍ମାଣ ଓ ନବୀକରଣ, ଘାସ ଚାଷ ଓ ଚାରାରୋପଣ ନାଁରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଥିବାବେଳେ କାଜୁ ନିଲାମ ବାବଦରେ ଆଦାୟ ଅର୍ଥ କେଉଁ ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାମ୍ପା ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ୟାପକ ଚାରାରୋପଣ ନିମନ୍ତେ ବନ ବିଭାଗ ବ୍ୟାପକ ଅର୍ଥ ବ୍ୟୟବରାଦ କରୁଥିବାବେଳେ ତାହା କାଗଜ କଲମରେ କୋଣାର୍କ ବନ ବିଭାଗ ପକ୍ଷରୁ ହରିଲୁଟ କରାଯାଉଛି ବୋଲି ପ୍ରକୃତି ପ୍ରେମୀ ବନମାଳୀ ଖଟୁଆ ଅଭିଯୋଗ କରିଛନ୍ତି। କୋଣାର୍କ ବନ ବିଭାଗ ପକ୍ଷରୁ ରାମଚଣ୍ଡୀ, ଅଫିସ ପରିସର ଓ କୁରୁଜଙ୍ଗ ବିଟ୍ ହାଉସ ସମେତ ବିଭିନ୍ନ ସ୍ଥାନରେ ଉନ୍ନୟନ କାର୍ଯ୍ୟ ନାଁରେ ବ୍ୟାପକ ହରିଲୁଟ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ବିଗତ ୫ ବର୍ଷ ମଧ୍ୟରେ କୋଣାର୍କ ବନବିଭାଗ ପକ୍ଷରୁ କାଜୁ ନିଲାମ ବାବଦରେ ସଂଗୃହିତ ଅର୍ଥ କେଉଁ କେଉଁ ସ୍ଥାନରେ ଉନ୍ନୟନ କାର୍ଯ୍ୟ ବାବଦରେ ଖର୍ଚ୍ଚ ହୋଇଛି ତାହାର ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅଥବା ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଗଲେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଅନିୟମିତତା ଘଟଣାର ପର୍ଦ୍ଦାଫାସ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଶହୀଦ ପ୍ରତାପଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଜନତା



ପିପିଲିଠାରେ ଶହୀଦ ପ୍ରତାପ ପରିଡାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ନିମାପଡ଼ା/ ପିପିଲି, ୬।୧୧ (ବିଚିତ୍ରାନନ୍ଦ ସାହୁ/ପ୍ରଭାତ କୁମାର ମହାପାତ୍ର)

ନିମାପଡ଼ା, ହରିପୁର, ଖେଲାର ବଜାରଠାରେ ସୋମବାର ହଜାର ହଜାର ଜନତା ବୀର ଯବାନ ଶହୀଦ ପ୍ରତାପ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରତାପଙ୍କ ପାର୍ଥିବ ଶରୀର ନିମାପଡ଼ାର ପ୍ରବେଶ ପଥ ହରିପୁର ଛକଠାରେ ପହଞ୍ଚିବା ପରେ ବିଧାୟକ ସମୀର ଦାଶଙ୍କ ସମେତ ବିଜେଡି କର୍ମୀ, ନେତୃବୃନ୍ଦ, ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସହ ହଜାର ହଜାର ଜନତା ବୀର ଯବାନ ଅମର ରହେ ନାରା ଦେଇ ସ୍ୱର୍ଗତ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଖେଲାର ବଜାର, ନିମାପଡ଼ା ଜୟଶ୍ରୀ ଛକ, ଦୋଳବେଦୀ ଛକ, ଗୋଲେଇ ଛକଠାରେ ଶହଶହ ଯୁବକ, ଛାତ୍ରୀଛାତ୍ର, ମହିଳା, ବିଜେଡି ଓ ଭାଜପାକର୍ମୀ, ନେତୃବୃନ୍ଦ ଶହୀଦ ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶହୀଦ ଯବାନଙ୍କ ସହ ଜନତାଙ୍କ ଏକ ଶୋଭାଯାତ୍ରା ହରିପୁରଠାରୁ ବାହାରି ନିମାପଡ଼ା ଗୋଲେଇ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସେହିପରି ପ୍ରତାପଙ୍କୁ ପିପିଲିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପିପିଲି ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ମନୋରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ରାଜ କିଶୋର ସ୍ୱାଇଁ, ଚନ୍ଦ୍ର ମାଧବ ମିଶ୍ର, ବିଚିତ୍ର ଭୂଷଣ ମହାପାତ୍ର, ଦୁର୍ଗାମାଧବ ପରିଡ଼ା, ଅରୁଣ ରାଉତ, ପ୍ରଫୁଲ୍ଲ ସାହୁଙ୍କ ସମେତ ସମସ୍ତ ସଦସ୍ୟମାନେ ପ୍ରତାପଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରଦ୍ଧାଞ୍ଜଳି ସମୟରେ ସିଦ୍ଧାର୍ଥ ରାଉତରାୟ ଯୋଗଦେଇ ଶହୀଦ୍‌ମାନଙ୍କ ପ୍ରତି ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି ଦାବି କରିଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ମହୋତ୍ସବରେ ଦୁଇଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପୁରୀ, ୬।୧୧(ଅଜିତ୍ ମହାନ୍ତି):

ପୁରୀ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଏବଂ ଓଡ଼ିଶା ମିଲେଟ ମିଶନ ସୋମବାର ସ୍ଥାନୀୟ ପୋଲିସ ନୋଡାଲ ହାଇସ୍କୁଲ ଓ ଗୋପବନ୍ଧୁ ଆୟୁର୍ବେଦ କଲେଜଠାରେ ଆୟୋଜିତ ହୋଇଯାଇଛି। ସୁରଭି-୨୦୨୩ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ଅଭିନବ ପ୍ରୟାସ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ, ଶିକ୍ଷା ମାଧ୍ୟମରେ ପିଲାଙ୍କ ପୂର୍ଣ୍ଣାଙ୍ଗ ବିକାଶ ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସାଧନ କରାଇବା। ମଣ୍ଡଳସ୍ତରରେ କୃତିତ୍ୱ ହାସଲ କରିଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତା ଯଥା-ପ୍ରବନ୍ଧ, କୁଇଜ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ତର୍କ, ସଙ୍ଗୀତ, ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତିରେ ଭାଗ ନେଇ ନିଜର ପାରଦର୍ଶିତା ଦେଖାଇଛନ୍ତି।

ଉତ୍ସବ ପ୍ରାରମ୍ଭରେ ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବରଦା ପ୍ରସନ୍ନ ରାଉତ, ବିତ୍ତ ଅଧିକାରୀ ବିଚିତ୍ରାନନ୍ଦ ଜେନା, ମମତା ବେହେରା, ନାରାୟଣ ଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ନାୟକ, କମଳକାନ୍ତ ରଥ ପ୍ରମୁଖ ପରିଚାଳନା କରିଥିଲେ। ମହେନ୍ଦ୍ର ଦାସ ଓ କଳ୍ପନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରତିଟି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୋଲିସ ନୋଡାଲ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, ୬।୧୧(ଅଜିତ ମହାନ୍ତି): ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ବ୍ରହ୍ମଗିରି ବିଡିଓଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ଅଭିଯୋଗ ମିଳିଥିଲା। ଅଭିଯୋଗଗୁଡ଼ିକୁ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଚିକିତ୍ସା ସହାୟତା, ବିଭିନ୍ନ ଆବାସ ଯୋଜନା ସମ୍ପର୍କରେ ଅଭିଯୋଗ ମାନ ଆସିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏହାର ଅନୁଧ୍ୟାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷ ରତ୍ନବାଳା ବେହେରା, ବିଡିଓ ରଞ୍ଜନ ବେହେରା, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଁଳା ନବମୀ, ବଡ଼ ଏକାଦଶୀ ପାଇଁ ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ, ୬।୧୧ (ଭରତ ରାଉତ) ସାକ୍ଷୀଗୋପୀନାଥ ଦେବଙ୍କ ପବିତ୍ର ଅଁଳା ନବମୀ ଓ ବଡ଼ ଏକାଦଶୀ ଯାତ୍ରା ପାଇଁ ଏକ ସମନ୍ୱୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ପଞ୍ଚସଖା ସ୍ମୃତି ପାଠାଗାର ପରିସରରେ ଅନୁଷ୍ଠିତ ହେବ ବୋଲି ସାକ୍ଷୀଗୋପୀନାଥ ଦେବଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କଠାରୁ ସୂଚନା ମିଳିଛି। ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଭବତାରଣ ସାହୁ ଏଥିରେ ସଭାପତିତ୍ୱ କରିବେ। ମୁଖ୍ୟତଃ ଠାକୁରଙ୍କ ଦେବନୀତି ପରିଚାଳନା, ଆଇନ ଶୃଙ୍ଖଳା, ଅଗ୍ନିଶମ, ବାରିକେଡ୍ ନିର୍ମାଣ, ରାସ୍ତା ମରାମତି, ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ପରିମଳ, ପାନୀୟ ଜଳ, ସଫେଇ, ସେବା ଶିବିର, ଖାଦ୍ୟ ଓ ପାନୀୟ ଜଳ ଆଦି ସମ୍ପର୍କରେ ଆଲୋଚନା କରାଯିବ। ଏହି ବୈଠକରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପ୍ରତାପଙ୍କୁ ଝୁରି ଲୁହରେ ଭିଜିଲା ମଲ୍ଲଗ୍ରାମ

## 'ମୃତ୍ୟୁର ସିବିଆଇ ତଦନ୍ତ, ଝିଅକୁ ଚାକିରି ଦାବି'



ପାର୍ଥିବ ଶରୀର ନିକଟରେ ପ୍ରତାପଙ୍କ ଶୋକାକୁଳ କନ୍ୟା, ପୁତ୍ର ଓ ସମ୍ପର୍କୀୟମାନେ।

ଗୋପ, ୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ):

ଶହୀଦ ପ୍ରତାପ ରଞ୍ଜନ ପରିଡ଼ାଙ୍କ ପାର୍ଥିବ ଶରୀର ସୋମବାର ଆସି ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକେ ଓ ସମ୍ପର୍କୀୟମାନେ ଭୋ ଭୋ ହୋଇ କାନ୍ଦି ଉଠିଥିଲେ। ଗାଁ ଲୋକଙ୍କ ଆଖି ବି ଲୁହ ଛଳ ଛଳ ହୋଇଉଠିଥିଲା। ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ସତ୍ୟଭାମା ଭାଙ୍ଗିପଡ଼ିଥିଲେ। ସେ ପ୍ରତାପଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ଏ ନେଇ ସିବିଆଇ ତଦନ୍ତ କରିବାକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ଦାବି କରିଥିଲେ। ସେହିପରି ତାଙ୍କର ଏକ ମାତ୍ର ଝିଅ ପ୍ରତୀକ୍ଷାଙ୍କୁ ବିଏସ୍‌ଏଫ୍‌ରେ ଚାକିରି ଦେବାକୁ ମଧ୍ୟ ସେ ଦାବି କରିଥିଲେ।

### ହରିବୋଲ ପକାଇଲେ ମହିଳା

ପ୍ରତାପଙ୍କ ମରଶରୀର ଶୋଭାଯାତ୍ରାରେ ଶହ ଶହ ଜନସାଧାରଣଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟା ସଦସ୍ୟ ସାମିଲ ହୋଇଥିଲେ। ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ମହିଳା ହରିବୋଲ ହୁଳହୁଳି ସହିତ ପୁଷ୍ପମାଲ୍ୟ ଅର୍ପଣ କରିବା ଦୃଶ୍ୟ ଏକ ପ୍ରକାର ଭାବମୟ ପରିସ୍ଥିତି ସୃଷ୍ଟି କରିଥିଲା। ଦୀର୍ଘ ବାଟ ପର୍ଯ୍ୟନ୍ତ ଜନସାଧାରଣ ଓ ମହିଳାମାନେ ଚାଲିଚାଲି ଯିବା ବୀର ମାଟିକୁ ଏକ ପ୍ରକାର ସମ୍ମାନ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା।

### ବାପାଙ୍କୁ ଖୋଜୁଛି ପୁଅ

ପ୍ରତାପଙ୍କ ଏକମାତ୍ର ୧୧ ବର୍ଷୀୟ ପୁତ୍ର ପ୍ରତୀକ ଯେତେବେଳେ ଶଶ୍ମାନରେ ବାପାଙ୍କୁ ମୁଖାଗ୍ନି ଦେଉଥିଲେ, ସେତେବେଳେ ସେଠାରେ ଉପସ୍ଥିତ ହଜାର ହଜାର ଲୋକଙ୍କ ଆଖିରୁ ଲୁହ ଝରିପଡ଼ିଥିଲା। ଶହୀଦ ପ୍ରତାପ ରଞ୍ଜନ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ବାପା ଆଉ ନାହାନ୍ତି ବୋଲି ପ୍ରତୀକ ବିଶ୍ୱାସ କରିପାରୁ ନ ଥିଲେ। ସେହିପରି ଯୁକ୍ତ୨ରେ ପଢୁଥିବା ତାଙ୍କର ଏକମାତ୍ର ଝିଅ ପ୍ରତୀକ୍ଷା ବାପାଙ୍କୁ ହରାଇ ଭୋ ଭୋ କାନ୍ଦୁଥିଲେ।

### ମଲ୍ଲ ଗ୍ରାମକୁ ଗଲେନି ଗୃହମନ୍ତ୍ରୀ

ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ମଲ୍ଲ ଗ୍ରାମକୁ ନ ଯିବା ନେଇ ଚର୍ଚ୍ଚା ହେଉଥିଲା। ଗୋପ ବ୍ଲକରେ ଗୃହ ମନ୍ତ୍ରୀ ଭତ୍ତା ବଣ୍ଟନ କରୁଥିବା ବେଳେ ମାତ୍ର ୫ କିଲୋମିଟର ଦୂର ମଲ୍ଲଗ୍ରାମକୁ ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ନ ଥିଲେ। ଏ ନେଇ ତାଙ୍କୁ ପଚାରିବାରେ, 'ମୁଁ ଏକ ସରକାରୀ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ଯାଇପାରିଲି ନାହିଁ, ତେବେ ନିମାପଡ଼ା ବିଧାୟକ ଯୋଗଦେଇଥିଲେ ବୋଲି ବେହେରା କହିଥିଲେ। ନ୍ୟପକ୍ଷରେ ନିମାପଡ଼ା ବିଧାୟକଙ୍କୁ ଲୋକେ ଧନ୍ୟବାଦ ଦେଇଥିଲେ।

# ପିପିଡବ୍ଲ୍ୟୁଓର ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ସମାରୋହ

## ଭାଗ ନେଲେ ୩ ଶହ ପ୍ରତିଯୋଗୀ

ନିମାପଡ଼ା,୬।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଏକ ଜିଲାସ୍ତରୀୟ ୭ମ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ଓ ଇଂଲିଶ ବକ୍ତୃତା, ସଙ୍ଗୀତ, ଫ୍ୟାଶନ ଶୋ' ଆଧୁନିକ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାଶ ଉଦ୍‌ଘାଟନ କରିଥିଲେ। ଅତିଥି ଓ ବିଚାରକ ଭାବେ ଅନୁଷ୍ଠାନର ଉପସଭାପତି ପଦ୍ମଲୋଚନ ମହାନ୍ତି, ପବିତ୍ରମୋହନ ମହାପାତ୍ର, ଶିକ୍ଷାବିତ୍ ଡ. ଲକ୍ଷ୍ମୀଧ ପଣ୍ଡା, ଡ. ପ୍ରଭାତ ମିଶ୍ର, ଡ. ରବିନାରାୟଣ ସାହୁ, ବୃନ୍ଦାବନ ମହାପାତ୍ର, ସୁଶାନ୍ତ ପ୍ରଧାନ, ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଯୋଗଦେଇ ସମାରୋହର ସଫଳତା କାମନା କରିଥିଲେ। ଏଥିସହ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପରିପ୍ରକାଶ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଗୀତିନନ୍ଦା ପଟ୍ଟନାୟକ, ପ୍ରଜ୍ଞା ପରମିତା ପରିଜା, ପ୍ରଭାତ ବେହେରା, ଲିଲି ବଳ, ସଞ୍ଜୟ ବିଶ୍ୱାଳ, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଭଉଣୀକୁ ବିଷଦେଇ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

କଣାସ,୬।୧୧(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରେ ପ୍ରଭାକର ଉଦୟସିଂହଙ୍କ ପତ୍ନୀ ବନିତା ଉଦୟସିଂହଙ୍କୁ ଗତ ୪ ତାରିଖ ଦିନ ବିଷଦେଇ ମାରିଦେଇଥିବା ବନିତାଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଆଇଆଇସି ସଞ୍ଜୟ କୁମାର ନାୟକ କେସ୍ ନଂ-୨୧୯/୨୩ରେ ମାମଲା ରୁଜୁ କରି ପ୍ରଭାକରଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ, ବାଦୁରାବର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଭଉଣୀ ବନିତା ନୂଆଗାଁର ପ୍ରଭାକର ଉଦୟସିଂହଙ୍କୁ ୧୫ ବର୍ଷ ତଳେ ବିବାହ କରିଥିଲେ। ଗତ ୪ ତାରିଖ ରାତିରେ ବନିତା ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଶାଶୁଘର ଲୋକ ଖୋର୍ଦ୍ଧା ଡାକ୍ତରଖାନାକୁ ନେଇଯାଇଥିଲେ। ତେବେ ସେଠାରେ ବନିତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ପୂର୍ଣ୍ଣଚନ୍ଦ୍ରଙ୍କୁ ତାଙ୍କ ଭଉଣୀଙ୍କ ମୃତ୍ୟୁ ଖବର ଶାଶୁଘର ଲୋକ ଦେବା ପରେ ପୂର୍ଣ୍ଣଚନ୍ଦ୍ର ଖୋର୍ଦ୍ଧା ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ବନିତାଙ୍କ ପାଟିରୁ ବିଷଗରଳ ବାହାରିଥିବା ଦେଖି ଗଡିଶାଗୋଦା ଥାନାରେ ତାଙ୍କ ଭଉଣୀଙ୍କୁ ବିଷଦେଇ ମାରିଦେଇଥିବା ଅଭିଯୋଗ କରିଥିଲେ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନିୟମିତତା ଅଭିଯୋଗ

ଅସ୍ତରଙ୍ଗ,୬।୧୧ (ମମତା ଜେନା): କାକଟପୁର ମୁଖ୍ୟ ବଜାର ନିକଟରେ ଥିବା ଏକ ଘରୋଇ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ବହୁ ଅନିୟମିତତା ଅଭିଯୋଗ ହୋଇଛି। ସୋମବାର ଜିଲା ନୋଡାଲ ଅଧିକାରୀ ମନୋରଞ୍ଜନ ହାତୀଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ଉକ୍ତ ହସ୍ପିଟାଲ ଆସି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଆଗାମୀ ଦିନରେ ଏହା ଉପରେ ରିପୋର୍ଟ ଦେବେ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ମେଡିକାଲ ଫାଟକ ଆଗରେ ବୋର୍ଡ ଲଗାଯାଇଥିଲେ ବି ଏହି ଯୋଜନାରେ ପୂର୍ବରୁ ବହୁ ରୋଗୀ ଠକାମିର ଶିକାର ହୋଇଥିବା ଜାଣିବାକୁ ମିଳିଛି। ଖାଲି ସେତିକି ନୁହେଁ, ଯେଉଁ ଲୋକ ଏହାକୁ ନେଇ ପ୍ରତିବାଦ କରେ ମେଡିକାଲ କର୍ମୀ ଥାନାରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ପଇସା ଅସୁଲ କରିଥାନ୍ତି। ଏହିଭଳି ଏକ ଘଟଣା କାକଟପୁର ଅଞ୍ଚଳର ଏକ ମହାରଣାଙ୍କ ପରିବାର ସହିତ ଘଟିଛି। କେବଳ ସେତିକି ନୁହେଁ, ହସ୍ପିଟାଲରେ କର୍ମଚାରୀ ଅନେକ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରିବା, ଅନାବଶ୍ୟକ ଔଷଧ ଲେଖିବା, ଆବଶ୍ୟକଠାରୁ ଅଧିକ ଲାବ୍‌ରେ ପରୀକ୍ଷା ନିରୀକ୍ଷା କରାଇ ଅର୍ଥ ରୋଜଗାର କରିବା ଭଳି ବେନିୟମ କାର୍ଯ୍ୟ ଏହି ହସ୍ପିଟାଲରେ କରାଯାଉଥିବା ଅଭିଯୋଗ ହେଉଛି। ହସ୍ପିଟାଲର କୌଣସି ବିଭାଗରେ ନିୟମିତ ଡାକ୍ତର ଉପସ୍ଥିତ ରହୁନାହାନ୍ତି। ହସ୍ପିଟାଲ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଅନ୍‌ଲାଇନରେ ଜିନିଷ ମଗାଇ ଠକାମିର ଶିକାର

## ଟ୍ରଲି ବ୍ୟାଗ ବଦଳରେ ଆସିଲା ଭଙ୍ଗାଇଟା, ଚିରା ଗଦି

ପୁରୀ, ୬।୧୧(ଅଜିତ ମହାନ୍ତି):

ଅନ୍‌ଲାଇନରେ ଜିନିଷ ମଗାଇ ଠକେଇର ଶିକାର ହୋଇଛି ଏକ ଇନ୍ସ୍ୟୁରାନ୍ସ କମ୍ପାନୀ। ପୁରୀରେ ଏପରି ଏକ ଘଟଣା ସୋମବାର ସାମ୍ନାକୁ ଆସିଛି। ଏକ ଅନଲାଇନ କମ୍ପାନୀ ମାଧ୍ୟମରେ ଟ୍ରଲି ବ୍ୟାଗ ମଗାଯାଇଥିବା ବେଳେ ପାର୍ସଲ ଭିତରୁ ଟ୍ରଲି ବ୍ୟାଗ ବଦଳରେ ଭଙ୍ଗାଇଟା ଓ ଚିରା ଗଦି ବାହାରିଛି। ଏ ନେଇ ସମ୍ପୃକ୍ତ ଅନ୍‌ଲାଇନ୍ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସର ଦ୍ୱାରସ୍ଥ ହେବ ବୋଲି ଇନ୍ସ୍ୟୁରାନ୍ସ କମ୍ପାନୀ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ପୁରୀର ଏକ ଘରୋଇ ହୋଟେଲ ପରିସରରେ ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଅତିଥିଙ୍କୁ କମ୍ପାନୀ ପକ୍ଷରୁ ଉପହାର ଦେବା ପାଇଁ ଏକ ଅନ୍‌ଲାଇନ୍ କମ୍ପାନୀ ଦ୍ୱାରା ଦୁଇଟି ଟ୍ରଲି



ବ୍ୟାଗ୍ ଅର୍ଡର ଦିଆଯାଇଥିଲା। ତେବେ ଡେଲିଭରି ପରେ ପ୍ୟାକେଟ୍ ଖୋଲିବାରୁ ଦୁଇଟି ପ୍ୟାକେଟ ମଧ୍ୟରୁ ଗୋଟିକରେ ବ୍ୟାଗ ପରିବର୍ତ୍ତେ ଭଙ୍ଗା ଇଟା ଓ ଚିରା ଗଦି ଥିବା ଦେଖିବାକୁ ମିଳିଥିଲା। ଏ ନେଇ କମ୍ପାନୀର କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀ ଅଫିସର ଆସୋସିଏଶନର ରାଜ୍ୟ ସଭାପତି ତଥା ସର୍ବଭାରତୀୟ ଉପସଭାପତି ସୁରେନ୍ଦ୍ର କୁମାର ମାଝି କହିଛନ୍ତି, କମ୍ପାନୀର ୩୯ ତମ ଆନୁଆଲ ଜେନେରାଲ କାଉନ୍ସିଲ୍ ବୈଠକ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ତେବେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କୁ ସମ୍ମାନିତ କରିବା ପାଇଁ ଅନଲାଇନ ମାଧ୍ୟମରେ ଦୁଇଟି ଟ୍ରଲି ବ୍ୟାଗ ଅର୍ଡର କରାଯାଇଥିଲା। ଅନ୍‌ଲାଇନ କମ୍ପାନୀ ଆମାଜନ୍ ମାଧ୍ୟମରେ ଗତ ମାସ ୬ ତାରିଖରେ ଅର୍ଡର କରାଯାଇଥିଲା। ଯାହା ଗତ ମାସ ୧୧ ତାରିଖରେ ଆସି ପହଞ୍ଚିଥିଲା। ତେବେ ପ୍ୟାକେଟକୁ ଖୋଲାଯାଇ ନ ଥିଲା। ସୋମବାର ବୈଠକରେ ଅତିଥିମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ୟାକେଟକୁ ଖୋଲିବା ସମୟରେ ଗୋଟିକରେ ଟ୍ରଲି ବ୍ୟାଗ ଏବଂ ଅନ୍ୟଟିରେ ଭଙ୍ଗାଇଟା ଓ ଚିରା ଗଦି ଥିବା ଦେଖିବାକୁ ମିଳିଥିଲା। ୨୯୧୧ ଟଙ୍କାର ଟ୍ରଲି ବ୍ୟାଗ ଅର୍ଡର କରାଯାଇଥିଲା। ତେବେ ଏପରି କାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ଏପରି ଠକାମି ରୋକିବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ସେ ଥାନାର ଦ୍ୱାରସ୍ଥ ହେବା ସହ ଟଙ୍କା ଫେରାଇ ଆଣିବା ପାଇଁ ଆଇନର ଆଶ୍ରୟ ନେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଏଏସ୍ଆଇକୁ ବିସ୍ତୃତ ତଥ୍ୟ ଦାଖଲ ନିର୍ଦ୍ଦେଶ

## ହାଇକୋର୍ଟରେ ନାଟମଣ୍ଡପ ମରାମତି ମାମଲା

### ୮ରେ ପରବର୍ତ୍ତୀ ଶୁଣାଣି

କଟକ,୬।୧୧ (କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ସମ୍ପର୍କିତ ମାମଲାରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ତଥ୍ୟ ବିସ୍ତୃତ ଭାବେ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ହାଇକୋର୍ଟ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥାକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ଆସନ୍ତା ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ରତ୍ନଭଣ୍ଡାର, କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ଓ ସଂରକ୍ଷଣ ସମ୍ପର୍କିତ ମାମଲାର ମଧ୍ୟ ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି।

୨୦୧୭ ମସିହାରୁ ଏପର୍ଯ୍ୟନ୍ତ ନାଟ ମଣ୍ଡପ ମରାମତି କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସୋମବାର ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେତେକ ପ୍ରସଙ୍ଗରେ ପ୍ରତିପକ୍ଷ ବାରମ୍ବାର ମହଲତ ନେଉଛନ୍ତି ବୋଲି ଅଦାଲତ କହିଥିଲେ। ସେହିପରି ନାଟ ମଣ୍ଡପର ମରାମତି ନେଇ ବାକିଥିବା କାର୍ଯ୍ୟ ସମ୍ପର୍କରେ କୋର୍ଟରେ ଉପସ୍ଥିତ ଥିବା ଏଏସ୍ଆଇ ପୁରୀ ସର୍କଲ୍ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକଙ୍କୁ ରିପୋର୍ଟ ମାଗିଛନ୍ତି। ଏଏସ୍ଆଇ ପକ୍ଷରୁ ନାଟମଣ୍ଡପ ମରାମତି ପ୍ରସଙ୍ଗରେ ମାଡ୍ରାସ୍ ଆଇଆଇଟିଠାରୁ ବୈଷୟିକ ପରାମର୍ଶ ଲୋଡ଼ାଯାଇଥିବା ଅଦାଲତଙ୍କୁ ଅବଗତ କରାଯିବା ସହ ସେଠାରୁ ସବିଶେଷ ପରାମର୍ଶ ଆସିଲେ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟର ଅଗ୍ରଗତି ହେବ ବୋଲି ଦର୍ଶାଯାଇଥିଲା। ସେହିପରି ଆମିକସ୍କ୍ୟୁରି ଇଂ. ଏନ୍. କେ. ମହାନ୍ତି ନାଟ ମଣ୍ଡପ ମରାମତି ସମ୍ପର୍କିତ ରିପୋର୍ଟ ଦାଖଲ କରି ଅନୁରୂପ ମନ୍ତବ୍ୟ ଦେଇଥିଲେ। ମାଡ୍ରାସ୍ ଆଇଆଇଟିଙ୍କ ନିଷ୍କ୍ରିୟତା ଯୋଗୁ ନାଟ ମଣ୍ଡପ ମରାମତି କାର୍ଯ୍ୟ ଅଗ୍ରଗତି କରିପାରୁନାହିଁ ବୋଲି ଦର୍ଶାଯାଇଥିବା ଜଣାପଡିଛି।

ସୂଚନାଥାଉ କି, ଶ୍ରୀମନ୍ଦିର ନାଟ ମଣ୍ଡପ ତୁରନ୍ତ ମରାମତି ପାଇଁ ହାଇକୋର୍ଟରେ ମାମଲାର ମୂଳ ଆବେଦନକାରୀ ଅଭିଷେକ ଦାସଙ୍କ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଏଥିରେ ଶ୍ରୀମନ୍ଦିର ସୁରକ୍ଷା ପାଇଁ ନାଟ ମଣ୍ଡପର ମରାମତି ତୁରନ୍ତ ଆବଶ୍ୟକ ବୋଲି ଦର୍ଶାଯାଇଛି। ଗତ ଅଗଷ୍ଟ ୧୧ରେ ଆମିକସ୍କ୍ୟୁରି ନାଟ ମଣ୍ଡପର ମରାମତି ଆବଶ୍ୟକ ଥିବା ଦର୍ଶାଇ ପ୍ରଦାନ କରିଥିବା ରିପୋର୍ଟ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆବେଦନ କରାଯାଇଛି। ଆମିକସ୍କ୍ୟୁରୀ ତାଙ୍କ ରିପୋର୍ଟରେ ନାଟ ମଣ୍ଡପ କ୍ରାକ୍ ବିମ୍କୁ ପିଡବ୍ଲ୍ୟୁଡି ମୁଖ୍ୟଯନ୍ତ୍ରୀ ଓ ଏକ୍ସପର୍ଟଙ୍କ ସହ ପରାମର୍ଶ କରି ଅଗ୍ରିମ ଭିତ୍ତିରେ ଏଏସ୍ଆଇ ମରାମତି କରିବାକୁ ଦର୍ଶାଇଥିଲେ। ମାମଲାର ପ୍ରତିପକ୍ଷମାନେ ନାଟ ମଣ୍ଡପ ମରାମତି କରିବାରେ ଅତ୍ୟଧିକ ବିଳମ୍ବ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର, ଜଗମୋହନ ଓ କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ସମ୍ପର୍କିତ ଜନସ୍ୱାର୍ଥ ମାମଲାରେ ଏଏସ୍ଆଇ ପକ୍ଷରୁ ହାଇକୋର୍ଟରେ ଜବାବ ରଖାଯାଇଥିଲା। ଏଥିରେ ଶ୍ରୀମନ୍ଦିର ଜଗମୋହନ ଓ ନାଟ ମଣ୍ଡପର ମରାମତି କାର୍ଯ୍ୟ ଶେଷ ହୋଇଥିବା ନେଇ ଏଏସ୍ଆଇ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ଜଗମୋହନ ଓ ନାଟ ମଣ୍ଡପ ମରାମତି ପ୍ରସଙ୍ଗରେ କୋର୍ କମିଟି ଓ ଏକ୍ସପର୍ଟଙ୍କ ମତାମତ ହସ୍ତଗତ ହୋଇଛି। ବୈଷୟିକ କମିଟି ଏହାକୁ ଅନୁମୋଦନ କଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଏସ୍ଆଇ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ଶେଷ ହୋଇଥିବା ଜଗମୋହନ ଓ ନାଟ ମଣ୍ଡପ ମରାମତି କାର୍ଯ୍ୟର ବିସ୍ତୃତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଆଦେଶ ଦେଇଥିଲେ। ଆବେଦନକାରୀ ଅଭିଷେକ ଦାସ, ଦିଲ୍ଲୀପ ମହାପାତ୍ର ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଏକତ୍ର ଶୁଣାଣି ହୋଇଛି।

# ଦୁଇ ଶାବକ ସହ ବୁଲୁଛି ବାଘୁଣୀ, ଲୋକେ ଆତଙ୍କିତ

ନୂଆପଡ଼ା,୬।୧୧(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଓ ଭରୁଅମୁଣ୍ଡା ଅଞ୍ଚଳର ବିଭିନ୍ନ ଗାଁରେ ବାଘ ଆତଙ୍କ ଦେଖାଦେଇଛି। ଗୋଟିଏ ନୁହେଁ ବାଘୁଣୀ ସହ ଦୁଇ ଶାବକ ବୁଲୁଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ୨ ଦିନ ତଳେ ଅଣ୍ଡିରା ବାଘକୁ ବନ ବିଭାଗ କାବୁ କରିଥିବା ବେଳେ ବାଘୁଣୀ ଏକା ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ସୋମବାର ରାତିରେ କୋଡୋପାଲି, ଧରମାବନ୍ଧା ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ଦ୍ୱରା ପରିଚାଳିତ ଉଚ୍ଚ ବିଦ୍ୟାଳୟ ଅଞ୍ଚଳରେ ମା' ସହ ଦୁଇ ଶାବକ ବୁଲୁଥିବା ଲୋକେ ଦେଖି ଆତଙ୍କିତ ହୋଇ ପଡିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ଅନୁଧ୍ୟାନ କରୁଛନ୍ତି। କୌଣସି ଏକ ଅଘଟଣ ଘଟିବା ପୂର୍ବରୁ ବନ ବିଭାଗ ସହ ଜିଲା ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଦାବି ହେଉଛି।

# ବିଏମ୍ସି କମିଶନରଙ୍କୁ ଓଏଚ୍ଆର୍ସିଙ୍କ ରିପୋର୍ଟ ତଲବ

## ଟିଟିଏସ୍ ଆବର୍ଜନାରୁ ରୋଗ ବ୍ୟାପିବା ଘଟଣା

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ସୈନିକ ସ୍କୁଲ ନିକଟ ଟେମ୍ପରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରେ ଆବର୍ଜନା ଗଦା ଯୋଗୁ ରୋଗ ବ୍ୟାପିବା ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍ସି) ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ନୋଟିସ୍ ଜାରି କରିଛନ୍ତି। ଡିସେମ୍ବର ୧୧ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଡିସେମ୍ବର ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଟିଟିଏସ୍ରେ ଅଳିଆର ପାହାଡ଼ ଗଦା ହୋଇଥିବାବେଳେ ଏଥିରୁ ବାହାରୁଥିବା ଦୁର୍ଗନ୍ଧରେ ଆଖପାଖ ଅଞ୍ଚଳର ଲୋକ ଅତିଷ୍ଠ ହୋଇପଡିଲେଣି। ଏପରିକି ସହରସାରା ଏବେ ଦୁର୍ଗନ୍ଧର ବାତାବରଣ ସୃଷ୍ଟି ହେବା ସହ ଲୋକେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ନେଇ ମଞ୍ଚେଶ୍ୱର ରେଲ୍ୱେ କଲୋନୀର ବାସିନ୍ଦା ସୁର ପାତ୍ର ଓ ଆଞ୍ଚଳିକ ସୁରକ୍ଷା ମଞ୍ଚ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

ପ୍ରତିଦିନ ସହରରୁ ବାହାରୁଥିବା ଟନ୍ ଟନ୍ ଆବର୍ଜନାକୁ ବିଏମ୍ସି ଉକ୍ତ ଟିଟିଏସ୍ରେ ଜମା କରୁଛି। ଏଠାରେ ଭୁଆସୁଣି ଡମ୍ପିୟାର୍ଡକୁ ଆବର୍ଜନା ସ୍ଥାନାନ୍ତର ବନ୍ଦ ହେବା ପରେ ଏଠାରେ ଏବେ ସଙ୍ଗିନ ସ୍ଥିତି ଉପୁଜିଛି। ଦୁର୍ଗନ୍ଧ ଓ ଦୂଷିତ ପରିବେଶରେ ସ୍ଥାନୀୟ ଅଞ୍ଚଳରେ ରହିବା ଅସମ୍ଭବ ହୋଇପଡିବାବେଳେ ଲୋକେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଟିଟିଏସ୍ରୁ ସମ୍ପୂର୍ଣ୍ଣ ଆବର୍ଜନା ହଟାଇବା ପାଇଁ ୬ରୁ ୭ମାସ ସମୟ ଲାଗିବ ବୋଲି ବିଏମ୍ସି କମିଶନର କହିଛନ୍ତି। ତେଣୁ ଲୋକଙ୍କୁ ଆହୁରି ୭ମାସ ପର୍ଯ୍ୟନ୍ତ ଏଭଳି ଦୁର୍ଗନ୍ଧରେ ରହିବାକୁ ପଡିବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ଗୋଟିଏ ଦିନ ରହିବା କଷ୍ଟକର ହେଉଥିବାବେଳେ ଏତେଦିନ କିଭଳି ବିତିବ ବୋଲି ଲୋକଙ୍କ ମଧ୍ୟରେ ଭାଳେଣି ପଡିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ମଧ୍ୟ ଦେଖାଦେଇଛି। ସେହିପରି ଓଦା, ଶୁଖିଲା ଅଳିଆ ପୃଥକ୍ କରି ନ ଦେଲେ, ରାସ୍ତାଘାଟରେ ଅଳିଆ ପକାଇଲେ ବିଏମ୍ସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଚେତାବନୀ ଦେଇଛି। ସହରର ସୌନ୍ଦର୍ଯ୍ୟକୁ ନେଇ ବିଏମ୍ସି କୌଣସି ସାଲିସ୍ କରିବ ନାହିଁ ବୋଲି କହୁଥିବାବେଳେ ନିଜେ କିନ୍ତୁ ଆବର୍ଜନା ସମସ୍ୟାର ସମାଧାନ କରିବାରେ ଫେଲ୍ ମାରୁଛି। ଲୋକଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯିବା ସହ ଏବେ ସେମାନଙ୍କ ସ୍ୱାସ୍ଥ୍ୟ ସହିତ ବିଏମ୍ସି ଖେଳୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ଧିରିକୁଟୀ ବସ୍ତିରେ ଯାଦୁମଲମ ବାଣ୍ଟିଲା ଆଞ୍ଚଳିକ ସୁରକ୍ଷା ସମିତି

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟସ୍ଥ ଟେମ୍ପରାରୀ ଟ୍ରାନ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରେ ଆବର୍ଜନା ଗଦା ହେଉଥିବାରୁ ଦୁର୍ଗନ୍ଧର ବାତାବରଣ ସୃଷ୍ଟି ହୋଇଛି। ଏଥିସହ ଅସ୍ୱାସ୍ଥ୍ୟକର ପରିବେଶରେ ସ୍ଥାନୀୟ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇ ପଡିଲେଣି। ବିଶେଷକରି ଟିଟିଏସ୍ ନିକଟସ୍ଥ ଧିରିକୁଟି ବସ୍ତିରେ ଚର୍ମରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି। ଏଯାବତ୍ ବିଏମ୍ସିର କୌଣସି ସ୍ୱାସ୍ଥ୍ୟ ଅଧିକାରୀ ବସ୍ତିରେ ଯାଞ୍ଚ ପାଇଁ ଯାଇ ନ ଥିବାବେଳେ ସୋମବାର ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଯାଦୁ ମଲମ ବଣ୍ଟାଯାଇଛି। କେବଳ ଚର୍ମରୋଗ ନୁହେଁ ଦୂଷିତ ବାୟୁରେ ସ୍ଥାନୀୟ ବାସିନ୍ଦାଙ୍କୁ ଏବେ ଅଜଣା ରୋଗର ଭୟ ମଧ୍ୟ ଘାରିଛି। ସେହିପରି ସମସ୍ୟାର ସମାଧାନ ଲାଗି ବିଏମ୍ସି କିଛି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାବେଳେ ମଙ୍ଗଳବାର ଆଞ୍ଚଳିକ ସୁରକ୍ଷା ସମିତି ଟିଟିଏସ୍ ନିକଟରେ ପ୍ରତିବାଦ କରିବ ବୋଲି ଚେତାବନୀ ଦେଇଛି।

# ପଞ୍ଚଭୂତରେ ବିଲୀନ ଶହୀଦ ପ୍ରତାପଙ୍କ ପାର୍ଥିବ ଶରୀର




ବିଏସ୍ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

## ଦିଆଗଲା ଗାର୍ଡ ଅଫ୍ ଅନର, ଗାଁରେ ଶୋକାକୁଳ ପରିବେଶ

ଗୋପ, ୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଦେଶ ପାଇଁ ନିଜକୁ ସମର୍ପିତ କରି ଶହୀଦ୍ ହୋଇଥିବା ପୁରୀ ଜିଲା ଗୋପ ବ୍ଲକ ବଡତରା ପଞ୍ଚାୟତ ଅନ୍ତର୍ଗତ ମଲ୍ଲଗ୍ରାମ ଗାଁର ପ୍ରତାପ ରଞ୍ଜନ ପରିଡ଼ାଙ୍କ ପାର୍ଥିବ ଶରୀର ସୋମବାର ପଞ୍ଚଭୂତରେ ବିଲୀନ ହୋଇଛି। ଅପରାହ୍ନରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କୁ ବିଏସ୍ଏଫ୍ ଯବାନଙ୍କ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ ସହିତ ଗାର୍ଡ ଅଫ୍ ଅନର ପୂର୍ବକ ତୋପ ସଲାମି ଦିଆଯାଇଥିଲା। ପରେ ଶହୀଦ୍ ପ୍ରତାପଙ୍କ ୧୧ବର୍ଷ ବୟସର ଏକମାତ୍ର ପୁତ୍ର ପ୍ରତୀକ୍ ପରିଡ଼ା ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସମସ୍ତଙ୍କ ଆଖି ଲୁହ ଛଳଛଳ ହୋଇପଡ଼ିଥିବାବେଳେ ଶହୀଦ ପ୍ରତାପ ରଞ୍ଜନ ପରିଡ଼ା ଅମର ରହେ ଧ୍ୱନିରେ ମଲ୍ଲଗ୍ରାମ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

ସୂଚନାଯୋଗ୍ୟ, ଗତ ୩ ତାରିଖ ସନ୍ଧ୍ୟାରେ ମେଘାଳୟର ସୁକା ବିଏସ୍ଏଫ୍ କ୍ୟାମ୍ପରେ ହାବିଲଦାର ଭାବେ କାର୍ଯ୍ୟରତ ପ୍ରତାପଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେହିଦିନ ବିଳମ୍ବିତ ରାତ୍ରିରେ ସୁକା ବିଏସ୍ଏଫ୍ କ୍ୟାମ୍ପ ପକ୍ଷରୁ ପ୍ରତାପଙ୍କ ସହଧର୍ମିଣୀ ସତ୍ୟଭାମାଙ୍କ ମୋବାଇଲ୍କୁ ଏକ ମେସେଜ୍ ସହିତ ଫୋନ କଲ୍ ଆସିଥିଲା। ୫ତାରିଖ ସନ୍ଧ୍ୟାରେ ସୁକା ବିଏସ୍ଏଫ୍ କ୍ୟାମ୍ପରୁ ପ୍ରତାପଙ୍କ ମରଶରୀର ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଖୋର୍ଦ୍ଧା ନିକଟସ୍ଥ ବିଏସ୍ଏଫ୍ କ୍ୟାମ୍ପକୁ ଅଣାଯାଇ ରଖାଯାଇଥିଲା। ସୋମବାର ସକାଳୁ ପ୍ରତାପଙ୍କ ପାର୍ଥିବ ଶରୀର ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରିପୁରଠାରେ ପହଞ୍ଚିଥିଲା। ସେଠାରେ ପ୍ରଥମେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୨ହଜାରରୁ ଅଧିକ ମୋଟର ସାଇକେଲ ଶୋଭାଯାତ୍ରାରେ ପାର୍ଥିବ ଶରୀର ଅଣାଯିବା ବେଳେ ଦୀର୍ଘ ୩୦ କିଲୋମିଟର ରାସ୍ତାରେ ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରତାପଙ୍କ ପାର୍ଥିବ ଶରୀର ତାଙ୍କ ଘରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଇଥିଲା। ପରେ ଗାଁ ଶ୍ମଶାନରେ ମଧ୍ୟ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ସମୟରେ ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା, ବିଜେଡି ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ବଡତରା ସରପଞ୍ଚ ଜ୍ୟୋସ୍ନାରାଣୀ ମିଶ୍ର, ଯୁବନେତା ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀଙ୍କ ଦେଖା ନ ଥିଲା। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ପ୍ରଯୋଜକ ଟୁଟୁ ନାୟକଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଲା

## ମହିଳା ଖବରଦାତାଙ୍କୁ ଚାପୁଡ଼ା ମାରି ଗିରଫ ଘଟଣା

ଭୁବନେଶ୍ୱର,୬।୧୧ (ସତ୍ୟଜିତ୍ ରାଉତ)



ମହିଳା ଖବରଦାତା ଦେବସ୍ମିତା ରାଉତଙ୍କୁ ଚାପୁଡ଼ା ମାରିବା ସହ ଦୁର୍ବ୍ୟବହାର କରିବା ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ସିନେ ପ୍ରଯୋଜକ ଟୁଟୁ ନାୟକ ଓରଫ ସଞ୍ଜୟଙ୍କ ପାଇଁ ଅଡୁଆ ବଢ଼ିଛି। ଅଭିଯୁକ୍ତ ଟୁଟୁ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ତେବେ ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟ ଟୁଟୁଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନର ଶୁଣାଣିକୁ ଆଉ ଦୁଇଦିନ ଘୁଞ୍ଚାଇ ଦେବା ସହ ବୁଧବାରକୁ ଧାର୍ଯ୍ୟ କରିଛନ୍ତି। ତେବେ ସୋମବାର ହୋଇଥିବା ଶୁଣାଣି ବେଳେ ଦୁଇ ପକ୍ଷ ସେମାନଙ୍କ ମତ ରଖିଥିଲେ। ଟୁଟୁଙ୍କ ବିରୋଧରେ ପୂର୍ବରୁ ଆପରାଧିକ ମାମଲା ଅଛି କି ନାହିଁ ତାହା ପୋଲିସ ଯାଞ୍ଚ କରି ନ ଥିବା କୋର୍ଟ ଜାଣିବାକୁ ପାଇଥିଲେ। ଏପରିକି ସିଆର୍ପିସି ୧୬୪ରେ ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ପୀଡ଼ିତା ଦେବସ୍ମିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇ ନ ଥିବା ଜଣାପଡ଼ିଥିଲା। ଏଥିସହ ଏହି ମାମଲାରେ ଅପ୍ଡେଟ୍ କେସ୍ ଡାଏରୀ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏ ସମସ୍ତ ପ୍ରକ୍ରିୟା ଓ ତଥ୍ୟ ଆସିବା ପରେ ଜାମିନ ଆବେଦନର ଚୂଡ଼ାନ୍ତ ଶୁଣାଣି କରାଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ଇଟିଭି ଭାରତରେ କାର୍ଯ୍ୟରତ ଖବରଦାତା ଦେବସ୍ମିତା ନୂଆ ଓଡ଼ିଆ ସିନେମା 'ପ୍ରଥା'ର ପ୍ରିମିୟର ଶୋ' ଖବର ସଂଗ୍ରହ କରିବାକୁ ଶୁକ୍ରବାର ସ୍ୱାତୀ ସିନେମା ହଲ୍କୁ ଯାଇଥିବା ବେଳେ ଟୁଟୁ ତାଙ୍କ ଗାଲକୁ ଚାପୁଡ଼ା ମାରିବା ସହ ପିଠିରେ ମାଡ଼ ମାରି ସମ୍ମାନ ହାନି କରିଥିବା ଅଭିଯୋଗ ହୋଇଥିଲା। ଦେବସ୍ମିତାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା(ନଂ. ୫୫୩/୨୩) ରୁଜୁ କରି ଶନିବାର ଟୁଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

**Issue No.1460, Date:03.10.2023**
**Before the President, District Consumer Disputes Redressal Commission, Khurdha at Bhubaneswar**
**C.C.Case No.278/2021**
**Maheswar Sahoo..... Complainant**
**Versus**
**Maa Tarini Agrotech & Others....... Opposite Parties**

To,
Maa Tarini Agrotech, At-Plot No.1401/2639/2799, Hanspal
Po-Naharakanta, Balianta Road, Dist-Khurdha
At present- Kothapatna, PO-Taranapada
PS-Balianta, Dist-Khordha-752191
through its Proprietor Amalendu Das
S/o- Siba Charan Das

The Complainant has field a complaint in this Commission and in spite of serving summons you are avoiding receive the summons and appears in Commission. This is to give you notice that you are to appear this Commission on 19.12.23 to show cause why the complaint petition will not be heard in your absence, failing which ex-parte order will be passed against you and next course of action shall be taken.

Given under my hand and the seal of the Commission on this day of 3rd October 2023.

Sd./- President
District Consumer Disputes Redressal Commission,
Khurdha at Bhubaneswar

# ନକଲି ଡାକ୍ତର ଗିରଫ, ଅନ୍ୟ ଜଣେ ଫେରାର

କାମାକ୍ଷାନଗର,୬।୧୧ (ସୁଧୀର କୁମାର ପରିଡ଼ା)

ବିନା ଡାକ୍ତରୀ ପାଠ ପଢାରେ କରୁଥିଲେ ରୋଗୀଙ୍କ ଚିକିତ୍ସା। ଦୀର୍ଘବର୍ଷ ଧରି ସ୍ୱାସ୍ଥ୍ୟସେବା ନାଁରେ ନିରୀହ ଲୋକଙ୍କୁ ଚଳାଇଥିଲେ ଶୋଷଣ। ଏପରି ଅଭିଯୋଗ ଆସିବା ପରେ ଢେଙ୍କାନାଳ ଜିଲା କଙ୍କଡାହାଡ଼ ପୋଲିସ ଜଣେ ନକଲି ଡାକ୍ତରଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ରାକେଶ ବିଶ୍ୱାସ।

ପୋଲିସ କହିଛି, ଦୀର୍ଘବର୍ଷ ହେବ ରାକେଶ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ କେରଜୁଳି ପଞ୍ଚାୟତ କାର୍ଯ୍ୟାଳୟ ପାଖରେ କ୍ଲିନିକ୍ କରି ରୋଗୀ ସେବା କରୁଥିଲେ। ଏହି ଅଭିଯୋଗ ଆସିବା ପରେ କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର କ୍ଲିନିକ୍ରେ ଚଢାଉ କରି ରାକେଶଙ୍କୁ ଅଟକ ରଖିଥିଲେ। ସୋମବାର କଙ୍କଡାହାଡ଼ ଥାନାରେ ଟୁକୁନ ବିଶ୍ୱାଳ, ରଞ୍ଜିତ କୁମାର ସାହୁ ରାକେଶଙ୍କ ନାଁରେ ଅଭିଯୋଗ କଲା ପରେ ପୋଲିସ ଘଟଣାର ତଦନ୍ତ କରି ରାକେଶଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ କ୍ଲିନିକ୍ରୁ ଔଷଧ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ସେହିପରି ରୋଡ଼ଙ୍ଗ ଗ୍ରାମରେ ପଶ୍ଚିମବଙ୍ଗର ଅନ୍ୟ ଜଣେ ନକଲି ଡାକ୍ତର ସୋମନ ସରକାର ସ୍ୱାସ୍ଥ୍ୟସେବା କରୁଥିବା ଖବରପାଇ ପୋଲିସ କ୍ଲିନିକ୍ରେ ଚଢାଉ କରିଥିଲା। ହେଲେ ସୋମନ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# 'ପ୍ରଥା' ଚଳଚ୍ଚିତ୍ରକୁ କୋଶଳ ମୁକ୍ତି ମୋର୍ଚ୍ଚାର ବିରୋଧ

## ରାଜ୍ୟ ସରକାର, ବିତରକଙ୍କ ସହଯୋଗ ଲୋଡ଼ିଲେ ପ୍ରଯୋଜିକା



ଭୁବନେଶ୍ୱର, (ବନ୍ଦନା ସେଠୀ)/ କଣ୍ଟାବାଞ୍ଜି, ୬।୧୧(ଗୁରୁଦୟାଲ ହଂସ)

ଓଲିଉଡ୍କୁ ବିବାଦ ପିଛା ଛାଡୁନି। ଅଭିନେତାଙ୍କ ପରେ ପ୍ରଯୋଜକ ବିବାଦ ଏବେ ଅଣ୍ଟା ସଳଖୁଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଆହୁରି ଖରାପ ସ୍ଥିତିକୁ ଟାଣିନେଉଛି। 'ରାମ୍' ପରେ ପୁଣି ଏକ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଇଛି। କୋଶଳ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆଲିସାନ୍ ସିନେମା ହଲ୍ ଆଗରେ ପ୍ରତିବାଦ କରିବା ସହ ଚଳଚ୍ଚିତ୍ରର ପୋଷ୍ଟରକୁ ଚିରିଦେଇଛନ୍ତି। ସେମାନେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି କରି ନାନା ନାରାବାଜି ଦେବା ସହ ଚଳଚ୍ଚିତ୍ର ବନ୍ଦ କରିବାକୁ ହଲ୍ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହି ବିରୋଧ କାର୍ଯ୍ୟକ୍ରମରେ କୋଶଳ ମୁକ୍ତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସିଂ, ସୋସିଆଲ ମିଡିଆ ପ୍ରଭାରି ଜିତୁ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ବାରିକ, ଧର୍ମରାଜ ବରିହା, ରାଜ୍ୟ ସଙ୍ଗଠନ ସମ୍ପାଦକ ସଚ୍ଚିକାନ୍ତ ଧରୁଆ, ବାସୁଦେବ ବରିହା, ତପନ ବରିହା, ସୁବାଷ ଧରୁଆ, ପ୍ରକାଶ ବାରିହା ପ୍ରମୁଖ ସାମିଲ ଥିଲେ। ଦୁଇଦିନ ତଳେ ଝାରସୁଗୁଡାରେ ଫିଲ୍ମ 'ପ୍ରଥା' ଏବଂ 'ମାଲ୍ୟଗିରି'କୁ ବିରୋଧ ହୋଇଥିଲା। ତେବେ ପରିସ୍ଥିତିକୁ ଦେଖି ଏବେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି 'ପ୍ରଥା' ଚଳଚ୍ଚିତ୍ରର ପ୍ରଯୋଜିକା ସନ୍ଲିସା ପଟେଲ। ଚଳଚ୍ଚିତ୍ର ବିତରଣ ବ୍ୟବସ୍ଥାରେ ସମସ୍ୟା ଥିବା ନେଇ ସେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିସହ ଚଳଚ୍ଚିତ୍ରର ରିଲିଜ୍ ନେଇ ଇଣ୍ଡଷ୍ଟ୍ରିରୁ ସହଯୋଗ ମିଳୁ ନ ଥିବା ଅଭିଯୋଗ କରିବା ସହ ଫିଲ୍ମ ରିଲିଜ୍ ନେଇ ସୁସ୍ଥ ବାତାବରଣ ପାଇଁ ସେ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସେହିପରି ଚଳଚ୍ଚିତ୍ର ରିଲିଜ୍ ପାଇଁ ବିତରକଙ୍କ ସହଯୋଗ ଲୋଡିଛନ୍ତି। ତେବେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ରକୁ ନେଇ ବିରୋଧର ସ୍ୱର ଉଠୁଥିବାବେଳେ ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସିନେପ୍ରେମୀମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଓଡ଼ିଶାର ବିଭିନ୍ନ ହଲ୍ରେ ଚଳଚ୍ଚିତ୍ର 'ପ୍ରଥା' ରିଲିଜ୍ ହୋଇଥିବାବେଳେ ପ୍ରଥମେ ଝାରସୁଗୁଡାରେ ଏହାକୁ ବିରୋଧ କରାଯାଇଥିଲା। ପୋଷ୍ଟର ଚିରିବା ସହିତ ଚଳଚ୍ଚିତ୍ରକୁ ବ୍ୟାନ୍ କରିବା ପାଇଁ ଦାବି ହୋଇଥିଲା। ସେହିଦିନରୁ ହିଁ ସ୍ଥାନୀୟ ହଲ୍ରୁ ଏହି ଚଳଚ୍ଚିତ୍ରକୁ ଉଠାଇ ଦିଆଯାଇଥିଲା।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପ୍ରଗତିବାଦୀ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହ, ପ୍ରଗତିବାଦୀ କାର୍ଯ୍ୟାଳୟ, ଅପରାହ୍ନ ୫ଟା ୩୦ ।
- ଆମେ ବଞ୍ଚିଛୁର ୮ମ ସ୍ୱନକ୍ଷତ୍ର ଦିବସ, କେଦାରନାଥ ଗବେଷଣା କେନ୍ଦ୍ର, ଅପରାହ୍ନ ୫ଟା ୩୦ ।
- ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧା– ୨୦୨୩, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦ ।
- ଫିଲ୍ମ ପରିଣାମର ସ୍କ୍ରିନିଂ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫ ।
- ଇନ୍‌ଫୋସିସ୍ ଫାଉଣ୍ଡେଶନ ଏବଂ ଭାରତୀୟ ବିଦ୍ୟା ଭବନର ସାଂସ୍କୃତିକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦ ।

## ଜାନୁୟାରୀ ୧୫ ସୁଦ୍ଧା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୬।୧୧(ଅସମାପିକା ସାହୁ):** ରାଜ୍ୟରେ ଥିବା ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁୟାରୀ ୧୫ ସୁଦ୍ଧା କରାଯିବା ପାଇଁ ଧାର୍ଯ୍ୟ ହୋଇଛି। ସେହିପରି ଫେବୃୟାରୀ ୧୫ ସୁଦ୍ଧା ଫଳାଫଳ ପ୍ରକାଶ ପାଇବା ସହ ମାର୍ଚ୍ଚ ୧୫ ମଧ୍ୟରେ ନାମଲେଖା ପାଇଁ ତାଲିକା ଅନୁମୋଦନ ହେବ। ଏପ୍ରିଲ ୨ରୁ ନାମଲେଖା ଆରମ୍ଭ ହୋଇ ୩୦ରେ ସରିବ ବୋଲି ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଞ୍ଜୀକରଣ ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସୂଚନା ପୁସ୍ତିକା ସମସ୍ତ ଜିଲା ଓ ବ୍ଲକ୍‌ର ପଦାଧିକାରୀଙ୍କୁ ପ୍ରେରଣ କରାଯାଇଛି। ତେବେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ ପଞ୍ଜୀକରଣ ପ୍ରକ୍ରିୟା ଗତ ୧ତାରିଖରୁ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର www.oav.edu.inରେ ନାମ ପଞ୍ଜୀକରଣ କରିବା ବ୍ୟବସ୍ଥା ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପଞ୍ଜୀକରଣର ଶେଷ ତାରିଖ ନଭେମ୍ବର ୨୦କୁ ଧାର୍ଯ୍ୟ କରାଯାଇଛି। ପଞ୍ଜୀକରଣ ନିମନ୍ତେ କୌଣସି ସହଯୋଗ ପାଇଁ ମାତାପିତା/ଅଭିଭାବକ/ଛାତ୍ରୀଛାତ୍ର ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଲିଙ୍ଗରାଜଙ୍କ ସେବାୟତ ବିଜୟରାମଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର,୬।୧୧(ସୁବାସ ଚନ୍ଦ୍ର ପ୍ରଧାନ):** ଲିଙ୍ଗରାଜଙ୍କ ସେବାୟତ ତଥା ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ସୁକାନ୍ତ ପଣ୍ଡାଙ୍କ ପିତା ବିଜୟରାମ ପଣ୍ଡା (୮୪)ଙ୍କର ରବିବାର ପରଲୋକ ହୋଇଯାଇଛି। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପୁରୁଣା ଭୁବନେଶ୍ୱର ରଥଦାଣ୍ଡସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସ୍ୱର୍ଗତ ପଣ୍ଡାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ମଧ୍ୟ ସ୍ୱର୍ଗତ ପଣ୍ଡାଙ୍କ ଶେଷଦର୍ଶନ କରିଥିଲେ। ଗରାବଡୁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ସୁକାନ୍ତ ମୁଖାଗ୍ନି ଦେଇଥିଲେ।

# ତଦାରଖ କରିବ ସ୍ୱତନ୍ତ୍ର କମିଟି

**ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ**

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ରାଜ୍ୟର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ସେମାନଙ୍କ ନାମଫଳକ ଲେଖିବା ବାଧ୍ୟତାମୂଳକ କରାଯାଇଛି। ଜିଲାସ୍ତରରେ ଉକ୍ତ କାର୍ଯ୍ୟର ତଦାରଖ ନିମନ୍ତେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। ଏହି କମିଟିରେ ଜିଲା ଶ୍ରମ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ରହିବେ। ସେହିଭଳି ବିଜ୍ଞାପିତ ଅଞ୍ଚଳରେ ସଂପୃକ୍ତ ନିର୍ବାହୀ ଅଧିକାରୀ ଉକ୍ତ କମିଟିର ଅଧ୍ୟକ୍ଷ ରହିବେ। ନିୟମିତ ବ୍ୟବଧାନରେ ଏହି କମିଟି ବୈଠକ କରି ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖିବା ସଂପର୍କରେ ସମୀକ୍ଷା କରିବ। ଏଥିସହ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମାକୁ ଅବମାନନା କରୁଥିବା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ କରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ସେମାନଙ୍କ ନାମଫଳକ ଲେଖିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୧୩୭୮ ସ୍ଥାନରେ ଚଢ଼ାଉ କରାଯାଇ ଓଡ଼ିଆରେ ନାମଫଳକ ଲେଖି ନ ଥିବା ୧୧୩୫ଟି ବ୍ୟବସାୟିକ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ବିଭିନ୍ନ ଜିଲା କାର୍ଯ୍ୟାଳୟରେ ଓଡ଼ିଆରେ ନାମଫଳକ ବାଧ୍ୟତାମୂଳକ ନେଇ ନିର୍ଦ୍ଦେଶ ଜାରି କରିବାକୁ ଜିଲାପାଳଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ।



ବୈଠକରେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟ ଅଧିକାରୀମାନେ।

ଅନ୍ୟପକ୍ଷରେ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବ। ଏନେଇ ବିଭିନ୍ନ ଜିଲାର ଶ୍ରମ ଅଧିକାରୀଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି।

### ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ଲାଗି ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ

ଅକ୍ଟୋବର ସୁଦ୍ଧା ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସଂପର୍କିତ ୧୦୮ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ୧୪୬୧ ଜଣ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କୁ ବିଭିନ୍ନ ଦେଶ ଓ ରାଜ୍ୟରୁ ଉଦ୍ଧାର କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଶ୍ରମ ବିଭାଗ ଶାସନ ସଚିବ ଆର୍. ସନ୍ଥଗୋପାଳନ, ଶ୍ରମ କମିଶନର ତିରୁମାଲା ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବିଭାଗୀୟ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା, ଲକ୍ଷ୍ମୀଧର ବେହେରା, ବିଭିନ୍ନ ଜିଲାର ଶ୍ରମ ଅଧିକାରୀ, ସହାୟକ ଶ୍ରମ କମିଶନର ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।



ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ସୋମବାର ଉଦ୍‌ଘାଟିତ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ ଓ ଉତ୍ସାହ ୨୦୨୩'ରେ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସହ ଛାତ୍ରୀମାନେ ନୃତ୍ୟ କରୁଛନ୍ତି। (ଫଟୋ– ବିକାଶ ନାୟକ)

## ଆରମ୍ଭ ହେଲା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'

**ପ୍ରତିଯୋଗିତାରେ ଭାଗନେଲେ ୬୦୦ ଶିଶୁ**

ଭୁବନେଶ୍ୱର, ୬।୧୧ (ଅସମାପିକା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ସୋମବାର କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ ଓ ଉତ୍ସାହ ୨୦୨୩' ଆରମ୍ଭ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରି ଦକ୍ଷତା ପ୍ରଦର୍ଶନ କରିବା ସହିତ ସଫଳତାର ଶୀର୍ଷରେ ପହଞ୍ଚିବା ଲାଗି ଚେଷ୍ଟା କରିବା ପାଇଁ ମନ୍ତ୍ରୀ ଶିଶୁମାନଙ୍କୁ ଆହ୍ୱାନ ଦେଇଥିଲେ। ଶିଶୁମାନେ ହେଉଛନ୍ତି ଈଶ୍ୱରଙ୍କର ସୁନ୍ଦର ସୃଷ୍ଟି ଓ ସେମାନଙ୍କୁ ମଣିଷ କରିବା ପାଇଁ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ କରାଯାଇଛି। ଏହି ଶିଶୁ ଉତ୍ସବ ଶିଶୁଙ୍କ ପ୍ରତିଭା ବିକାଶ କରିବା ସହିତ ସେମାନଙ୍କୁ ସାମାଜିକ ମୂଲ୍ୟବୋଧ ବିଷୟରେ ସଚେତନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବିଭାଗର କମିଶନର ତଥା ସଚିବ ଶୁଭା ଶର୍ମା ଶିଶୁଙ୍କ ଉନ୍ନତି ନିମନ୍ତେ ସମସ୍ତ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଆଶ୍ୱାସନା ଦେଇଥିଲେ। ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇ ଶିଶୁଙ୍କ ସହ ତାଳ ଦେଇ ନାଚିବା ସହ ଶିଶୁମାନଙ୍କ ପ୍ରଶ୍ନ ଗୁଡ଼ିକ ଅତି ସରଳ ଭାବରେ ଉତ୍ତର ଦେଇଥିଲେ। ସଙ୍ଗୀତ, ନୃତ୍ୟ, କୁଇଜ୍, ବିତର୍କ ଏବଂ ଚିତ୍ରକଳା ସମେତ ବିଭିନ୍ନ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରାୟ ୬୦୦ ଜିଲାସ୍ତରୀୟ ବିଜେତା ଏଥିରେ ଯୋଗଦେଇଥିଲେ। ଶିଶୁଙ୍କ ପ୍ରତିଭା ବିକାଶ ପାଇଁ କାର୍ଟୁନ କର୍ମଶାଳା ସହ ବର୍ଜ୍ୟବସ୍ତୁରୁ ତିଆରି ବିଭିନ୍ନ ଉପକାରୀ ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ସଚିବେ ରେଗା ଗୀତାରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପିଲାମାନେ ଡୋରେମନ ମାସ୍କଟ ସହ ସେଲ୍‌ଫି ନେଉଛନ୍ତି।

## ୧୦ ନିଖୋଜ ଶିଶୁ ପଶ୍ଚିମବଙ୍ଗରୁ ଉଦ୍ଧାର

ଭୁବନେଶ୍ୱର,୬।୧୧ (ସତ୍ୟଜିତ୍ ରାଉତ)

୧୦ ଜଣ ନିଖୋଜ ଶିଶୁଙ୍କୁ ପଶ୍ଚିମବଙ୍ଗରୁ ଓଡ଼ିଶା ପୋଲିସର ମହିଳା ଓ ଶିଶୁ ଅପରାଧ ନିବାରଣ ଶାଖା (ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁ) ଉଦ୍ଧାର କରିଛି। ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁର ଏମ୍‌ପିଏମ୍‌ୟୁ ଟିମ୍ ଅକ୍ଟୋବର ୩୦ରେ ନିଖୋଜ ଶିଶୁ ପୋର୍ଟାଲର ଯାଞ୍ଚ କରିବା ପରେ ପଶ୍ଚିମବଙ୍ଗର ବିଭିନ୍ନ ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁସନ୍ସରେ ଏହି ଶିଶୁମାନେ ରହୁଥିବା ଜଣାପଡ଼ିଥିଲା। ଏହାପରେ ଉକ୍ତ ଟିମ୍ ପଶ୍ଚିମବଙ୍ଗର ହାୱଡ଼ା, କୋଲକାତା ଓ ପଶ୍ଚିମ ମେଦିନପୁର ଆଦି ସ୍ଥାନକୁ ଯାଇ ଶିଶୁଙ୍କୁ ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲା। ଉଦ୍ଧାର ଶିଶୁଙ୍କ ମଧ୍ୟରୁ ୬ ଜଣ ନାବାଳକ ଓ ୪ଜଣ ନାବାଳିକା ରହିଛନ୍ତି। କଟକର ଜଣେ ୧୨ ବର୍ଷୀୟା ନାବାଳିକା, ଭଦ୍ରକର ୧୫ ଓ ୧୭ ବର୍ଷୀୟ ଦୁଇ ନାବାଳକ, ମୟୂରଭଞ୍ଜର ଜଣେ ନାବାଳକ, କେନ୍ଦୁଝରର ୬ ଓ ୭ ବର୍ଷର ଦୁଇ ନାବାଳକ, ବାଲେଶ୍ୱରର ୧୦ ବର୍ଷୀୟା ଦୁଇ ନାବାଳିକା, ଖୋର୍ଦ୍ଧାର ଜଣେ ୧୭ ବର୍ଷୀୟା ନାବାଳିକା ଓ ଯାଜପୁରର ୧୬ ବର୍ଷୀୟା ନାବାଳିକା ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ ଟ୍ରେନ୍‌ରୁ ସେମାନଙ୍କ ମା'ଙ୍କଠାରୁ ଅଲଗା ହୋଇଯାଇଥିଲେ। ସେହିଭଳି ପିତାମାତା ନ ଥିବା ଦୁଇଜଣ ଶିଶୁ ଶ୍ରମିକ ଭାବେ କାମ କରୁଥିଲେ। ଜଣେ ନାବାଳିକା ଘର ଛାଡ଼ି ଚାଲିଯାଇଥିଲେ। ଉଦ୍ଧାର ପରେ ଶିଶୁମାନଙ୍କୁ କୋଲକାତା ସିଡବ୍ଲ୍ୟୁସିରେ ହାଜର କରାଯାଇ ଓଡ଼ିଶା ଅଣାଯାଇଥିଲା। ପରେ ସମସ୍ତଙ୍କୁ ଭୁବନେଶ୍ୱର ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁଯାୟୀ ୪ ନାବାଳିକାଙ୍କୁ ଖଣ୍ଡଗିରିସ୍ଥିତ ବିଶ୍ୱ ଜୀବନ ସେବା ସଂଗଠନ ଏବଂ ୬ ନାବାଳକଙ୍କୁ ସାମନ୍ତରାପୁରସ୍ଥିତ ରୁଚିକା ଷ୍ଟେ ହୋମ୍‌ରେ ରଖାଯାଇଛି। ତେବେ ଉଦ୍ଧାର ସମସ୍ତ ଶିଶୁଙ୍କୁ ଖୁବ୍‌ଶୀଘ୍ର ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପିଣ୍ଟୁ



@ ସନ୍ତୋଷ



@ ରାଜେଶ



@ ସୁରେନ୍ଦ୍ର



@ ଲିକୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ହେନ୍ତାଳ ବଣ ସୁରକ୍ଷା, ଅଲିଭ ରିଡ୍‌ଲେ ସଂରକ୍ଷଣକୁ ଗୁରୁତ୍ୱ

**■ବକୁଳ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ**

**■ସାମିଲ ହେଲେ ଯୁବପିଢ଼ି, ମହିଳା ଓ ବୁଦ୍ଧିଜୀବୀ**

ଅସ୍ତରଙ୍ଗ, ୬।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପରିବେଶ ସୁରକ୍ଷା ଅନୁଷ୍ଠାନ ବକୁଳ ଫାଉଣ୍ଡେଶନ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୋମବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସଦସ୍ୟ ସୁଜିତ ମହାପାତ୍ରଙ୍କ ନେତୃତ୍ୱରେ ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନ, ସେଲ୍ଫ ଏମ୍‌ପାୱାରମେଣ୍ଟ ଗ୍ରୁପ୍ ନିମାପଡ଼ା, ପରିବେଶ ସୁରକ୍ଷା ଅନୁଷ୍ଠାନର ସଦସ୍ୟା ସଦସ୍ୟ, ସ୍ଥାନୀୟ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ମହିଳା ସମୁଦାୟ, ଛାତ୍ର ଓ ଯୁବକ, ପରିବେଶ କର୍ମୀଙ୍କ ସହିତ ମିଶି ବକୁଳ ଫାଉଣ୍ଡେଶନର ସଦସ୍ୟାସଦସ୍ୟମାନେ ଦେବୀ ନଦୀ ମୁହାଣ ଅଞ୍ଚଳର ଆର୍ଦ୍ରଭୂମି ଅଞ୍ଚଳରେ ୧୨୦୦ ଲୁଣା ଜଙ୍ଗଲରେ ଚାରା ରୋପଣ କରିଛନ୍ତି। ପୂର୍ବାହ୍ନରେ ବକୁଳ ଫାଉଣ୍ଡେଶନର ସଦସ୍ୟାସଦସ୍ୟ ଅସ୍ତରଙ୍ଗରେ ପହଞ୍ଚି ତୃଣମୂଳ ସ୍ତରରେ ଉପକୂଳ ଜୈବ ବିବିଧତା ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସୁଥିବା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ସଂସ୍କୃତ ଶିକ୍ଷକ ବିଜୟ କୁମାର ଭଟ୍ଟ, ଜାତିସଂଘରେ ଭାରତର ଯୁବ ଅଧିବକ୍ତା ସୌମ୍ୟ ରଞ୍ଜନ ବିଶ୍ୱାଳ, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ର ନନ୍ଦ ବିଶ୍ୱାଳଙ୍କ ପରିବେଶ ସୁରକ୍ଷା ଯାତ୍ରା ବିଷୟରେ ଶୁଣିଥିଲେ। ବାତ୍ୟା ଓ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଠାରୁ ଆରମ୍ଭ କରି ସାମୁଦ୍ରିକ ସନ୍ତୁଳନ ରକ୍ଷା କରିବା ଦିଗରେ ହେନ୍ତାଳ ବଣର ସୁରକ୍ଷା ଏବଂ ଅଲିଭ ରିଡ୍‌ଲେ କଇଁଛଙ୍କ ସଂରକ୍ଷଣ ବିଷୟ ମୁଖ୍ୟ ପ୍ରସଙ୍ଗ ଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ଦେବୀ ନଦୀ ମୁହାଣ ଅଞ୍ଚଳ ଲୁଣା ଜଙ୍ଗଲ ଉପକୂଳ ଅଞ୍ଚଳର ସବୁଜ ପ୍ରାଚୀର ବୋଲି କହି ଏହାର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଅତିଥିମାନଙ୍କୁ ବୁଝାଇବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଲୁଣା ଜଙ୍ଗଲ ନର୍ସରି ପରିଦର୍ଶନ କରି ଆଞ୍ଚଳିକ ଲୁଣା ଜଙ୍ଗଲ ପ୍ରକାର ଭେଦ, ଏହାର ଗୁରୁତ୍ୱ, ନର୍ସରି ପ୍ରସ୍ତୁତି ପଦ୍ଧତି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଟ୍ରଷ୍ଟର ସଦସ୍ୟମାନେ ବୁଝାଇବା ସହିତ ସାମୂହିକ ଭାବେ ବନ୍ଧାରୀ, ରାଇ ଓ ସିନ୍ଧୁକା ପ୍ରଜାତିର ଏକ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରଜାତିର ମଞ୍ଜି ନର୍ସରିରେ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଦିଲିପ କୁମାର ବେହେରା, ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନର ସହପ୍ରତିଷ୍ଠାତା ନୀହାର ରଞ୍ଜନ ମହାରଣା, ଲାଇଫ ଗାର୍ଡ ବାବୁ ବେହେରା, ଇଂ. ଶ୍ରୁତାକୀର୍ତ୍ତି ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବକୁଳ ଫାଉଣ୍ଡେଶନର ବହୁ କର୍ମକର୍ତ୍ତା, ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନର ବାମଦେବ ବେହେରା, ଗୁରୁପ୍ରସାଦ ମହାନ୍ତି, ଜ୍ୟୋତି ରଞ୍ଜନ ଛୋଟରାୟ, ତପନ ସ୍ୱାଇଁ, ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଓ ମହିଳାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




ଚାରାରୋପଣ କାର୍ଯ୍ୟକ୍ରମରେ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସଦସ୍ୟ ସୁଜିତ ମହାପାତ୍ରଙ୍କ ସହ ଅନ୍ୟମାନେ।

## ଯାତ୍ରୀବାହୀ ବସ୍‌କୁ ଢେଲା ମାଡ଼ କରି ଦୁର୍ବୃତ୍ତ ଫେରାର

ବାରଙ୍ଗ,୬।୧୧(ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ଅଧୀନ ଭାରତ ମସଲା ଛକରେ ସୋମବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍‌ର ଆଗ କାଚକୁ ଦୁଇ ଦୁର୍ବୃତ୍ତ ଢେଲା ମାଡ଼ କରିଛନ୍ତି। ଏଥିରେ ବସ୍‌ର ଆଗ କାଚ ଭାଙ୍ଗିଯାଇଥିବାବେଳେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବସ୍‌ଟି ସେହି ଜାଗାରେ ଅଟକି ରହିବାରୁ ଯାତ୍ରୀମାନେ ଓହ୍ଲାଇପଡିବା ସହ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ପରେ ବସ୍ ମାଲିକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଢେଲାମାଡ଼ର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଯାତ୍ରୀ ଉଠାଇବାକୁ ନେଇ ସକାଳେ ଗଣ୍ଡଗୋଳ ହୋଇଥିବାବେଳେ ସେନେଇ ଢେଲାମାଡ଼ ହୋଇଥିବା ଅନୁମାନ କରାଯାଉଛି। ସୂଚନା ମୁତାବକ, ସବୁଦିନ ଭଳି ଶ୍ରୀ ଚୈତନ୍ୟ ନାମକ ବସ୍(ଓଆର ୦୫ ଏଆର୍ ୪୭୯୬)ଟି ଯାତ୍ରୀ ନେଇ କଟକରୁ କଳାପଥର ଯାଉଥିଲା। ବସ୍‌ଟି ଭାରତ ମସଲା ଛକରେ ହୋଇଥିବାବେଳେ ଦୁଇ ଦୁର୍ବୃତ୍ତ ସ୍କୁଟିରେ ଆସି ବସ୍ ଉପରକୁ ଢେଲା ପଥର ମାଡ଼ କରିଥିଲେ। ପରେ ସେମାନେ ତ୍ରିଶୁଳିଆ ଆଡ଼େ ପଳାଇଥିଲେ।



# ନେପାଳରେ ପୁଣି ଭୂକମ୍ପ

## ଦିଲ୍ଲୀ ସମେତ ଉତ୍ତର ଭାରତରେ ଝଟକା


ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଭୂକମ୍ପ ଯୋଗୁ ବିଧ୍ୱସ୍ତ ଏକ ଘର।

**କାଠମାଣ୍ଡୁ/ନୂଆଦିଲ୍ଲୀ,୬।୧୧**

ନେପାଳରେ ୩ ଦିନ ମଧ୍ୟରେ ଦ୍ୱିତୀୟ ଭୂକମ୍ପ ସୋମବାର ଅପରାହ୍ନ ୪ଟା ୧୪ ମିନିଟ୍‌ରେ ହୋଇଛି। ଭୂକମ୍ପର ତୀବ୍ରତା ୫.୬ ଥିଲା। ଏହାର ପ୍ରଭାବରେ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତରେ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଛି। ଗତ ଶୁକ୍ରବାର ରାତିରେ ଏହି ପାର୍ବତ୍ୟାଞ୍ଚଳ ଦେଶରେ ୬.୪ ତୀବ୍ରତାର ଭୂକମ୍ପ ୧୫୭ ଲୋକଙ୍କ ଜୀବନ ନେଇଥିବାବେଳେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଶକ୍ତିଶାଳୀ ଭୂକମ୍ପ ଯୋଗୁ ଶହ ଶହ ଘର ମାଟିରେ ମିଶିଯାଇଛି। ଏହାର କେନ୍ଦ୍ରସ୍ଥଳ ରାଜଧାନୀ କାଠମାଣ୍ଡୁଠାରୁ ୫୦୦ କିଲୋମିଟର ପଶ୍ଚିମରେ ବୋଲି ଜଣାପଡ଼ିଥିଲା। ସୋମବାର ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ହୋଇଥିବା ଜାତୀୟ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ନେପାଳ ସବୁଠୁ ସକ୍ରିୟ ଟେକ୍ଟୋନିକ୍ ଜୋନ୍ ୪ ଓ ୫ ମଧ୍ୟରେ ରହୁଥିବାରୁ ଏଠାରେ ଭୂକମ୍ପ ଅତ୍ୟଧିକ କ୍ଷତିକାରକ ହୋଇଥାଏ। ନେପାଳରେ ଭୂକମ୍ପ ହେଲେ ଭାରତର ଗାଙ୍ଗେୟ ସମତଳ ଭୂମି ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଶୁକ୍ରବାର ଭୂକମ୍ପରେ ଘରଦ୍ୱାର ହରାଇଥିବା ହଜାର ହଜାର ଲୋକେ ପ୍ରବଳ ଶୀତରେ ଖୋଲା ଆକାଶ ତଳେ ପଡ଼ିରହି ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ ଆବଶ୍ୟକ ରିଲିଫ ସହାୟତା ପହଞ୍ଚିପାରି ନାହିଁ। ସେମାନେ ଖାଦ୍ୟ, ପୋଷାକ ଓ ଔଷଧ ବିନା ବାହାରେ ପଡ଼ିରହିଛନ୍ତି। ଆମର ସବୁକିଛି ଘରର ଭଗ୍ନାବଶେଷ ତଳେ ରହିଯାଇଛି ବୋଲି ଜଣେ ବିପନ୍ନ କହିଛନ୍ତି। ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ଶେଷକୃତ୍ୟ ରବିବାର ତାଙ୍କ ଆତ୍ମୀୟ ସ୍ୱଜନମାନେ କରିଥିଲେ।

## ସ୍କୁଲ ଛାତ୍ରୀଙ୍କ ପାଇଁ ପାଇଖାନା ନିମନ୍ତେ ଜାତୀୟ ନମୁନା ପ୍ରସ୍ତୁତ କର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬।୧୧**

ଅନୁଦାନପ୍ରାପ୍ତ ସରକାରୀ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀମାନଙ୍କ ନିମନ୍ତେ ପାଇଖାନା ନିର୍ମାଣ ପାଇଁ ଏକ ଜାତୀୟ ମଡେଲ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସ୍ତରରେ ସ୍କୁଲ ଛାତ୍ରୀମାନଙ୍କୁ ସାନିଟାରି ନାପ୍‌କିନ୍ ବାଣ୍ଟିବା ଲାଗି କ'ଣ ନୀତି ରହିଛି, ତାହା ଜଣାଇବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ସ୍କୁଲ ଯାଉଥିବା ଛାତ୍ରୀମାନଙ୍କୁ ମାଗଣାରେ ସାନିଟାରି ନାପ୍‌କିନ୍ ଯୋଗାଇଦେବା ନିମନ୍ତେ ଏକ ଚିଠା ଜାତୀୟ ନୀତି ପ୍ରସ୍ତୁତ ହୋଇ ଷ୍ଟେକ୍ ହୋଲ୍ଡରମାନଙ୍କ ମତାମତ ଲୋଡ଼ାଯାଇଥିବା କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ଏହି ନୀତି ପ୍ରଣୟନ ପାଇଁ ଆନୁଷଙ୍ଗିକ ତଥ୍ୟ ସଂଗ୍ରହ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ସୁପ୍ରିମକୋର୍ଟ ଗତ ଏପ୍ରିଲ ୧୦ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବଙ୍କୁ ନୋଡାଲ ଅଫିସର ନିଯୁକ୍ତ କରିଥିଲେ।

## ୩ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ସୁପାରିସ


ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସି, ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ୍ ସନ୍ଦିପ୍ ମେହେଟ୍ଟା।

**ନୂଆଦିଲ୍ଲୀ,୬।୧୧**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ୩ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୋମବାର କେନ୍ଦ୍ରକୁ ସୁପାରିସ କରିଛନ୍ତି। ସେମାନେ ହେଲେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା, ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସି ଏବଂ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସନ୍ଦିପ୍ ମେହେଟ୍ଟା। ମୁଖ୍ୟ ବିଚାରପତିମାନଙ୍କ ଯୋଗ୍ୟତାର ନିଷ୍ଠା ଓ ସାଧୁତାକୁ ମୂଲ୍ୟାୟନ କରାଯାଇ ଏହି ସୁପାରିସ କରାଯାଇଛି। କଲେଜିୟମରେ ସିଜେଆଇଙ୍କ ବ୍ୟତୀତ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। ସୁପ୍ରିମକୋର୍ଟରେ ବହୁ ସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଥିବାବେଳେ ବିଚାରପତିମାନଙ୍କ ଉପରେ କାର୍ଯ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ସେଥିପାଇଁ ସର୍ବୋଚ୍ଚ ଅଦାଲତରେ ସମସ୍ତ ବିଚାରପତି ପଦ ପୂରଣ ହେବା ଜରୁରୀ ହୋଇପଡ଼ିଛି। ଏହାକୁ ବିଚାରକୁ ନେଇ କଲେଜିୟମ ୩ଟି ପଦ ପୂରଣ କରିବା ପାଇଁ ସୁପାରିସ୍ କରିଛନ୍ତି।

## ଦୁର୍ନୀତି ମାମଲାରେ ଏଏପି ବିଧାୟକ ଗିରଫ

**ଚଣ୍ଡିଗଡ଼,୬।୧୧**


ଯଶଓ୍ୱନ୍ତ ସିଂ ଗଜ୍ଜନ ମାଜ୍ରା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୪୧ କୋଟି ଟଙ୍କା ବ୍ୟାଙ୍କ ଜାଲିଆତି ମାମଲାରେ ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକ ଯଶଓ୍ୱନ୍ତ ସିଂ ଗଜ୍ଜନ ମାଜ୍ରାଙ୍କୁ ସୋମବାର ଗିରଫ କରିଛି। ତଦନ୍ତକାରୀ ସଂସ୍ଥା ଏକ ସାଧାରଣ ସଭାରୁ ଯଶଓ୍ୱନ୍ତଙ୍କୁ ଉଠାଇ ନେଇଥିଲା। ଏହା ପୂର୍ବରୁ ତାଙ୍କୁ ଇଡି ୩ ଥର ସମନ କରିଥିଲେ ମଧ୍ୟ ସେ ଏହାକୁ ଏଡ଼ାଇ ଯାଇଥିଲେ। ଏହି ଘଟଣାରେ ଏଏପି ଭାଜପାକୁ ସମାଲୋଚନା କରିଛି। ଆମକୁ ଅପମାନିତ କରିବା ପାଇଁ ଭାଜପାର ଏହା ଚକ୍ରାନ୍ତ ବୋଲି ଏଏପି ମୁଖପାତ୍ର ମାଲ୍‌ୱିନ୍ଦର କାଙ୍ଗ କହିଛନ୍ତି। ବ୍ୟାଙ୍କ ଜାଲିଆତି ମାମଲାରେ ଗତବର୍ଷ ସେପ୍ଟେମ୍ବରରେ ସିବିଆଇ ଯଶଓ୍ୱନ୍ତଙ୍କ ୩ଟି ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ୧୬.୫୭ ଲକ୍ଷ ନଗଦ ଟଙ୍କା, ବିଦେଶୀ ମୁଦ୍ରା, ଜାଲ୍ ବ୍ୟାଙ୍କ ଓ ସମ୍ପତ୍ତି ଦସ୍ତାବିଜ୍ ମିଳିଥିଲା। ବ୍ୟାଙ୍କ ଅଫ୍ ଇଣ୍ଡିଆର ପଞ୍ଜାବ ଲୁଧିଆନା ଶାଖାର ଅଭିଯୋଗ କ୍ରମେ ସିବିଆଇ ଯଶଓ୍ୱନ୍ତଙ୍କ ସମେତ ତାରା କର୍ପୋରେଶନ ଲିଃ ଓ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିଥିଲା।

## ପୋଲିଂ ପାର୍ଟିକୁ ମାଓବାଦୀଙ୍କ ଟାର୍ଗେଟ

**ବିସ୍ଫୋରଣରେ ଜଣେ ଯବାନ, ୨ ପୋଲିଂ କର୍ମଚାରୀ ଆହତ**

**ରାୟପୁର,୬।୧୧**

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ମତଦାନର ଦିନକ ପୂର୍ବରୁ କଙ୍କେର୍ ଜିଲାରେ ପୋଲିଂ ପାର୍ଟିକୁ ଟାର୍ଗେଟ କରି ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ କନ୍‌ଷ୍ଟେବଲ ଏବଂ ଦୁଇଜଣ ପୋଲିଂ କର୍ମଚାରୀ ଆହତ ହୋଇଛନ୍ତି। ଆହତ କନ୍‌ଷ୍ଟେବଲ ପ୍ରକାଶ ଚାନ୍ଦଙ୍କ ଦୁଇ ଗୋଡ଼ରେ କ୍ଷତ ହୋଇଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଛୋଟେପେଠିୟା ନିଆଯାଇଛି। ପୋଲିଂ କର୍ମଚାରୀ ଦୁଇଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବିଏସ୍‌ଏଫ୍ ଏବଂ ଡିଷ୍ଟ୍ରିକ୍ଟ ଫୋର୍ସ କଙ୍କେର୍ ଜିଲାର ଛୋଟେବେଟିୟା ଥାନାରୁ ୪ଟି ପୋଲିଂ ଟିମ୍‌କୁ ନେଇ ରେଙ୍ଗାଘାଟି ରେଙ୍ଗାଗୋଣ୍ଡି ବୁଥ୍‌କୁ ନେଉଥିବାବେଳେ ବିସ୍ଫୋରଣ ଘଟିଥିଲା।

## ଆଜି ଛତିଶଗଡ଼, ମିଜୋରାମରେ ଭୋଟ


ମିଜୋରାମ ଭୋଟ ପାଇଁ ପୋଲିଂ କର୍ମଚାରୀମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ସଂଗ୍ରହ କରୁଛନ୍ତି।

**ନୂଆଦିଲ୍ଲୀ,୬।୧୧**

ଛତିଶଗଡ଼ ଓ ମିଜୋରାମ ବିଧାନସଭା ନିର୍ବାଚନ ଲାଗି ମଙ୍ଗଳବାର ମତଦାନ ହେବାକୁ ଯାଉଛି। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୨୦ଟି ଆସନରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ଭୋଟ ନିଆଯିବ। ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକ ମାଓବାଦୀ ପ୍ରବଣ ବସ୍ତର ଓ ଜଗଦଲପୁର ଜିଲାରେ ରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ୬୦,୦୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ପୋଲିଂ କର୍ମଚାରୀମାନେ ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଛନ୍ତି। ରବିବାର ପ୍ରଚାର ଶେଷ ହୋଇଥିବାବେଳେ ବିଭିନ୍ନ ଦଳର ନେତା ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଚୂଡ଼ାନ୍ତ ଉଦ୍ୟମ କରିଥିଲେ। ମହାଦେବ ବେଟିଂ ଆପ୍ ସହ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମ୍ପୃକ୍ତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ ଭାଜପା ବିରୋଧୀ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା। କଂଗ୍ରେସ ବିଦାୟୀ ମୁଖ୍ୟମନ୍ତ୍ରୀ ବଘେଲଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିବାବେଳେ ଭାଜପା ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ନିର୍ବାଚନ ମଇଦାନକୁ ଓହ୍ଲାଇଛି। ୪୦ ଆସନ ବିଶିଷ୍ଟ ମିଜୋରାମ ବିଧାନସଭା ପାଇଁ ୧,୨୭୬ ଭୋଟଦାନ କେନ୍ଦ୍ର ମଧ୍ୟରୁ ୧୪୯ଟି ଦୁର୍ଗମ ଅଞ୍ଚଳରେ, ୩୦ଟି ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସୀମାରେ ରହିଛି। ରାଜ୍ୟ ସୀମା ଓ ବାଂଲାଦେଶ, ମ୍ୟାନ୍‌ମାର ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ସିଆଇସି ଭାବେ ଶପଥ ନେଲେ ହୀରାଲାଲ୍ ସମରିୟା



**ନୂଆଦିଲ୍ଲୀ,୬।୧୧:** ଭାରତର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୀରାଲାଲ୍ ସମରିୟା ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୬୩ ବର୍ଷୀୟ ହୀରାଲାଲ୍‌ଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଆଇଏଏସ୍ ଅଫିସର ହୀରାଲାଲ୍ ଶ୍ରମ ଓ ନିୟୋଜନ ସଚିବ ଭାବେ ପୂର୍ବରୁ କାର୍ଯ୍ୟ କରିଥିଲେ। ଅକ୍ଟୋବର ୩ରେ ୱାଇ.କେ. ସିହ୍ନାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କେନ୍ଦ୍ରୀୟ ସୂଚନା ଆୟୋଗର ଶୀର୍ଷ ପଦ ଖାଲି ପଡ଼ିଥିଲା।

## ମହିଳା ଅଫିସର ହତ୍ୟା ମାମଲାରେ ଡ୍ରାଇଭର ଗିରଫ

**ବେଙ୍ଗାଲୁରୁ,୬।୧୧**

କର୍ନାଟକ ଖଣି ବିଭାଗ ଉପନିର୍ଦ୍ଦେଶିକା ପ୍ରଥିମା କେ.ଏସ୍.ଙ୍କୁ ହତ୍ୟା ମାମଲାରେ ବେଙ୍ଗାଲୁରୁ ପୋଲିସ ତାଙ୍କ ଡ୍ରାଇଭରଙ୍କୁ ଗିରଫ କରିଛି। ୫ ବର୍ଷ ହେଲା ଠିକାରେ ନିଯୁକ୍ତି ପାଇଥିବା କିରଣ ନାମକ ଉକ୍ତ ଡ୍ରାଇଭରଙ୍କୁ ୭ରୁ ୧୦ ଦିନ ପୂର୍ବରୁ ଚାକିରିରୁ ବହିଷ୍କାର କରାଯାଇଥିଲା ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। ବହିଷ୍କାରର ପ୍ରତିଶୋଧ ନେବା ପାଇଁ କିରଣ ପ୍ରଥିମାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଶନିବାର ରାତିରେ ହତ୍ୟାକାଣ୍ଡ ଘଟାଇବା ପରେ ସେ ବେଙ୍ଗାଲୁରୁରୁ ୨୦୦ କିଲୋମିଟର ଦୂର ଚାମରାଜନଗରକୁ ଚାଲିଯାଇଥିଲେ।

## ନୂଆ ଆପରାଧିକ ଆଇନ ପାଇଁ ବିଲ୍ ଉପରେ ରିପୋର୍ଟ ସଂସଦୀୟ କମିଟିରେ ଗୃହୀତ

**ନୂଆଦିଲ୍ଲୀ,୬।୧୧**

ବର୍ତ୍ତମାନର ଆପରାଧିକ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ ବିଲ୍ ଉପରେ ୩ଟି ରିପୋର୍ଟ ସୋମବାର ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ କମିଟିରେ ଗୃହୀତ ହୋଇଛି। ତେବେ କମିଟିର କେତେଜଣ ବିରୋଧୀ ସଦସ୍ୟ ଭିନ୍ନ ମତ ଉପସ୍ଥାପନ କରିଥିଲେ ବୋଲି ଜଣାପଡ଼ିଛି। ଚିଠା ରିପୋର୍ଟର ଅଧ୍ୟୟନ ପାଇଁ ସଦସ୍ୟମାନେ ଗତ ମାସରେ ଅଧିକ ସମୟ ଚାହିଁବାରୁ ୧୦ ଦିନ ପରେ ସୋମବାର ଭାଜପା ଏମ୍‌ପି ବ୍ରିଜ୍‌ଲାଲ୍‌ଙ୍କ ଅଧ୍ୟକ୍ଷତାରେ ସଂସଦୀୟ କମିଟି ବୈଠକ ବସିଥିଲା। ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଦଣ୍ଡ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ତଥ୍ୟ ପ୍ରମାଣ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ଗତ ଅଧିବେଶନରେ ୩ଟି ବିଲ୍ ଆଣିଥିଲେ। ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ।

## ଦିଲ୍ଲୀକୁ ଫେରିଲା ଯୁଗ୍ମ-ଅଯୁଗ୍ମ ଫର୍ମୁଲା

**୧୩ରୁ ୨୦ ଲାଗୁ ହେବ**

**ଦଶମ, ଦ୍ୱାଦଶ ଶ୍ରେଣୀକୁ ଛାଡ଼ି ସବୁ ସ୍କୁଲ ବନ୍ଦ**


ବାୟୁ ପ୍ରଦୂଷଣ ଯୋଗୁ ଲାଲ୍ କିଲ୍ଲା ଆକାଶ ଧୂଳି-ଧୂଆଁରେ ଆଚ୍ଛାଦିତ ହୋଇଯାଇଛି।

**ନୂଆଦିଲ୍ଲୀ,୬।୧୧**

ଦିଲ୍ଲୀ ବାୟୁ ପ୍ରଦୂଷଣ ଅତି ଉତ୍କଟ ସ୍ଥିତିରେ ପହଞ୍ଚିଛି। ବିଷାକ୍ତ ସ୍ମଗ୍ (ଧୂଳିକଣା, ଧୂଆଁ ଓ କୁହୁଡ଼ି)ର ଘନ ଆସ୍ତରଣ ଦିଲ୍ଲୀ ଆକାଶକୁ ଆଚ୍ଛାଦିତ କରିରଖିଛି। ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ଆଉ କେତେକ କଟକଣା ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ରାଜ୍ୟ ପରିବେଶ ମନ୍ତ୍ରୀ ଗୋପାଳ ରାୟ ସୋମବାର କହିଛନ୍ତି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଦୀପାବଳି ପରଦିନ ଅର୍ଥାତ୍ ୧୩ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳ କ୍ଷେତ୍ରରେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରାଯିବ। ଅର୍ଥାତ୍ ଗୋଟିଏ ଦିନ ଯୁଗ୍ମ ନମ୍ବର ଥିବା ଗାଡ଼ି ରାସ୍ତାରେ ଚାଲିଲେ, ଅନ୍ୟ ଦିନ ଅଯୁଗ୍ମ ନମ୍ବର ଗାଡ଼ିକୁ ଅନୁମତି ମିଳିବ। ଆବଶ୍ୟକ ପଡ଼ିଲେ ଏହି ସମୟସୀମାକୁ ଆହୁରି ବଢ଼ାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ବାଦ୍ ଦେଇ ସମସ୍ତ ସ୍କୁଲ୍ ବନ୍ଦ ରହିବ। ପୂର୍ବରୁ କେବଳ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍‌କୁ ବନ୍ଦ ଘୋଷଣା କରାଯାଇଥିବା ବେଳେ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ସେହିପରି ସହର ମଧ୍ୟକୁ ଡିଜେଲ ଟ୍ରକ୍ ଓ ଭାରି ଯାନ ଯାତାୟାତ ଉପରେ କଟକଣା ଲାଗୁ ହୋଇଛି। ସେହିପରି ବିଏସ୍୩ ପେଟ୍ରୋଲ ଏବଂ ବିଏସ୍୪ ଡିଜେଲ ଗାଡ଼ି ଉପରେ ବ୍ୟାନ୍ ଜାରି ରହିବ ବୋଲି ମନ୍ତ୍ରୀ ରାୟ କହିଛନ୍ତି।

**ଫୁର୍‌ସତ୍**

# କର୍କଟକୁ ହରାଇବା

**ଜାତୀୟ୍ କର୍କଟ ସଚେତନତା ଦିବସ**



କର୍କଟଠାରୁ ନ ହାରି ଏହାକୁ ହରାଇବା ନେଇ ଲୋକଙ୍କ ମଧ୍ୟରେ ବିଶେଷ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୭ରେ ସର୍ବଭାରତୀୟ ସ୍ତରରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରିସଂଖ୍ୟାନ ଅନୁଯାୟୀ, କର୍କଟ ସମ୍ବନ୍ଧୀୟ ମୃତ୍ୟୁହାର ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶରେ ୭୦ ପ୍ରତିଶତ ରହିଛି। ଧୂମପାନ, ମଦ୍ୟପାନ, ଅଳ୍ପ ଫଳ ଏବଂ ପନିପରିବା ଖାଇବା ଏବଂ ଯଥେଷ୍ଟ ବ୍ୟାୟାମ ନ କରିବା ଭଳି କାରଣ ଯୋଗୁ ପ୍ରାୟ ଏକ ତୃତୀୟାଂଶ ମୃତ୍ୟୁ କର୍କଟ କାରଣରୁ ହୋଇଥାଏ। କର୍କଟ ଯୋଗୁ ଗୁରୁତର ଆର୍ଥିକ ସ୍ଥିତି ସୃଷ୍ଟି ହୋଇଥାଏ। ସମଗ୍ର ବିଶ୍ୱରେ କର୍କଟ ମୃତ୍ୟୁରେ ସ୍ତନ କର୍କଟର ପ୍ରାୟ ୨.୨୬ ନିୟୁତ ମାମଲା ଥିବାବେଳେ ଫୁସ୍‌ଫୁସ୍ କର୍କଟ ମୃତ୍ୟୁ ସଂଖ୍ୟା ୨.୨୧ ନିୟୁତ ରହିଛି। କୋଲନ ଏବଂ ରେକ୍ଟମ କର୍କଟ ମାମଲା ୧.୯୩ ନିୟୁତ ଥିବାବେଳେ ପ୍ରୋଷ୍ଟେଟ କର୍କଟ ମାମଲା ୧.୪୧ ନିୟୁତ ରହିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ବିଶ୍ୱରେ କର୍କଟ ହେଉଛି ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ। ୨୦୪୦ ସୁଦ୍ଧା ଭାରତରେ ନୂତନ ମାମଲା ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଆକଳନ କରାଯାଇଛି। ୪୨ଟି କର୍କଟ ପ୍ରତିରୋଧୀ ଔଷଧ ପାଇଁ ନ୍ୟାଶନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନ୍‌ପିପିଏ) ଦ୍ୱାରା ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପୀଡ଼ିତମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ କରିବା ଦିଗରେ ଏହା ଏକ ପଦକ୍ଷେପ।

କର୍କଟ ଆର୍ଥିକ ବୋଝ, ପରିବାର ପାଇଁ ଦୁଃଖ ଏବଂ ଦାରିଦ୍ର୍ୟ ଆଣିଥାଏ। ଏପରିସ୍ଥଳେ ପ୍ରାରମ୍ଭିକ ଚିହ୍ନଟ ପାଇଁ ଗୁରୁତ୍ୱାରୋପ କରିବା ଦ୍ୱାରା କର୍କଟରୁ ମୁକ୍ତି ମିଳିପାରିଥାଏ। ୨୦୧୪ ନଭେମ୍ବର ୭ରେ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା ଏବଂ କର୍କଟ ରୋଗର ଶୀଘ୍ର ଚିହ୍ନଟ ଏବଂ ଉପଶମ ଉପରେ ଧ୍ୟାନ ଦିଆଯାଇଥିଲା।

## 'ଭାଇରାଲ ଭିଡିଓ ଖୁବ୍ କଷ୍ଟ ଦେଇଛି'


ରଶ୍ମିକା ମନ୍ଦାନା

**ମୁମ୍ବାଇ:** ନିକଟରେ ଭାଇରାଲ ହେଉଥିବା ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଡିପ୍‌ଫେକ୍ ଭିଡିଓ ନେଇ ସେ ପ୍ରତିକ୍ରିୟା ରଖିଛନ୍ତି। ସେ ଏଥିନେଇ ଦୁଃଖପ୍ରକାଶ କରିବା ସହ ଟେକ୍ନୋଲୋଜିର ଭୁଲ୍ ବ୍ୟବହାର ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ତାଙ୍କୁ ସମର୍ଥନ କରିଥିବା ପ୍ରିୟଜନ, ବନ୍ଧୁ ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରଶ୍ମିକା 'ଏକ୍ସ'ରେ ଏକ ପୋଷ୍ଟ ଶେୟାରକରି କହିଛନ୍ତି, ଯେଉଁଭଳି ଭାବେ ଟେକ୍ନୋଲୋଜିର ଦୁରୁପଯୋଗ କରାଯାଉଛି, ତାହା କେବଳ ତାଙ୍କ ପାଇଁ ନୁହେଁ ସମସ୍ତଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ। ତାଙ୍କ କଲେଜ ଜୀବନରେ ଏପରି ଏକ ଘଟଣାର ସମ୍ମୁଖୀନ ହୋଇଥିବା କହିଥିଲେ। ପ୍ରକାଶ ଥାଉ କି, ନିକଟରେ ରଶ୍ମିକାଙ୍କ ଏକ ଏଆଇ ଏଡିଟେଡ୍ ଭିଡିଓ ଭାଇରାଲ୍ ହୋଇଥିଲା। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ଡିପ୍‌ଫେକ୍ ଟେକ୍ନୋଲୋଜି ବ୍ୟବହାର କରାଯାଇ ଏହି ଭିଡିଓ ଏଡିଟ୍ କରାଯାଇଥିଲା, ଯାହା ରଶ୍ମିକାଙ୍କ ଚରିତ୍ର ଉପରେ ଅଙ୍ଗୁଳି ଉଠାଇବା ସଦୃଶ ଥିଲା। ଏହା ତାଙ୍କୁ ବେଶ୍ ଆଘାତ ଦେଇଛି ବୋଲି ସେ କହିଛନ୍ତି। ଏହାକୁ ନେଇ ବିଗ୍ ବି ଅମିତାଭ ବଚ୍ଚନ ଏବଂ ବରିଷ୍ଠ ବ୍ୟକ୍ତି ଚିନ୍ତା ପ୍ରକଟ କରିଥିଲେ। ଏହାର ଦୁରୁପଯୋଗ ଉପରେ ରୋକ ଲଗାଇବା ପାଇଁ ସେମାନେ ଦାବି କରିଥିଲେ।

# ଭୁବନେଶ୍ୱରରୁ ଜୟପୁରକୁ ଉଡ଼ିଲା ଦ୍ୱିତୀୟ ବିମାନ



ଜୟପୁର ବିମାନ ବନ୍ଦରରୁ ଜଣେ ଯାତ୍ରୀ ବାହାରକୁ ଆସୁଛନ୍ତି।

**ଜୟପୁର,୬।୧୧ (ପବନ ପାଣିଗ୍ରାହୀ)**

ଭୁବନେଶ୍ୱରରୁ ଜୟପୁରକୁ ସୋମବାର ଦ୍ୱିତୀୟ ବିମାନ ଉଡ଼ିଛି। ଇଣ୍ଡିଆ ୱାନ୍ ଏୟାରଲାଇନ୍ସ ପକ୍ଷରୁ ସପ୍ତାହକୁ ୨ଦିନ ସୋମବାର ଓ ଶୁକ୍ରବାର ଏହି ବିମାନ ଚଳାଚଳ କରିବ। ସୋମବାର ସକାଳ ୭ଟା ୧୦ରେ ଇଣ୍ଡିଆ ୱାନ୍ ଏୟାରଲାଇନ୍ସର 'ସେସନା' ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଜୟପୁର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏଥିରେ ୬ଜଣ ଯାତ୍ରୀ ଯାଇଥିଲେ। ବିମାନଟି ୮ଟା ୪୫ରେ ଜୟପୁର ବିମାନବନ୍ଦରରେ ପହଞ୍ଚିଥିଲା। ପରେ ଏହା ୯ଟାରେ ଜୟପୁରରୁ ଉଡ଼ି ୧୦ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିଥିବା ଜଣାଯାଇଛି। ଜୟପୁରରୁ ଯାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ଏହି ଅତିରିକ୍ତ ବିମାନ ସେବା ଆରମ୍ଭ ହୋଇଛି। ଏଥିଲାଗି ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଉଛନ୍ତି। ଏହାପୂର୍ବରୁ ୨୦୨୨ ଅକ୍ଟୋବର ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ଏବଂ ବିଶାଖାପାଟଣା-ଜୟପୁର-ଭୁବନେଶ୍ୱର ମଧ୍ୟରେ ପ୍ରଥମ ବିମାନ ସେବାର ଶୁଭାରମ୍ଭ କରିଥିଲେ। ଏହି ବିମାନ ସପ୍ତାହରେ ୨ଦିନ ପରିବର୍ତ୍ତେ ନିୟମିତ ଉଡ଼ାଣ କରିବା ସହ ଆଗକୁ ବଡ଼ ବିମାନ ଉଡ଼ିଲେ ଅନେକ ଯାତ୍ରୀ ସୁବିଧା ପାଇପାରିବେ ବୋଲି ମତ ପ୍ରକାଶ ପାଉଛି। ଜୟପୁରରୁ ଭୁବନେଶ୍ୱରକୁ ୨୯୯୯ ଟଙ୍କା ଯାତ୍ରୀଭଡ଼ା ରହିଛି।

# ୧୦୦ରୁ ଊର୍ଦ୍ଧ୍ୱଙ୍କ ନାଁରେ ମାମଲା, ୬ ଗିରଫ

**ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)**



ସୋହେଲା ମୁଖ୍ୟଛକରେ ରାସ୍ତାରୋକୋ କରାଯାଇଛି।

## ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣା

### ବିଧାୟକ ସୁଶାନ୍ତ ସିଂଙ୍କ ସମ୍ପୃକ୍ତି ଥିବା କହିଲା ଭାଜପା

ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ଏହି ଘଟଣାରେ ପୋଲିସ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଭିଯୁକ୍ତ ଦର୍ଶାଇଥିବା ବେଳେ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମ୍ବାଭୋନା ଥାନା ବଡ଼ଦର୍ଲିପାଲି ଗ୍ରାମର ପରେଶ ମହାନନ୍ଦ, ମହାପାଲିର କ୍ଷେତ୍ରବ୍ରତ ସାହୁ, ଭୁକ୍ତାର ଗୌରୀଶଙ୍କର ଅଗ୍ରୱାଲ ଏବଂ ଭୈନାତୋରାର ନ୍ୟୁମେରୀ ଦେହେରୀ। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକ ମାମଲା (ନଂ.୨୩୫/୨୩) ରୁଜୁ ହୋଇଛି। ତେବେ ମାମଲା ରୁଜୁ ହେବା ପରେ ଜିଲାର ସୋହେଲା ଏବଂ ଭଟଲିରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଅମ୍ବାଭୋନା ଥାନା ପୋଲିସ ଅଯଥାରେ ସୋହେଲା ଏବଂ ଭଟଲି ଅଞ୍ଚଳର ଲୋକଙ୍କୁ ବଦନାମ କରୁଥିବା ଅଭିଯୋଗ କରି ସୋମବାର ଅପରାହ୍ନ ସାଢ଼େ ୪ଟାରୁ ରାସ୍ତାରୋକୋ କରାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା) ସୋହେଲା ଏବଂ ଭଟଲି ମୁଖ୍ୟ ଛକରେ ଆନ୍ଦୋଳନ ଚାଲିଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଉଭୟ ରାସ୍ତାରେ ଯାତାୟାତ ବନ୍ଦ ରହିଛି।

ଅନ୍ୟପକ୍ଷେ ଏହି ଘଟଣାରେ ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ଭାଜପା ଟାର୍ଗେଟ କରିଛି। ବରଗଡ଼ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ ଅଭିଯୋଗ କରି କହିଛନ୍ତି, ଥାନାରେ ଭଙ୍ଗାରୁଜା ଘଟଣାରେ ଭଟଲି ବିଧାୟକଙ୍କ ସମର୍ଥକମାନଙ୍କ ସମ୍ପୃକ୍ତି ରହିଛି। ଯେତେବେଳେ ଘଟଣା ଘଟିଲା, ସେତେବେଳେ ବିଧାୟକ ସିଂ ନିଜେ ଅମ୍ବାଭୋନାରେ ଉପସ୍ଥିତ ଥିଲେ। ତେଣୁ ଏହି ଘଟଣାରେ ତାଙ୍କୁ ଗିରଫ କରାଯାଉ। ନଚେତ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଇରାସିସ୍ ଦାବି କରିଛନ୍ତି। ତେବେ ଭାଜପାର ଅଭିଯୋଗ ଉପରେ ବିଧାୟକ ସିଂଙ୍କ ମତାମତ ମିଳିପାରିନାହିଁ।

ଏ ସମ୍ପର୍କରେ ବରଗଡ଼ ଏସ୍‌ପି ପି.ଏସ୍ ମୀନା କହିଛନ୍ତି, ରବିବାର ଏକ ଗାଡ଼ି ଯୋଗେ ବରଗଡ଼ରୁ ଭଟଲି ଓ ଅମ୍ବାଭୋନା ପଟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅମ୍ବାଭୋନା ଥାନା ଆଇଆଇସିଙ୍କୁ ସୂଚନା ମିଳିଥିଲା। ଫଳରେ ସେ ସମ୍ପୃକ୍ତ ଗାଡ଼ିକୁ ପିଛା କରି ତାମଦେଇରେ ଅଟକାଇ ଯାଞ୍ଚ କରିଥିଲେ। ତେବେ ସେହି ଗାଡ଼ିରୁ କିଛି ମିଳି ନ ଥିଲା। ସେହି ଘଟଣାକୁ ନେଇ କେତେଜଣ ଲୋକ ଅମ୍ବାଭୋନା ଥାନାକୁ ଆସି ଭଙ୍ଗାରୁଜା କରିଥିଲେ। ଏ ନେଇ ଏକ ମାମଲା ରୁଜୁ ସହିତ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚାଲିଛି। ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମୀନା କହିଛନ୍ତି।

ପ୍ରକାଶଥାଉକି, ରବିବାର ସନ୍ଧ୍ୟାରେ ଶତାଧିକ ଲୋକ ଅତର୍କିତ ଭାବେ ଅମ୍ବାଭୋନା ଥାନା ଭିତରକୁ ପଶିଥିଲେ ଏବଂ ଥାନା ଭିତରେ ଥିବା ଚୌକି, ଟେବୁଲ, କମ୍ପ୍ୟୁଟର, ସିସିଟିଭି ଆଦି ଭଙ୍ଗାରୁଜା କରିଥିଲେ। ଲୋକଙ୍କ ଏଭଳି ସଂଘବଦ୍ଧ ତୁମୁଳକାଣ୍ଡରେ ଉପସ୍ଥିତ ପୋଲିସ ନିରୂପାୟ ହୋଇପଡ଼ିଥିଲା। ଖବର ପାଇ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ସଦଳବଳ ଥାନାରେ ପହଞ୍ଚିଥିଲେ। ଏହାପୂର୍ବରୁ ଥାନା ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା, କର୍ମୀଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଫଳରେ ଅମ୍ବାଭୋନା ସମେତ ସୋହେଲା ଏବଂ ଭଟଲିରେ ବ୍ୟାପକ ପୋଲିସ ମୁତୟନ ରହି ସ୍ଥିତି ଉପରେ ନଜର ରଖିଛନ୍ତି।

# ଯନ୍ତାରେ ଥିବା ବାଘର ସ୍ୱାସ୍ଥ୍ୟ ଯାଞ୍ଚ କଲା ଜୁ ଟିମ୍

**ନୂଆପଡ଼ା,୬।୧୧(ମକାରୁ ବେମାଲ)**

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ପାହାଡ଼ ତଳି ଗାଁରେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ ଶନିବାର ବିଳମ୍ବିତ ରାତିରେ ଯନ୍ତାରେ ଧରାପଡ଼ିଛି। ସଦର ବନ ବିଭାଗ ରେଞ୍ଜରେ ବାଘକୁ ରଖାଯାଇଛି। ବାଘର ସ୍ୱାସ୍ଥ୍ୟ ଅବସ୍ଥା ଓ ଆଚରଣ ଉପରେ ଅନୁଧ୍ୟାନ କରିବା ପାଇଁ ହୀରାକୁଦ ଡିଭିଜନ ସମ୍ବଲପୁର ଜୁ (ଚିଡ଼ିଆଖାନା)ରୁ ୩ ଜଣିଆ ଟିମ୍ ନୂଆପଡା ଆସିଛନ୍ତି। ସମ୍ବଲପୁର ଜୁ ରେଞ୍ଜର କିଶୋର କୁମାର ବୈକାର, ଫରେଷ୍ଟର ବିକ୍ରମାଦିତ୍ୟ ବେହେରା ଓ ପ୍ରାଣୀ ସମ୍ପଦ ବିଶେଷଜ୍ଞ ଡା.ନବୀନ ମିଶ୍ର ପ୍ରମୁଖ ଆସି ପ୍ରଥମେ ଯନ୍ତା ଭିତରେ ଥିବା ବାଘ ଉପରେ ଅନୁଧ୍ୟାନ କରିଥିଲେ। ବାଘ କେଉଁ ପ୍ରକାର ଆଚରଣ କରୁଛି, ଯନ୍ତା ଭିତରେ କେମିତି ରହୁଛି, କେତେ ପରିମାଣର ଖାଦ୍ୟ ଖାଉଛି, କ'ଣ ସବୁ ଖାଉଛି, କେତେ ପରିମାଣରେ ଖାଦ୍ୟ ଦେଲେ ବାଘ ସୁସ୍ଥ ରହିବ, ସେ ବାହାରେ ବୁଲି ଶିକାର କରୁଥିଲା। ଯନ୍ତା ଭିତରେ ରହିଥିବାରୁ ଆକ୍ରମଣାତ୍ମକ ଭଳି ଆଚରଣ କରୁଛି କି ଏ ସବୁର ଅନୁଧ୍ୟାନ କରିଥିଲେ। ପରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟଠାରେ ସମ୍ବଲପୁର ଟିମ୍ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ, ପ୍ରାଣୀ ସମ୍ପଦ ବିଭାଗ ଉପନିର୍ଦ୍ଦେଶକ ଡା. କେ. ପାର୍ଥ ସାରଥି ଦୋରା, ସଦର ବନ ବିଭାଗ ରେଞ୍ଜର ଅଶୋକ କୁମାର ମାଝିଙ୍କ ସହ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ମେ ୨୬ରେ ଖରିଆର ରୋଡ ରେଞ୍ଜ ଅଧୀନ ହଳଦି ଗାଁ ଦେବକୀ ପାଣ୍ଡେଙ୍କ ୩ ବର୍ଷର ଶିଶୁପୁତ୍ର ଛଗନ ଲାଲଙ୍କୁ ମା' କୋଳରୁ ଟେକି ନେଇ ବାଘ ଖାଇଥିଲା। ୨୦୧୭ ଜୁନ ୧୦ରେ ଆଇ ଧନବାଇ ପାଣ୍ଡେ ସହିତ ନାତୁଣୀ ଚନ୍ଦ୍ରିକା (୧୩) ଶୋଇଥିବା ସମୟରେ ବାଘ ଆସି ଚନ୍ଦ୍ରିକାଙ୍କୁ ଲହୁଲୁହାଣ କରିଥିଲା। ସେହିପରି ଗତ ୪ ତାରିଖ ବିଳମ୍ବିତ ରାତ୍ରିରେ ଧରିଥିବା ବାଘ ନନ୍ଦନକାନନ ନେଇ ଛାଡ଼ିବେ କି ବୋଲି ସମ୍ବଲପୁରରୁ ଆସିଥିବା ଟିମଙ୍କୁ ପଚାରିବାରୁ ଆମେ ଏହି ସବୁ ରିପୋର୍ଟ ହୀରାକୁଦ ଡିଭିଜନ ଡିଏଫଓଙ୍କୁ ଦେବୁ, ସେ ପିସିସିଏଫ୍ ଭୁବନେଶ୍ୱରଙ୍କୁ ପଠାଇବେ ବୋଲି କହିଥିଲେ।


## TENDER CALL NOTICE SUPPLY OF FOOD & CATERING AND INSTALLATION OF TENTAGE

2 Nos. of Tenders are invited by the Chief District Veterinary Officer, Subarnapur from the intending suppliers for supply different items like food & catering and installation of tentage for Matsya O Pranisampad Mela-2023. For details kindly visit website www.subarnapur.nic.in.

**Sd./- Chief District Veterinary Officer**
**Subarnapur**

## IN THE DEBTS RECOVERY TRIBUNAL AT CUTTACK

**C-71, Sector-7, CDA, Cuttack-753014 (Odisha)**
**O.A. No. 635 of 2019**

**Utkal Grameen Bank,**
**Stressed Assets Recovery Branch, Sambalpur ...Applicant**
**-Versus-**
**Prabhas Mahendra @ Prabhas Kumar Patel & Another ...Defendants**
**To,**
**Defendant No. 1: Prabhas Mahendra Patel,** S/o: Late Mahendra Kumar Patel;
**Defendant No. 2: Sanju Patel,** W/o: Late Mahendra Kumar Patel;
Both are At: New Colony, Dengibhadi Road, Mission Chowk Main Road, Sundargarh, P.O/P.S/Dist.: Sundargarh, PIN-770001.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹72,45,160.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **20th day of December, 2023 at 10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **1st day of November, 2023.**

**Sd/- (Nikhila Ranjan Pati)**
**Registrar**
**Debts Recovery Tribunal, Cuttack**

## DIRECTORATE OF MEDICAL EDUCATION & TRAINING, ODISHA

**NOTICE FOR RENEWAL OF NOC/CHANGE OF NAME/CHANGE OF ADDRESS/ENHANCEMENT OF SEATS FOR THE ACADEMIC SESSION: 2024-25**

**Notice No. 5553** **Dt.04.11.2023**

No. E-530: Online applications are invited from Institutions who desire to apply for Renewal of NOC, Change of Name, Change of Address, Enhancement of seats for the academic session 2024-25 for different courses like Nursing, Pharmacy, Occupational Therapy & Physiotherapy, DMLT & DMRT and Allied Medical Science may apply in the website of DMET (O) i.e. **dmetodisha.gov.in**.
Last date of receipt of application is 30.11.2023
No manual application will be entertained.
No application will be entertained after last date.

**OIPR-10016/11/0012/2324** **Sd./- DMET, Odisha**

## Expression of Interest

**No.PP-52:"Expression of Interest"** in sealed cover is hereby invited from organisations for the following activities of upcoming **18th Toshali National Crafts Mela to be held from 15th to 26th December 2023 at Janata Maidan, Bhubaneswar.**

**1. Operating Play Zone**
**2. Providing Canteen Service**
**3. Participating in the Food Court.**

For details of EOI, TOR etc please visit the website: www.sidacodisha.org.in, www.crafts.odisha.gov.in, www.odisha.gov.in/textiles. For further details please contact the office of SIDAC, Handicrafts Complex, Gandamunda, Khandagiri, Bhubaneswar. Ph: 0674-2350318. The details of EOI will be available in the website w.e.f. 07.11.2023.

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No.:91 (0)674 2350318, E-mail:sidacorissa@gmail.com, www.sidacodisha.org.in
SIDAC
**OIPR-31036/11/0022/2324**

## Government of Odisha e-Procurement Notice

**No.O-1463:** **E-Mail: rw_balliguda@yahoo.com**
**Bid Identification No.Online tender/11/SE RW BALLIGUDA/2023-24**
**NATIONAL COMPETITIVE BIDDING THROUGH e-Procurement**
Name of the Work : Road Works - 1 No.

1. Estimated Cost: Rs.58.90 lakhs (approximately)
2. Period of Completion: 4 (Four) Calendar Months
3. Date & Time of availability of Bid documents in the portal: From 09.11.2023, 10.00 AM to 17.11.2023, 5.00 P.M.
4. Last date/Time for receipt of bids in the portal: 17.11.2023 upto 5.00 PM.
5. Last date/Time for seeking of Tender clarification: 16.11.2023 upto 5.00 PM.
6. Date & Time of opening of Technical Bid: 18.11.2023 at 11.00 A.M.
7. Date & Time of opening of Financial Bid: 21.11.2023 at 11.00 A.M.
8. Name & Address of the Officer Inviting Bid: Superintending Engineer, R.W. Division, Balliguda.

Further details, corrigendum(s) etc. can be seen from the e-Procurement portal "https://www.tendersorissa.gov.in."

**Sd./- Superintending Engineer**
**Rural Works Division, Balliguda**
**OIPR-25164/11/0012/2324**

## GOVERNMENT OF ODISHA "e" Procurement Notice

**No.O-1456:**
**Bid Identification No.: Online-AGL-15 of 2023-2024**

| | | |
|---|---|---|
| 1. | Name of the Work | Road Work |
| 2. | Estimated Cost | Rs.5.73 lakhs to 19.41 Lakhs. |
| 3. | Period of Completion | 02 (Two) & 03 (Three) Calender Months. |
| 4. | Date & Time of availability of bid document in the portal | From 08.11.2023 to 15.11.2023 upto 5.00 P.M. |
| 5. | Last Date/Time for receipt of bids in the Portal | 15.11.2023 upto 5.00 P.M. |
| 6. | Name & Address of the OIT | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in.**

**Sd./- Executive Engineer**
**R.W.Division, Angul**
**OIPR-25096/11/0014/2324**

## OFFICE OF THE CHIEF ENGINEER NATIONAL HIGHWAYS, ODISHA

**Unit - 5, Keshari Nagar, Nirman Soudha, Old Building (Part - 1), Bhubaneswar - 751001**
**No. E-Misc-06/2015-10568** **Dt.: 04.11.2023**

**ADVERTISEMENT**

No. b-45: Applications are invited from interested retired Junior Assistant and above HOD/Ministerial Cadre Officer of Govt. of Odisha, who are eligible as per conditions mentioned below for engagement of 02 (Two) Nos. of Officer on Special Duty (OSD) temporarily on contractual basis against the vacant post of Junior Assistant in the Office of the Chief Engineer, NHs, Odisha, Bhubaneswar in pursuance of guidelines enshrined in GA Department Resolution No. 23750/Gen. Dt.27.08.2014 and their consolidated remuneration on engagement of retired Govt. servant issued vide Finance Department Office Memorandum No. 24533/F Dt.29.09.2022.

**ELIGIBILITY CONDITIONS:**

1. The retired officers who have retired from Govt. Service on attaining the age of superannuation and below the age of sixty-five years having good service records and are physically fit may be eligible to be considered for re-engagement.
2. The retired employees against whom departmental proceedings or criminal cases are contemplated/pending or who have been penalized for misconduct during the period of five years preceding the retirement shall not be eligible for consideration.
3. The re-employment shall be made initially for a period of 02 (two) years and can be extended for subsequent period of 02 (Two) years with spells of 01 (one) year each subject to satisfactory performance upto a total period of 04 (four) years not beyond the age of 65 (sixty five) years of age in any case or till the posts are filled up by regular process whichever is earlier.
4. The competent authority reserves the right to terminate the engagement at any time due to unsatisfactory performance by giving one month written notice. On the contrary, if any re-engaged employee desires to resign, he/she shall do so by giving one month's written notice to the competent authority.
5. The period of engagement shall not be counted as Government Service for the purpose of pension and any other retirement benefits and the engaged employees will be subject to and will abide by the provisions of Odisha Government Servants' Conduct Rules, 1957 and shall be liable to be proceeded against for their misconduct, omissions and commissions as per the provision under the Odisha Pension Rules, 1992.
6. The willing retired Junior Assistant and above fulfilling all the criteria may apply in the enclosed format along with copies of requied documents to the undersigned and application should reach the undersigned by Dtd.18.11.2023 at 5.00 P.M. by Registered Post/Speed Post.

The Competent Authority reserves the right to reject any or all applications without assigning any reason thereof.

**Sd./- Chief Engineer, NHs, Odisha**

**APPLICATION FORM FOR RE-ENGAGEMENT OF RETIRED HOD/MINISTERIAL CADRE EMPLOYEE AS OSD**

| | | | |
|---|---|---|---|
| 1 | Name | : | |
| 2 | Father's/Husband's Name | : | |
| 3 | Date of Birth | : | |
| 4 | Date of retirement (copy of reitrement order & copy of PPO order by AG (O) may be enclosed) | : | |
| 5 | Whether retired on attaining the age of superannuation or retired voluntarily. | : | |
| 6 | Educational Qualification | : | |
| 7 | Home District | : | |
| 8 | Permanent Address | : | |
| 9 | Present Address | : | |
| 10 | Telephone/Mobile No./e-mail Id | : | |
| 11 | Last post held/last pay drawn | : | |
| 12 | Pay level as per ORSP Rules, 2017 at the time of retirement | : | |
| 13 | Date of entry in to Govt. Service | : | |
| 14 | Posts held during the service period along with place of posting and tenure (Please attach tabular form in a separate sheet) | : | |
| 15 | Whether re-employed by any other Department/Organization? If "Yes", give details of re-employment. | : | |
| 16 | Whether any Criminal Case/Vigilance Inquiry/Departmental Proceedings was/were initiated or pending or contemplated against the applicant? If, "Yes", give details | : | |
| 17 | Any other relevant information | : | |

**DECLARATION**

I, ........................................................, S/o.|D/o. .......................................
......., do hereby solemnly declare that the information furnished above are true and correct to the best of my knowledge and belief. If, at any time, the information is found to be incorrect, I will liable to be disengaged from re-employment without assigning any reason thereof.

**Place:**
**Date:** **(Signature of the applicant)**
**OIPR-34166/11/0003/2324**

## GOVERNMENT OF ODISHA

**No. A-774**

**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**UPPER KOLAB HEAD WORKS DIVISION**
**AT/PO-KOLABNAGAR, DIST: KORAPUT**
**e-Procurement Notice- SE-UKHWD-08/2023-24**
**Dated 03.11.2023 (ONLINE)**

| | | |
|---|---|---|
| 1. | No. of Work | 01 (One) No. |
| 2. | Type of Work | Deployment of Security Personnel. |
| 3. | Approximate Value of Work | **Rs.28.93 Lakh** |
| 4. | Class of Contractor | Registered & licensed security agencies |
| 5. | Period of completion | 01 (One) Calendar year |
| 6. | Date & time of availability of bid documents online | **08.11.2023 at 11.00 Hours to 20.11.2023 up to 17.00 Hours** |
| 7. | Date & Place of opening of Bid online at office of the Superintending Engineer, UKHWD, Kolab Nagar | **21.11.2023** (11.00 Hours) |
| 8. | Name of the officer inviting Bids. | Superintending Engineer, UKHWD, Kolab Nagar |

**Further details can be seen in the Govt. of Odisha e-Procurement Website http://www.tendersodisha.gov.in**

**Sd./- Superintending Engineer,**
**Upper Kolab Head Works Division, Kolabnagar**
OIPR-32015/11/0009/2324

## OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK

**Letter No.2464/Dt.02.11.2023**
**GOVERNMENT OF ODISHA e-Procurement Notice**
**Bid Identification No.Online SECMID-05/2023-24**
**No.A-779:** **eemidcuttack@yahoo.co.in**

| | | |
|---|---|---|
| 1. | Name of Work | Repair of MIPs in M.I-Sub-Division Banki, Baramba & Cuttack & Renovation of Division Office Building |
| 2. | Total Number of work | 4 (Four) Nos. |
| 3. | Estimated Cost | Varies from Rs.12.67 to 28.00 lakhs. |
| 4. | Tender Paper Cost (Online) | Varies from Rs.6,000/- |
| 5. | Bid Security (Online) | As per DTCN |
| 6. | Period of Completion | As per DTCN |
| 7. | Availability of Bid document | From 10.11.2023, 10.00 A.M. to 22.11.2023, 5.00 PM in website (www.tendersorissa.gov.in) |
| 8. | Last date & time of receipt of | 22.11.2023 at 5.00 PM through online bid through online. |
| 9. | Date of Opening of Bid Documents | 23.11.2023 at 11.00 A.M. in the office of the SE, M.I. Division, Cuttack |
| 10. | Date of Lottrey, if required | 02.12.2023 at 11.00 AM in the Office of the SE, M.I. Division Cuttack |
| 11. | Name and address of the OIT | Superintending Engineer, M.I. Division, Cuttack P.O.- Nayabazar, Cuttack Phone: 0671-2443622 PINCODE: 753004 |

Further details can be seen from the Government of Odisha weblite www.tendersorissa.gov.in.

**OIPR-32121/11/0006/2324** **Sd./- Superintending Engineer, M.I. Division, Cuttack**

## ବିଜ୍ଞପ୍ତି



No.g-104:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏହି ଶିଶୁ କନ୍ୟା **ଶ୍ରଦ୍ଧା ନାୟକ**କୁ ବୟସ ପ୍ରାୟ ୩ ବର୍ଷ, ଗତ ତା୦୫।୦୩।୨୦୨୩ରିଖରେ ଜନୈକ ଭଦ୍ର ମହିଳା ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ ଛାଡ଼ିଥିଲେ । ଉକ୍ତ ଶିଶୁ କନ୍ୟା **ଶ୍ରଦ୍ଧା ନାୟକଙ୍କ** ମାଆ ବୀଣାପାଣି ନାୟକ ଗତ କିଛିଦିନ ତଳେ କାହାକୁ କିଛି ନ ଜଣାଇ, ଶିଶୁ କନ୍ୟାଟିକୁ ତାଙ୍କ ପାଖରେ ଛାଡ଼ି କୁଆଡ଼େ ପଳାଇ ଯାଇଥିଲେ ଓ ଅନ୍ୟତ୍ର ବିବାହ କରିଛନ୍ତି ବୋଲି ଉକ୍ତ ଭଦ୍ର ମହିଳା ଜଣାଇଛନ୍ତି । ତାଙ୍କର କୌଣସି ପତ୍ତା ମିଳୁନାହିଁ । ବର୍ତ୍ତମାନ ଜିଲ୍ଲା ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ.-୫୪/୨୦୨୩ ଅନୁଯାୟୀ ଶ୍ରଦ୍ଧା ନାୟକଙ୍କୁ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରଖାଯାଇଅଛି । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ସମୟ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ ନଂ.- ୦୬୭୧- ୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ଙ୍କୁ ଯୋଗାଯୋଗ କରନ୍ତୁ । ଏହି ସମୟ ଅତିକ୍ରାନ୍ତ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଥଇଥାନ କରାଯିବ ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ**
**କଟକ**
OIPR-33038/11/0013/2324

## ବିଜ୍ଞପ୍ତି



No.g-106:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏହି ଶିଶୁ କନ୍ୟାର ନାମ **ବୁଧେଇ (ବାଘ)** । ଶ୍ରୀମତୀ ଲକ୍ଷ୍ମୀ ରାଓ ନାମ୍ନୀ ଜନୈକ ଭଦ୍ର ମହିଳାଙ୍କ ଦ୍ୱାରା ଆସି ଏହି ଶିଶୁକନ୍ୟାଟି ଜିଲ୍ଲା ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ.-୧୫୦୨/୨୦୧୪ ଅନୁଯାୟୀ ବସୁନ୍ଧରାର ଶିଶୁ ଗୃହରେ ରହୁଛି । ଲିଖିତ ସୂଚନା ମୁତାବକ ଛାଡ଼ିଥିବା ମହିଳାଙ୍କ ଠିକଣାରେ ଖୋଜା ଖୋଜି କରି ମଧ୍ୟ ତାଙ୍କର କୌଣସି ପତ୍ତା ବା ଠିକଣା ମିଳୁନାହିଁ କି ଆଜି ପର୍ଯ୍ୟନ୍ତ ସେ ମହିଳା କିମ୍ବା କୌଣସି ବ୍ୟକ୍ତିବିଶେଷ ଏହି ଶିଶୁ କନ୍ୟାଟିକୁ ଦେଖା ସାକ୍ଷାତ କରିବାକୁ ଆସିନାହାନ୍ତି । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ ନଂ.- ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଥଇଥାନ କରାଯିବ ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ**
**କଟକ**
OIPR-33038/11/0015/2324

# ମୁମ୍ବାଇ ରୋଡ୍ ଶୋ'ରୁ ୩୦,୨୦୦ କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା)




ମୁମ୍ବାଇ ରୋଡ୍ ଶୋ'ରେ ଉତ୍ତରାଖଣ୍ଡ ସରକାର ଓ ବିଭିନ୍ନ ଶିଳ୍ପାନୁଷ୍ଠାନ ମଧ୍ୟରେ ୩୦ହଜାର ୨ଶହ କୋଟି ଟଙ୍କାର ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଥିମପାର୍କ ଇମାଜିକା, ଆମ୍ରନ୍ତନ ରେସୋର୍ଟ, ଏସିଏମଇ, ଡାଟା ସେଣ୍ଟର କ୍ରଣ୍ଟ୍ରୋଲ, ଏନସିଓର୍ ରିନ୍ୟୁଏବଲ୍ ଏନର୍ଜି ଭଳି ଅନୁଷ୍ଠାନ ସହ ଚୁକ୍ତି ହୋଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଜେଏସଡବ୍ଲ୍ୟୁ ସ୍ପୋର୍ଟସ୍, ଗୋଦରେଜ୍ କେମିକାଲ୍ସ, ଇଷ୍ଟର ଫୁଡ୍ ଏବଂ ଭି ଅର୍ଜୁନ ଲଜିଷ୍ଟିକ୍ ପାର୍କ ଆଦିର ପ୍ରତିନିଧିଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉ କି, ଉତ୍ତରଖଣ୍ଡ ସରକାର ଏପର୍ଯ୍ୟନ୍ତ ୪ଟି ଅନ୍ତର୍ଜାତୀୟ ସ୍ତରର ରୋଡଶୋ'ରେ ପୁଞ୍ଜି ନିବେଶକଙ୍କ ସହ ଆଲୋଚନା କରିଛନ୍ତି। ଲଣ୍ଡନ, ବିରମିନଘାମ୍, ଆବୁଧାବୀ, ଦୁବାଇରେ ଅନ୍ତର୍ଜାତୀୟ ରୋଡ୍ ଶୋ' ଆୟୋଜିତ ହୋଇଥିବାବେଳେ ଦେଶ ମଧ୍ୟରେ ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ, ଅହମଦାବାଦ, ଏବଂ ମୁମ୍ବାଇରେ ଏପରି ରୋଡ୍ ଶୋ' କରାଯାଇଛି। ସେପ୍ଟେମ୍ବର ୧୪ ଓ ଅକ୍ଟୋବର ୪ରେ ଧାମୀ ସରକାର ୨୬ ହଜାର ୫୭୫ କୋଟିର ପୁଞ୍ଜି ନିବେଶ ନେଇ ଦିଲ୍ଲୀରେ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ସେହିପରି ସେପ୍ଟେମ୍ବର ୨୬ ଓ ୨୭ ତାରିଖରେ ବ୍ରିଟେନରେ୧୨ ହଜାର ୫ଶହ କୋଟି, ଅକ୍ଟୋବର ୧୭ ଓ ୧୮ ତାରିଖରେ ୟୁଏଇ ଠାରେ ୧୫ ହଜାର ୪୭୫ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୨୬ ଅକ୍ଟୋବରରେ ଚେନ୍ନାଇରେ ୧୦ ହଜାର ୧୫୦କୋଟି, ୨୮ ତାରିଖରେ ବେଙ୍ଗାଲୁରୁଠାର ୪ହଜାର ୬୦୦ କୋଟି ଓ ନଭେମ୍ବର ୧ ତାରିଖରେ ଅହମ୍ମଦାବାଦଠାରେ ୨୪ହଜାର କୋଟି ଟଙ୍କାର ଚୁକ୍ତି କରାଯାଇଛି। ପର୍ଯ୍ୟଟନ, ଫୁଡ୍ ପ୍ରୋସେସିଂ, ଫାର୍ମା, ରିଅଲ୍-ଇଷ୍ଟେଟ୍ ଇନଫ୍ରା, ଆୟୁଷ ୱେଲନେସ୍, ଅଟୋମୋବାଇଲ୍ ଆଦି କ୍ଷେତ୍ରରେ ଏହି ଚୁକ୍ତିନାମା ହୋଇଛି। ତେବେ ମୁମ୍ବାଇରେ ଆୟୋଜିତ ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀ ଧାମୀଙ୍କ ସମେତ ଅନେକ ପୁଞ୍ଜି ନିବେଶକ ସାମିଲ ହୋଇଥିଲେ।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର, ୬।୧୧

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୯୪.୯୧ ପଏଣ୍ଟ ବଢି ୬୪,୯୫୮.୬୯ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୧.୧୫ ପଏଣ୍ଟ ବୃଦ୍ଧିଘଟି ୧୯,୪୧୧.୭୫ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା।

## ମାଲାବାରର ସ୍ୱତନ୍ତ୍ର ଦୀପାବଳି ଅଫର୍

ଭୁବନେଶ୍ୱର,୬।୧୧

ଦେଶର ଅନ୍ୟତମ ଅଗ୍ରଣୀ ଅଳଙ୍କାର ରିଟେଲ୍ କମ୍ପାନି ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଚଳିତ ବର୍ଷର ଦୀପାବଳି ଉପଲକ୍ଷେ ସ୍ୱତନ୍ତ୍ର ଦିପାବଳି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ସୁନା, ହୀରା, ପୋଲକୀ, ଆଣ୍ଟିକ୍ ସମେତ ରୂପାର ସ୍ୱତନ୍ତ୍ର ଡିଜାଇନର ଅଳଙ୍କାର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଥିବା ବେଳେ ପ୍ରତି ୩୦,୦୦୦ ଟଙ୍କାର ସୁନା ଅଳଙ୍କାର କ୍ରୟ ଉପରେ ୧୦୦ମିଲିଗ୍ରାମର ଗୋଲ୍ଡ କଏନ୍ ଉପହାର ଭାବେ ପ୍ରଦାନ କରାଯାଉଛି । ସେହିଭଳି ହୀରା ଗହଣା ଉପରେ ୩୦% ପର୍ଯ୍ୟନ୍ତ ରିହାତି ଦିଆଯାଉଥିବା ବେଳେ ପୋଲକି ଅଳଙ୍କାର ଗଢ଼ା ମଜୁରି (ମେକିଂ ଚାର୍ଜସ୍) ଉପରେ ୩୦% ପର୍ଯ୍ୟନ୍ତ ରିହାତି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସେହିପରି ଅଳଙ୍କାର ବଦଳ ସହ ନୂଆ ଗହଣା କ୍ରୟ ଉପରେ ବିଭିନ୍ନ ଅଫର ରହିଛି। ସୂଚନାଥାଉକି, ଏହି ଗ୍ରୁପର ୧୧ଟି ଦେଶରେ ୩୩୬ଟି ଷ୍ଟୋର ରହିଛି। ପ୍ରତିବର୍ଷ ହେଉଥିବା ଲାଭାଂଶର ୫ ପ୍ରତିଶତ ବିଭିନ୍ନ ସିଏସଆର କାର୍ଯ୍ୟରେ ବିନିଯୋଗ କରାଯାଇଥାଏ। ଉଲ୍ଲେଖଯୋଗ୍ୟ ପାର୍ବଣ କରାବାର ସମୟରେ ଷ୍ଟୋରର ଅଫର ସମ୍ପର୍କିତ ସର୍ତ୍ତାବଳୀର ଅନୁପାଳନ ଗ୍ରାହକମାନଙ୍କୁ କରିବାକୁ ପଡ଼ିବ।

## ସ୍ମାର୍ଟ ବଜାରର ବେଷ୍ଟିଭାଲ ଫ୍ୟାଶନ୍ ଶୋ'

ଭୁବନେଶ୍ୱର,୬।୧୧

ସ୍ମାର୍ଟ ବଜାର ଇଣ୍ଡିଆର ବହୁ ପ୍ରତିକ୍ଷୀତ ଦିୱାଲି ଆପେରାଲ୍ କଲେକ୍ସନ୍ର ଶୁଭାରମ୍ଭ ସହ ପ୍ରଥମ ଥର ପାଇଁ ବେଷ୍ଟିଭାଲ ଫ୍ୟାଶନ୍ ଶୋ' ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଚଳିତ ପାର୍ବଣ ଓ ଦିପାବଳି ଅବସରରେ ସ୍ୱତନ୍ତ୍ର କିଣାକିଣି ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ ପାଇଁ ସ୍ମାର୍ଟ ବଜାର ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀ (ଫ୍ୟାଶନ୍ ଶୋ')ରେ ମଡେଲ୍ ଶ୍ରଦ୍ଧା ଆରିୟା ଶୋ ଷ୍ଟପର ଥିବା ବେଳେ ଗ୍ରାହକମାନେ ଫ୍ୟାଶନ ଶୋ' ର୍ୟାମ୍ପ ୱାକ୍ କରିବାର ସୁଯୋଗ ପାଇବେ ବୋଲି ସ୍ମାର୍ଟ ବଜାର ପକ୍ଷରୁ କୁହାଯାଇଛି। ସେହିଭଳି ଦିପାବଳି ଅବସରରେ ମହିଳା, ପୁରୁଷ ଓ ଶିଶୁଙ୍କ ପୋଷାକରେ ବିଭିନ୍ନ ଅଫର୍ ଦିଆଯାଉଥିବା ବେଳେ ୧୪୯ ଟଙ୍କାରୁ ଆରମ୍ଭ ହୋଇ ଭିନ୍ନ ଭିନ୍ନ ଦାମରେ ଆକର୍ଷଣୀୟ ପୋଷାକ ଗ୍ରାହକ ପାଇପାରିବେ ବୋଲି ସ୍ମାର୍ଟ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ପୁରୁଷଙ୍କ ପାଇଁ ବ୍ୟାପକ ସମ୍ଭାର ସହିତ ସିକ୍ୱେନ୍ସ ୱାର୍କ କୁର୍ତ୍ତା, ହ୍ୟାଣ୍ଡ ପ୍ରିଣ୍ଟ କୁର୍ତ୍ତା ଡେନିମ, ଜ୍ୟାକେଟ୍, ଶାର୍ଟ, ଟି-ଶାର୍ଟ, ଜଗର୍ସ ଟ୍ରାଉଜର ସହ ସ୍ୱେଟ୍ ଶାର୍ଟ, ସ୍ୱେଟର, ପଫର୍ ଜ୍ୟାକେଟ୍ ଆଦି ରହିଛି। ସେହିପରି ମହିଳାଙ୍କ ପାଇଁ କୁର୍ତ୍ତି, ସାଲୱାର୍, ଦୁପଟ୍ଟା, ଟି-ଶାର୍ଟ, ଟପ୍ସ, ସ୍କର୍ଟ, ଜମ୍ପସୁଟ୍, ଡେନିମ୍ ସହ ସ୍ୱତନ୍ତ୍ର ଶୀତବସ୍ତ୍ର ରହିଥିବା ବେଳେ ପିଲାଙ୍କ ପାଇଁ ଲେହେଙ୍ଗା, କୁର୍ତ୍ତା ପାଇଜାମା, ଟି-ଶାର୍ଟ, ଶାର୍ଟ, ଡେନିମ୍ ଭଳି ଭଳିକି ଭଳି ପୋଷାକ ଉପଲବ୍ଧ ରହିଛି।

## ଟିପିସିଓଡିଏଲ୍ ପକ୍ଷରୁ 'କ୍ୱାଲିଟି ମନ୍ଥ'ର ଶୁଭାରମ୍ଭ

ଭୁବନେଶ୍ୱର,୬।୧୧




ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ଅଭିନବ/ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କ୍ୱାଲିଟି ମନ୍ଥ-୨୦୨୩'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସମସ୍ତ ଟିପିସିଓଡିଏଲ୍ କର୍ମଚାରୀଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ କରିବା ଲାଗି ଏଭଳି ଏକ କାର୍ଯ୍ୟକ୍ରମକୁ ଉଭୟ ଭର୍ଚୁଆଲ୍ ଓ ପ୍ରତ୍ୟକ୍ଷ ଉପାଦାନ ସହ ହାଇବ୍ରିଡ୍ ମୋଡ୍ରେ ମଧ୍ୟ ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'କ୍ୱାଲିଟି-ନିଜର ପ୍ରତିଯୋଗିତାମୂଳକ ସମ୍ଭାବନାକୁ ସାକାର କରିବା'। ଏହା ଚାର୍ଟାର୍ଡ କ୍ୱାଲିଟି ଇନ୍ଷ୍ଟିଚ୍ୟୁଟ୍ (ସିକ୍ୟୁଆଇ)ର ଅଭିଯାନ ବିଶ୍ୱ କ୍ୱାଲିଟି ଦିବସର ଭାବ ଅନୁସାରେ ରହିଛି, ଯାହା କ୍ୱାଲିଟି ପ୍ରଫେସନାଲମାନଙ୍କ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରୁଛି।

ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିପିସିଓଡିଏଲର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମ ଟିପିସିଓଡିଏଲ୍ର କ୍ୱାଲିଟି ଅଭିଯାନର ଉଲ୍ଲେଖନୀୟ ସମ୍ଭାବନାକୁ ପ୍ରତିଫଳନ କରିବାର ଏକ ମଞ୍ଚ ପ୍ରଦାନ କରିଥିଲା। ଏଥିରେ ଦକ୍ଷତା ବିକାଶ ଓ ଅଭିନବ କର୍ମକ୍ଷେତ୍ର ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ୱାଲିଟି ମନ୍ଥ- ୨୦୨୨ର ଉଲ୍ଲେଖନୀୟ ସଫଳତାର ଭାବପୂର୍ଣ୍ଣ ପ୍ରତିଫଳନ ଚଳିତ ସମାରୋହରେ ଦେଖିବାକୁ ମିଳିଥିଲା ଏବଂ ଏହି ଅବସରରେ କମ୍ପାନିର ସିଇଓ ଏବଂ ବରିଷ୍ଠ ଅଧିକାରୀଙ୍କ ଟିମ୍ର ସମସ୍ତ ସଦସ୍ୟ କ୍ୱାଲିଟି ମନ୍ଥର ଗୁରୁତ୍ୱ ସମ୍ପର୍କରେ ଅଭିଜ୍ଞତା ଓ ଦୃଷ୍ଟିକୋଣ ବର୍ଣ୍ଣନା କରିଥିଲେ। ପରିଶେଷରେ ସିଇଓଙ୍କ ଦ୍ୱାରା ଟିପିସିଓଡିଏଲ୍ର ନ୍ୟୁଜ୍ଲେଟର 'ଆଲୋକର ପଥେ' ଉନ୍ମୋଚିତ ହୋଇଥିଲା। ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗୁଣାତ୍ମକ ମାନରେ ଉନ୍ନତି ନୀତି ଓ ପଦ୍ଧତି ଜରିଆରେ ନିଜ ଭିତରର ଦୃଢ଼ତାକୁ ଜାଗ୍ରତ କରିବା ଏବଂ ଉତ୍କର୍ଷ ହାସଲ କରିବା ପାଇଁ ଆମର ରହିଥିବା ଅତୁଟ ପ୍ରତିବଦ୍ଧତାକୁ କ୍ୱାଲିଟି ମନ୍ଥ ପ୍ରତିଫଳିତ କରୁଛି, ଏହା ହେଉଛି ଆତ୍ମସନ୍ଧାନ ଓ ନବସୃଜନ ଆଡ଼କୁ ଏକ ସାମଗ୍ରିକ ଯାତ୍ରା, ଯେଉଁଥିରେ ଗ୍ରାହକ ଓ ଅଂଶୀଦାରଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ଆମେ ଆମର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରୁଛୁ।

## ୟୁକୋ ବ୍ୟାଙ୍କର ୨ୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୬।୧୧


ଅଶ୍ୱନୀ କୁମାର

ୟୁକୋ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୋର୍ଡ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ପ୍ରଥମ ୬ମାସର ଆର୍ଥିକ ଫଳାଫଳ ଆଦି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ମୋଟ ୪୦୨କୋଟି ଟଙ୍କାର ନେଟ ଲାଭ କରିଥିବାବେଳେ ୨୦୨୩-୨୪ଆର୍ଥିକ ବର୍ଷର ପ୍ରଥମ ୬ମାସରେ ମୋଟ ୬୨୫ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି,ଏଥି ସହିତ ବ୍ୟାଙ୍କ ପ୍ରମୁଖ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିଭଳି ବ୍ୟାଙ୍କର ଅଣକାର୍ଯ୍ୟକାରୀ ସମ୍ପତ୍ତି ହ୍ରାସ ପାଇ ୨୦୨୩ ସେପ୍ଟେମ୍ବର ସୁଦ୍ଧା ୧.୧୧%ରେ ପହଞ୍ଚିଛି। ଏପରିକି ବ୍ୟାଙ୍କର ମୋଟ୍ ଗ୍ଲୋବାଲ ବ୍ୟବସାୟ ୪,୧୭,୧୪୫ କୋଟି ଟଙ୍କା ହୋଇଥିବା ବେଳେ ବ୍ୟାଙ୍କର ଅଗ୍ରିମ ପରିମାଣରେ ମଧ୍ୟ ବୃଦ୍ଧି ଘଟିଛି,ବିଶେଷ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୧୭.୯୯% ଅଭିବୃଦ୍ଧି ହାର ହାସଲ ସହ ମୋଟ ୧,୬୭,୭୩୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପରିଚାଳନା ଲାଭ କ୍ଷେତ୍ରରେ ମଧ୍ୟ ବ୍ୟାଙ୍କ ଦ୍ୱିତୀୟ ତ୍ରୈମାସରେ ମୋଟ ୯୮୨କୋଟି ଟଙ୍କାର ପରିଚାଳନା ଲାଭ ସଂଗ୍ରହ କରି ୧୮.୩୪% ଏବଂ ପ୍ରଥମ ୬ମାସରେ ୨,୧୮୪କୋଟି ଟଙ୍କାର ପରିଚାଳନା ଲାଭ ସଂଗ୍ରହ କରି ୩୪.୦୩ %ର ଅଭିବୃଦ୍ଧି ହାର ହାସଲ କରିଥିଲାବେଳେ ରିଟେଲ ୧୭.୦୯%, କୃଷି ୧୪.୩୨% ଏବଂ ଏମ୍ଏସ୍ଏମ୍ଇ ଅଗ୍ରିମ କ୍ଷେତ୍ରରେ ବ୍ୟାଙ୍କ ୨୦.୮୩% ଅଭିବୃଦ୍ଧି ହାର ହାସଲ କରିଥିବା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଅନ୍ୟାନ୍ୟ ଖବର

## ମୋଦି ପ୍ରଚାରରେ ଆସିବା ପୂର୍ବରୁ ଇଡି, ସିବିଆଇକୁ ପଠାଉଛନ୍ତି: ଖାର୍ଗେ

ଯୋଧପୁର,୬।୧୧


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ରାଜସ୍ଥାନର ଯୋଧପୁରଠାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କଲାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଆଇ ଏବଂ ଆୟକର ବିଭାଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯବାନ ବୋଲି କହିଛନ୍ତି। ମୋଦି ନିର୍ବାଚନ ପ୍ରଚାରରେ ଆସିବା ପୂର୍ବରୁ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ଉପରୋକ୍ତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏବେ ଗରିବଙ୍କ କଥା ଚିନ୍ତା କରୁଛନ୍ତି। ମାଗଣା ରାଶନ ଯୋଜନାକୁ ପ୍ରଧାନମନ୍ତ୍ରୀ ଆଉ ୫ ବର୍ଷ ବଢ଼ାଇଥିବାରୁ ଖାର୍ଗେ ଏହା କହିଛନ୍ତି। ତେବେ ଏହି ସରକାର ସବୁବେଳେ ଗରିବଙ୍କୁ ଅସୁବିଧାରେ ପକାଇ ଆଦାନୀଙ୍କ ଭଳି ବନ୍ଧୁ ଶିଳ୍ପପତିମାନଙ୍କୁ ସହାୟତା କରିଆସିଛନ୍ତି। ମୋଦି ଗରିବଙ୍କ ଭୋଟ ନେଇ ଧନୀଙ୍କୁ ସହାୟତା କରୁଛନ୍ତି। ତାଙ୍କ ଶାସନ କାଳରେ ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ତଳିତଳାନ୍ତ ହୋଇଯାଉଛନ୍ତି। ଆସନ୍ତା ୨୫ ତାରିଖରେ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଲୋକମାନେ କଂଗ୍ରେସ ସହ ରହଛନ୍ତି ଓ ଏହି ଦଳ କ୍ଷମତା ବଜାୟ ରଖିବ ବୋଲି ଖାର୍ଗେ କହିଛନ୍ତି।

## ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କଲେ ଗେହଲଟ୍

ଜୟପୁର,୬।୧୧

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସର୍ଦ୍ଦାରପୁରା କଂଗ୍ରେସର ଗଡ଼ ଭାବେ ପରିଚିତ। ଗେହଲଟ୍ ୧୯୯୮ରୁ କ୍ରମାଗତ ଭାବେ ଉକ୍ତ ଆସନରୁ ଜିତିଆସୁଛନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ ସେ ୬୩ ପ୍ରତିଶତ ଭୋଟ ପାଇଥିଲେ। ସୋମବାର ନାମାଙ୍କନପତ୍ର ଭରିବା ବେଳେ ଗେହଲଟ୍ଙ୍କ ସହ ତାଙ୍କ ସ୍ତ୍ରୀ ସୁନୀତା ଗେହଲଟ୍ ଓ ପୁଅ ବୈଭବ ଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ଭଉଣୀଙ୍କ ଆଶୀର୍ବାଦ ନେଇଥିଲେ।

## ୨୦୨୩ ଅଷ୍ଟ୍ରେଲିଆ, ଭାରତ ପାଇଁ ଐତିହାସିକ ବର୍ଷ: ଧର୍ମେନ୍ଦ୍ର

### ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର।

ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ ପ୍ରଥମ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ କୌଶଳ ପରିଷଦ ବୈଠକ(ଏଆଇଇଏସ୍ସି)ରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ 'ଅଧିକ ସହଯୋଗ, ଅଧିକଭାଗୀଦାରିଏବଂଅଧିକମୋବିଲିଟି' ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିହ ଉଭୟେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକ ସମୀକ୍ଷା କରିଥିଲେ। ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ୨୦୨୩ ଅଷ୍ଟ୍ରେଲିଆ ଏବଂ ଭାରତ ପାଇଁ ଏକ ଐତିହାସିକ ବର୍ଷ। ପ୍ରଥମ ଥର ପାଇଁ ଶିକ୍ଷା ଓ ଦକ୍ଷତାକୁ ସମାନ ଆନୁଷ୍ଠାନିକ ମଞ୍ଚ ଅଧୀନରେ ଅଣାଯାଇଛି। ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ, ଭାଗୀଦାରି ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଦିଗରେ ବୈଠକ ଫଳପ୍ରଦ ହୋଇଛି। କୃଷି, ଜଳ ପରିଚାଳନା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱାସ୍ଥ୍ୟସେବା, ଏଆଇ, ଅକ୍ଷୟ ଉର୍ଜା ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ଅଧିକ ଗବେଷଣାଭିତ୍ତିକ ସହଯୋଗକୁ ସୁଗମ କରିବା ପାଇଁ ଅଷ୍ଟ୍ରେଲିଆ ଏବଂ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଜି ୫ଟି ବୁଝାମଣା ପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍ଓୟୁ ଦ୍ୱାରା ଅତ୍ୟାଧୁନିକ ଶିକ୍ଷା, ଗବେଷଣା ଓ ଇନୋଭେଶନ, ଛାତ୍ରୀଛାତ୍ର ଓ ଅଧ୍ୟାପକ ବିନିମୟ ସହ ଅଧିକ ଦୈତ ଡିଗ୍ରୀ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

## ଦାବି ପୂରଣ ନ ହେଲେ ନବୀନ ନିବାସ ଘେରିବୁ: ଛାତ୍ର କଂଗ୍ରେସ


ଦାବିପତ୍ର ଦେବାକୁ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ପୋଲିସ୍ କମିଶନରଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କର୍ମୀମାନେ ପାୱାରହାଉସ ଛକ ରେଞ୍ଜରୋଭର ଦୁର୍ଘଟଣା ମାମଲାରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ଏହି ଦାବି ନେଇ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ କମିଶନରେଟ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ଶେଷରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଭୁବନେଶ୍ୱର ପୋଲିସ କମିଶନରଙ୍କୁ ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ ଆହୁରି ଦାବି କରିଛି ଯେ, ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଯଦି ସେ ଗାଡ଼ି ଚଳାଇଥିବେ ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦୁର୍ଘଟଣାରେ ମୃତ ଲୋପାମୁଦ୍ରା ସାହୁଙ୍କ ପରିବାରକୁ କୋଟିଏ, ଗୁରୁତର ଆହତ ହୋଇଥିବା କାହ୍ନୁ ଚରଣ ସାହୁଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଯଦି ୭୨ ଘଣ୍ଟା ଭିତରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରା ନ ଯିବ ତେବେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ୟାସିର ଚେତାବନୀ ଦେଇଛନ୍ତି।

ଏଥିସହ ସେ କହିଛନ୍ତି, କମିଶନରେଟ ପୋଲିସ କାର୍ଯ୍ୟାଳୟର ୫୦ ମିଟର ଦୂରରେ ପାୱାର ହାଉସ ଛକଠାରେ ରେଞ୍ଜରୋଭର ଓ ବାଇକ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରକୃତ ଦୋଷୀକୁ ପୋଲିସ ଖସାଇ ଦେଇଥିବା ଅଭିଯୋଗ ହୋଇଛି। କିଛି ଦେଖଣାହାରୀ କହୁଛନ୍ତି, ସେହି ରେଞ୍ଜ ରୋଭର ଗାଡ଼ିରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ଥିଲେ। ତେଣୁ ଚାପର ବଶବର୍ତ୍ତୀ ହୋଇ ବିଶାଳ ଦାସଙ୍କୁ ତଦନ୍ତ ପରିସରକୁ ଅଣାଯାଉ ନାହିଁ। ସିସିଟିଭି କ୍ୟାମେରାରେ ଘଟଣାର ସମସ୍ତ ଫୁଟେଜ ନିଶ୍ଚିତ ସଂରକ୍ଷିତ ଥିବ। ପୋଲିସ କମିଶନର ଏହି ଦୁର୍ଘଟଣାର ଫୁଟେଜକୁ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ହେଲେ କାହିଁକି ପୋଲିସ ସିସିଟିଭି ଫୁଟେଜ ସାର୍ବଜନୀନ କରୁନି ଏବଂ ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହିଁ ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ୟାସିର କହିଛନ୍ତି।

## ତଥ୍ୟ ଅନୁଧାନ କମିଟି ଗଠନ କଲା କଂଗ୍ରେସ

### ରଣପୁର ଚାଷୀ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଓସ୍ତପଡ଼ା ଗ୍ରାମର ଚାଷୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାର ଅନୁଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପିସିସି ଉପସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ତଥ୍ୟ ଅନୁଧାନ କମିଟି ଗଠନ କରାଯାଇଛି। ଏହି କମିଟିରେ ସଦସ୍ୟ ଭାବେ ଅମିୟ ପଟ୍ଟନାୟକ, ରଣଜିତ ଦାଶ, ସତ୍ୟବ୍ରତ ନାୟକ, ଧ୍ରୁବଚରଣ ପରିଡ଼ା, ସସ୍ମିତା ଦାସ, ମନୋଜ ସାହୁ ଓ ହୁସେନ ଖାଁ ରହିଛନ୍ତି। ଏହି କମିଟି ମଙ୍ଗଳବାର ଘଟଣାସ୍ଥଳକୁ ଗସ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ଘଟଣାର ଅନୁଧାନ କରିବେ। ଏହାସହ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

## ଭାଜପାର ୩୬ ସାଙ୍ଗଠନିକ ଜିଲା ସଭାପତି

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ୩୬ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ତେବେ ଏହି ଜିଲା ସଭାପତି ଚୟନ ଲାଗି ଦୀର୍ଘଦିନ ବିଳମ୍ବ ହେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ଏହି ନୂଆ ଜିଲା ସଭାପତି ହୋଇଥିବା ନେତାମାନେ କିଭଳି ସଙ୍ଗଠନ ସଜାଡିବେ ତାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି।

ତେବେ ଦଳ ପକ୍ଷରୁ ଅନୁଗୋଳ ପାଇଁ ଦିଲେଶ୍ୱର ପ୍ରଧାନ, ବାଲେଶ୍ୱରରେ ଉମାକାନ୍ତ ମହାପାତ୍ର, ବରଗଡ଼ରେ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଦ୍ରକରେ ହେମନ୍ତ ପାଢ଼ୀ, ଭୁବନେଶ୍ୱରରେ ବାବୁ ସିଂ, ବଲାଙ୍ଗୀରରେ ଶିବାଜୀ ମହାନ୍ତି, ବୌଦ୍ଧରେ ବିପ୍ର ଚରଣ ମହାନ୍ତି, କଟକ ନଗରରେ ଲଲାଟେନ୍ଦୁ ବଡୁଙ୍କୁ ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କଟକ ସଦରରେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଦେବଗଡ଼ରେ ଅରୁଣ କୁମାର ସାହୁ, ଢେଙ୍କାନାଳରେ ନରେଶ ମହାପାତ୍ର, ଗଜପତିରେ ବିଧାୟକ କେ. ନାରାୟଣ ରାଓ, ଗଞ୍ଜାମରେ ସୁବାସ ସାହୁ, ଘୁମୁସରରେ ଗୋକୁଳାନନ୍ଦ ମଲିକ, ଜଗତ୍ସିଂହପୁରରେ ସତ୍ୟବ୍ରତ ମହାପାତ୍ର, ଯାଜପୁରରେ ଗୌତମ ରାୟ, ଝାରସୁଗୁଡ଼ାରେ ସୁନୀଲ ପଣ୍ଡା, କଳାହାଣ୍ଡିରେ ଆର୍ତ୍ତତ୍ରାଣ ମହାପାତ୍ର, କନ୍ଧମାଳରେ ଜଗନ୍ନାଥ ସାହୁ, କେନ୍ଦ୍ରାପଡ଼ାରେ କିଶୋର ପଣ୍ଡା, କେନ୍ଦୁଝରରେ ଅଂଶୁମାନ ସବୁଜ ମହନ୍ତ ବର୍ମା, ଖୋର୍ଦ୍ଧାରେ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଜିଲା ସଭାପତି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିଭଳି କୋରାପୁଟରେ ସୁମନ୍ତ ପ୍ରଧାନ, ମାଲକାନଗିରିରେ ନିମାଇଁ ପାଲ୍, ରାଇରଙ୍ଗପୁରରେ କୃପାସିନ୍ଧୁ ମହନ୍ତ, ବାରିପଦାରେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ନବରଙ୍ଗପୁରରେ ଜଗଦୀଶ ବିଶୋଇ, ନୟାଗଡ଼ରେ ତାପସ ରଞ୍ଜନ ମାର୍ଥା, ନୂଆପଡ଼ାରେ ସୁବ୍ରତ ଠାକୁର, ପୁରୀରେ ଆଶ୍ରିତ ପଟ୍ଟନାୟକ, ରାୟଗଡ଼ାରେ ଶିବ ପଟ୍ଟନାୟକ, ସମ୍ବଲପୁରରେ ଗିରିଶ ପଟେଲ, ସୁବର୍ଣ୍ଣପୁରରେ ପ୍ରମୋଦ ମହାପାତ୍ର, ସୁନ୍ଦରଗଡ଼ରେ ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼(ବଣାଇ)ରେ ଅନିଲ ବାର୍ଲା, ସୁନ୍ଦରଗଡ଼ (ପାନପୋଷ)ରେ ଲତିକା ପଟ୍ଟନାୟକଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି।

ଫ୍ୟାଶନ

# ଦୀପାବଳି ଆଉଟ୍‌ଫିଟ୍

**ଦୀପାବଳି ନିମନ୍ତେ ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି। ତେବେ ପୂଜାପର୍ବର ସୁନ୍ଦର ଅବସର ଭିତରେ କିଭଳି ଓ କେଉଁ ରଙ୍ଗର ପୋଷାକ ପିନ୍ଧି ନିଜକୁ ସଜେଇବେ ସେ ସମ୍ପର୍କରେ ଜାଣିରଖନ୍ତୁ କିଛି ଟିପ୍ସ...**

■ ପରିଷ୍କାର ଓ ସୁନ୍ଦର ପୋଷାକ ପିନ୍ଧି ପୂଜାରେ ଯୋଗଦେଲେ ମନକୁ ଢେର୍ ଅଧିକ ଗୁଣ ଶାନ୍ତି ଲଗିଥାଏ। ତେଣୁ ପୂଜା ସମୟରେ କେଉଁ ସବୁ ରଙ୍ଗର ପୋଷାକ ପିନ୍ଧିବେ ସେଥିପାଇଁ ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ।

■ ଲାଲ୍, ହଳଦିଆ, ସବୁଜ, ନାରଙ୍ଗୀ, ଧଳା କିମ୍ବା କୌଣସି ହାଲ୍‌କା ରଙ୍ଗର ପୋଷାକ ପିନ୍ଧି ପୂଜାରେ ଯୋଗଦେଇପାରିବେ। ତେବେ ଭୁଲ୍‌ରେ ବି କଳାରଙ୍ଗର ପୋଷାକ ଏହି ସମୟରେ ପନ୍ଧନ୍ତୁ ନାହିଁ।

■ ଦୀପାବଳି ପୂର୍ବରୁ ଧନ୍‌ତେରସ



ସମୟରେ ଆପଣ ଲାଲ୍ ରଙ୍ଗର ଶାଢ଼ି କିମ୍ବା ସାଲ୍‌ୱାର ପିନ୍ଧିଲେ ବେଶ୍ ଭଲ ଲାଗିବ। ଏହି ରଙ୍ଗର ପୋଷାକ ସହ ଏଥେନିକ୍ ଲୁକ୍ ମହିଳାଙ୍କୁ ବେଶ୍ ଆକର୍ଷଣୀୟ କରିପାରିବ।

■ ଦୀପାବଳି ପୂର୍ବରୁ ନରକ ଚତୁର୍ଦ୍ଦଶୀ କିମ୍ବା ଅନ୍ୟ କୌଣସି ପୂଜାରେ ଆପଣ ସବୁଜ ରଙ୍ଗର ପୋଷାକ ମଧ୍ୟ ପିନ୍ଧିପାରିବେ। ଏହି ରଙ୍ଗର ସବୁ ପ୍ରକାର ପୋଷାକ ବଜାରରେ ଉପଲବ୍ଧ। ତେଣୁ ନିଜ ପସନ୍ଦରେ ଆପଣ ଯେକୌଣସି ଆଉଟ୍‌ଫିଟ୍ ନେଇପାରିବେ।

■ ଦୀପାବଳିରେ ପିନ୍ଧିବା ପାଇଁ ହଳଦିଆ ରଙ୍ଗର ପ୍ରିଣ୍ଟେଡ୍ ଶାଢ଼ି କିମ୍ବା ପୋଷାକ ବେଶ୍ ସୁନ୍ଦର ଲାଗିବ। ଏହି ରଙ୍ଗର ଲେହେଙ୍ଗା ମଧ୍ୟ ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିପାରିବ।

■ ଦୀପାବଳି ପରେ ଗୋବର୍ଦ୍ଧନ ପୂଜା, ଭାଇଦୁଜ୍ ଭଳି ବିଭିନ୍ନ ଉତ୍ସବରେ ଆପଣ ନାରଙ୍ଗୀ ପ୍ରିଣ୍ଟେଡ୍ କିମ୍ବା ହାଲୁକା ରଙ୍ଗର ଶାଢ଼ି ଅଥବା ସାଲ୍‌ୱାର ସୁଟ୍ ପିନ୍ଧି ବେଶ୍ ଷ୍ଟାଇଲିଶ୍ ହୋଇପାରିବେ।

# ମାଟିପାତ୍ରରେ ରାନ୍ଧିବା ଆଗରୁ...

**ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଆଜିକାଲି ଅନେକେ ମାଟିପାତ୍ରରେ ରୋଷେଇ କରିବା ଆରମ୍ଭ କଲେଣି। କିନ୍ତୁ ମାଟିପାତ୍ରକୁ ଗ୍ୟାସ୍‌ରେ ରୋଷେଇ କରିବା ପୂର୍ବରୁ କିଭଳି ସଚେତନତା ଅବଲମ୍ବନ କରିବେ ଜାଣିରଖନ୍ତୁ।**

– ବଜାରରୁ ମାଟିପାତ୍ର ଆଣିବା ପରେ ପ୍ରଥମେ ତାକୁ ଗୋଟିଏ ଦିନ ପାଣିରେ ଭିଜାଇ ରଖନ୍ତୁ। ଏହାପରେ ପାଣି ବାହାର କରି ଖରାରେ ଶୁଖାନ୍ତୁ। ଶୁଖିବା ପରେ ସେଥିରେ ସବୁଆଡ଼େ ଭଲ ଭାବେ ତେଲ ଲଗାଇ ପୁଣି ଥରେ ଖରାରେ ୨–୪ ଘଣ୍ଟା ରଖନ୍ତୁ।

– ମାଟିପାତ୍ରକୁ ପ୍ରଥମ ଥର ପାଇଁ ଗ୍ୟାସ୍‌ରେ ବସାଇବାକୁ ଯାଉଥିଲେ ସେଥିରେ ପ୍ରଥମେ ତେଲ ପକାଇ ଆଳୁ କିମ୍ବା ଅନ୍ୟ କିଛି ଭଜା କରନ୍ତୁ। ପ୍ରଥମ ଥର ମାଟିପାତ୍ରର ଏହି ଭଜାକୁ ବାହାରକରି ଫିଙ୍ଗି ଦିଅନ୍ତୁ। ଏହାପରେ ପୁଣି ଥରେ ରୋଷେଇ କରି ଖାଆନ୍ତୁ।

– ମାଟିପାତ୍ରରେ ପ୍ରଥମ ଥର ଅଧିକ ପାଣି ଦେଇ ଭାତ ବି ରାନ୍ଧିପାରିବେ। ଯଦି ପ୍ରଥମ ଥର ଖରାପ ହୁଏ ତେବେ ଦ୍ୱିତୀୟ ଥର ରାନ୍ଧି ଖାଆନ୍ତୁ।

– ମାଟିପାତ୍ରକୁ ଗ୍ୟାସରେ ଧିରେ ଆଞ୍ଚରେ ବସାନ୍ତୁ। ଅଧିକ ଆଞ୍ଚରେ ମାଟିପାତ୍ର ଫାଟିଯିବା ସମ୍ଭାବନା ରହିଥାଏ।

# ଫିଟ୍‌ନେସ୍ ମନ୍ତ୍ର



**ଯୋଗ ଓ ବ୍ୟାୟାମର ବିକଳ୍ପ ହେଉଛି ଘରକାମ। ଏମିତି ଭ୍ରାନ୍ତଧାରଣା ରହିଛି ଅନେକ ମହିଳାଙ୍କର। ଫିଟ୍ ରହିବା ପାଇଁ ଅଧିକରୁ ଅଧିକ ଘରକାମ ଯଥେଷ୍ଟ ବୋଲି ଭାବନ୍ତି ସେମାନେ। ମାତ୍ର ସୁସ୍ଥ ଜୀବନ ପାଇଁ ବ୍ୟାୟାମ ନିହାତି ଜରୁରୀ।**

ଘରର ବିଭିନ୍ନ କାମ କରିବାକୁ କେତେଜଣ ମହିଳା ଯୋଗ ବା ବ୍ୟାୟାମ କରିବା ସହ ସମାନ ବୋଲି ଭାବିନିଅନ୍ତି। କାରଣ ଘରକାମ କରି ସେମାନେ ଥକିଯାଆନ୍ତି। ତେଣୁ ଝାଳବୁହା ପରିଶ୍ରମ କରି ସେମାନେ ବ୍ୟାୟାମ କରିବାର ଲାଭ ପାଉଛନ୍ତି ବୋଲି ଭାବିଥାନ୍ତି। ମାତ୍ର ସେମାନଙ୍କର ଏହି ଧାରଣା ହିଁ ତାଙ୍କୁ ଏକ ସୁସ୍ଥ ଜୀବନଠାରୁ ଦୂରେଇ ରଖେ। କାରଣ ବର୍ତ୍ତମାନର ଲାଇଫ୍‌ଷ୍ଟାଇଲ୍ ଅନୁସାରେ ଘରର ସବୁ କାମ କରିବା ବ୍ୟାୟାମ ସହ ଆଦୌ ତୁଳନୀୟ ନୁହେଁ। ତେଣୁ ମହିଳାମାନେ କିଛି ସମୟ ବ୍ୟାୟାମ କରିବା ନିହାତି ଜରୁରୀ।

**ସମୟ ବଦଳିଛି:** ଆଗ ସମୟରେ ମହିଳାମାନେ ଘରର ସବୁକାମ କରୁଥିଲେ, କିନ୍ତୁ ଏବେ ମହିଳା ଘର କାମ ସହ ବାହାର କାମ ବି କରୁଛନ୍ତି। ତେଣୁ କମ୍ ସମୟରେ ଶୀଘ୍ର କାମ କରିବା ପାଇଁ ସେମାନେ ବିଭିନ୍ନ ପ୍ରକାର ଯନ୍ତ୍ରପାତିର ସହାୟତା ନେଉଛନ୍ତି। କିନ୍ତୁ ଆଗକାଳରେ ଚକି, ଢିଙ୍କି, ଶିଳ ଆଦି ବ୍ୟବହାର କରି ସେମାନେ କାମ କରୁଥିଲେ, ଯାହାକି ସେମାନଙ୍କୁ ବ୍ୟାୟାମ କରିବା ଭଳି ଲାଭ ଦେଉଥିଲା। କିନ୍ତୁ ଏବେ ଆମେ ସମସ୍ତେ ଯନ୍ତ୍ର ଉପରେ ନିର୍ଭରଶୀଳ। ତେଣୁ କମ୍ ସମୟରେ ଗୋଟିଏ ସ୍ଥାନରେ ରହି ଅନେକ କାମ କରିବାକୁ ହେଉଛି। ଫଳରେ କାମ କରି ଥକିଯାଉଛନ୍ତି ସିନା ହେଲେ ବ୍ୟାୟାମର ଲାଭ ମିଳିପାରୁନାହିଁ।

**ଶାରୀରିକ ପରିଶ୍ରମ:** ଘରକାମ ମାଧ୍ୟମରେ ଶାରୀରିକ ପରିଶ୍ରମ ହୁଏ ସତ, କିନ୍ତୁ ବ୍ୟାୟାମ ନିମନ୍ତେ ତାହା ପର୍ଯ୍ୟାପ୍ତ ନୁହେଁ। କାରଣ ସବୁକାମର ସମୟ ଅବଧି ଓ କାମର ପ୍ରକାରଭେଦ ଅନୁସାରେ ଶାରୀରିକ ପରିଶ୍ରମର ଲାଭ ମିଳିଥାଏ। ବେଳେବେଳେ ଘଣ୍ଟା ଘଣ୍ଟାର ଘରକାମରୁ ଶରୀରକୁ ଫାଇଦା ମିଳିବା ବଦଳରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ସେହି ତୁଳନାରେ ମାତ୍ର କିଛି ମିନିଟ୍‌ର ବ୍ୟାୟାମ ଶରୀରର ସୁସ୍ଥତା ପାଇଁ ବେଶ୍ ଫଳପ୍ରଦ। ତେଣୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଚାରକଲେ ଶରୀରକୁ ଲାଭ ମିଳୁଥିବା ଭଳି ବ୍ୟାୟାମର ଆବଶ୍ୟକତା ରହିଛି।

**ଶରୀର ଥକେ:** କାମ କଲେ ଶରୀର ଥକିଯାଏ, ଠିକ୍ ବ୍ୟାୟାମ କରିବା ଭଳି। ହେଲେ ବ୍ୟାୟାମ କରିବା ପରେ ଶରୀରରେ ଏକ ନୂତନ ଊର୍ଜା ସୃଷ୍ଟି ହୁଏ। ଫଳରେ ଅଧିକ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ। କିନ୍ତୁ ଘରକାମ କରିବା ପରେ ଶରୀର ଥକିଯାଏ ଓ ହାଲିଆ ଲାଗେ। କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ। ତେଣୁ ବ୍ୟାୟାମ କରିବା ପରେ ଶରୀର ଯେଉଁଭଳି ଥକିଯାଏ ସେଭଳି ଘରକାମ କରିବା ପରେ ଅନୁଭବ କରିବା ଏକା ବୋଲି ଭାବିବା ଠିକ୍ ନୁହେଁ।

**ପ୍ରକୃତ ସତ୍ୟ:** ଗୋଟେ କଥା ମନେରଖିବାକୁ ହେବ କି ଶରୀରକୁ ସୁସ୍ଥ ରଖିବା ପାଇଁ ହିଁ ବ୍ୟାୟାମ କରାଯାଏ। କିନ୍ତୁ ଘରକୁ ସଫାସୁତୁରା ରଖିବା ପାଇଁ ଘର କାମ କରାଯାଏ। ବ୍ୟାୟାମ କରିବା ସମୟରେ ହୃଦୟକୁ ସୁସ୍ଥ ରଖିବା, ଶରୀରର ବିଭିନ୍ନ ଅଂଶରେ ଥିବା ମାଂସପେଶୀକୁ ସୁସ୍ଥ ରଖିବା ଏବଂ ଆବଶ୍ୟକ ଅନୁସାରେ କ୍ୟାଲୋରି କମ୍ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖାଯାଇଥାଏ। କିନ୍ତୁ ଘରକାମ କରିବା ସମୟରେ ଏସବୁକୁ ଆଦୌ ଧ୍ୟାନ ଦିଆଯାଏ ନାହିଁ। ଫଳରେ ବ୍ୟାୟାମର ଉପକାରିତା ମିଳି ନ ଥାଏ।





## ଏମାନେ କ'ଣ କରନ୍ତି



**ସମୟ ମିଳେନି:** ଏକ୍ସରସାଇଜ୍ କିମ୍ବା ଯୋଗ କରିବା ପାଇଁ ସମୟ ନାହିଁ। ସକାଳୁ ଉଠି ଘରକାମ ସାରି ଅଫିସ୍ ଯିବାକୁ ହୁଏ। ଘରେ ଏତେ କାମ ଥାଏ ଯେ ଅଫିସ୍ ବାହାରିବାକୁ ବିଳମ୍ବ ହେଇଯାଏ। ଏତେ ସବୁ କାମ ଭିତରେ ଏକ୍ସରସାଇଜ୍ କରିବା କଥା ମୁଁ ଚିନ୍ତା କରିପାରେନାହିଁ। କିନ୍ତୁ ଘରକାମ ମାଧ୍ୟମରେ ଏକ୍ସରସାଇଜ୍‌ର ଫାଇଦା ମିଳିପାରିବ ବୋଲି ଭାବେ। ହେଲେ ଏବେ ଅଧିକ କାମ କରିବାକୁ ଇଚ୍ଛା ହେଉନାହିଁ। ଖୁବ୍‌ଶୀଘ୍ର ଥକିଯାଉଛି।

*– **ସ୍ମିତା ପଟ୍ଟନାୟକ,** କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*



**ସ୍ୱାସ୍ଥ୍ୟ ଚିନ୍ତା ସର୍ବପ୍ରଥମ:** ସୁସ୍ଥ ରହିବାକୁ ହେଲେ ପ୍ରତିଦିନ ନିଜ ପାଇଁ କିଛି ସମୟ ବାହାର କରିବାକୁ ହେବ। ଏଥିପାଇଁ ଏବେ ସବୁଦିନ ସକାଳୁ ଯୋଗ ଓ ପ୍ରାଣାୟାମ କରୁଛି। ଘରେ ସମସ୍ତଙ୍କୁ ସେହି ଅନୁସାରେ ଆଡ୍‌ଜଷ୍ଟ କରିବା ପାଇଁ ବ୍ୟବସ୍ଥା କରି ସବୁଦିନ ସନ୍ଧ୍ୟାରେ ଜିମ୍ ଯାଉଛି। ପ୍ରଥମେ ଖରାପ ଲାଗୁଥିଲା, ମାତ୍ର ନିଜ ସ୍ୱାସ୍ଥ୍ୟ ଠିକ୍ ରହିଲେ ପରିବାର ଓ ଅନ୍ୟମାନଙ୍କୁ ଭଲରେ ରଖିବା ପାଇଁ କାମ କରିପାରିବି ଭାବି ଜିମ୍ ଯାଉଛି। ଅବଶ୍ୟ କିଛି ବର୍ଷ ପରେ ଏକ୍ସରସାଇଜ୍ କରିବା ଶିଖିଗଲେ ଆଉ ଜିମ୍ ଯିବିନାହିଁ ବୋଲି ଭାବିଛି।

*– **ପ୍ରଭାସିନୀ ବେହେରା,** କର୍ମଜୀବୀ, ପ୍ରତାପନଗରୀ, କଟକ*



**ଯୋଗ ଓ ବ୍ୟାୟାମର ବିକଳ୍ପ ନାହିଁ:** ଶରୀରକୁ ସୁନ୍ଦରଭାବେ ପରିଚାଳନା କରିବା ପାଇଁ ଯୋଗ ଓ ବ୍ୟାୟାମ ଏକ ମାଧ୍ୟମ। ଏଇ ମାଧ୍ୟମରେ ଶରୀରର ସବୁ ଅଙ୍ଗ ଓ ନିଶ୍ୱାସର ପ୍ରବାହକୁ ସକ୍ରିୟ କରିପାରିବା। ଜିମ୍‌ରେ ବିଭିନ୍ନ ଯନ୍ତ୍ରପାତି ମାଧ୍ୟମରେ ଶରୀରକୁ ସୁସ୍ଥ ରଖିହୁଏ କିନ୍ତୁ ଯୋଗ ମାଧ୍ୟମରେ ପ୍ରଥମେ ମନକୁ ସୁସ୍ଥ ରଖିହୁଏ ଫଳରେ ଶରୀର ସୁସ୍ଥ ରହିଥାଏ। ବିଭିନ୍ନ ପ୍ରକାରର ଆସନ ଓ ଯୋଗ ମାଧରେ ଶରୀରର ପ୍ରାୟ ସବୁ ସମସ୍ୟା ଦୂର କରିହେବ କିମ୍ବା ନିୟନ୍ତ୍ରଣରେ ରଖିହେବ।

– **ସାଗରିକା ଶତପଥୀ,** ଯୋଗ ଶିକ୍ଷୟିତ୍ରୀ, ଭୁବନେଶ୍ୱର



**କମ୍ ସମୟରେ ଅଧିକ ଲାଭ:** କେବଳ ଯୋଗ ହିଁ ମନୁଷ୍ୟକୁ ସୁସ୍ଥ, ସବଳ କରିବା ସହ ଶକ୍ତି ସଂଚୟ କରିବାକୁ ଯୋଗ୍ୟ ବନାଏ। ଶରୀରରେ ଥିବା ସମସ୍ତ ଗ୍ରନ୍ଥିମାନଙ୍କର ରସସ୍ରାବ ନିୟନ୍ତ୍ରିତ ହୁଏ। ଶ୍ୱାସକ୍ରିୟା ନିୟନ୍ତ୍ରିତ ହେବା ଦ୍ୱାରା ଶାରିରୀକ ଓ ମାନସିକ ସ୍ତରରେ ଅନେକ ଲାଭ ମିଳିଥାଏ ତଥା ଫୁସ୍‌ଫୁସ୍ ମଜବୁତ ହୁଏ। ସ୍ଥୂଳ ଶରୀର ସହ ସୂକ୍ଷ୍ମ ଶରୀର ମଧ୍ୟ ପ୍ରଭାବିତ ହୋଇ ମନ ନିୟନ୍ତ୍ରିତ ରହେ। ସୁନିୟୋଜିତ ଢଙ୍ଗରେ ଶରୀରର ସର୍ବାଙ୍ଗୀଣ ବିକାଶ ହେବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ ଓ ଚେହେରା କାନ୍ତିମୟ ହୁଏ। କମ୍ ସମୟ ଓ କମ୍ ଶକ୍ତି ଖର୍ଚ୍ଚ କରି ଅଧିକ ଲାଭ କେବଳ ଯୋଗରୁ ହିଁ ମିଳେ।

*– **ପ୍ରଣତି ଦାସ,** ଯୋଗ ଶିକ୍ଷୟିତ୍ରୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

ସୌନ୍ଦର୍ଯ୍ୟ

# ଚାଉଳରୁ ଫେସ୍‌ପ୍ୟାକ୍

**ସୁନ୍ଦର ଗ୍ଲୋଇଂ ସ୍କିନ୍ ପାଇଁ ଚାଉଳର ଫେସ୍‌ପ୍ୟାକ୍ ଅତ୍ୟନ୍ତ ଫଳପ୍ରଦ। ଏମିତିକି ୨୪ ଘଣ୍ଟାରୁ ଅଧିକ ସମୟ ରନ୍ଧାହୋଇ ରହିଥିବା ଭାତକୁ ବି ଫେସ୍‌ପ୍ୟାକ୍‌ରେ ବ୍ୟବହାର କରିହେବ।**



⏭ ଚାଉଳରୁ ଫେସ୍‌ପ୍ୟାକ୍ ତିଆରି କରିବା ପାଇଁ ପ୍ରଥମେ ଭାତ ତିଆରି କରି ଦିଅନ୍ତୁ। ତେବେ ବାସି ହୋଇଯାଇଥିବା ଭାତକୁ ମଧ୍ୟ ଫେସ୍‌ପ୍ୟାକ୍‌ରେ ବ୍ୟବହାର କରିହେବ।

⏭ ପ୍ରଥମେ ବାସିଭାତକୁ ପାଣିରୁ ଛାଣି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏଥିରେ କିଛି ମହୁ ଓ କ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ସ୍କ୍ରବ୍ କରିବା ଭଳି ଧୀରେ ଧୀରେ ଘଷନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

⏭ ଶୁଷ୍କ ତ୍ୱଚା ପାଇଁ ବି ବାସିଭାତକୁ ବ୍ୟବହାର କରିହେବ। ଅଧାକପ୍ ଗ୍ରାଇଣ୍ଡିଂ ହୋଇଥିବା ଭାତରେ ୨ ଚାମଚ ଡାଲଚିନି ଗୁଣ୍ଡ ଏବଂ ୧ ଚାମଚ ଗ୍ଲିସେରିନ୍ ମିଶାଇ ଲଗାନ୍ତୁ। କିଛି ସମୟ ରଖି ଶୁଖିବା ପରେ ଧୀରେ ଧୀରେ ଘଷି ଛଡ଼ାନ୍ତୁ। ଏହାପରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ତ୍ୱଚାର ଉଜ୍ଜ୍ୱଳତା ବହୁତ ବଢ଼ିଯିବ।

⏭ ସେହିପରି ତୈଳୀୟ ତ୍ୱଚା ନିମନ୍ତେ ଗ୍ରାଇଣ୍ଡିଂ ହୋଇଥିବା ଭାତରେ ମହୁ, ଦହି, ଗୋଲାପଜଳ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିବା ପରେ ମୁହଁ ଧୋଇଦିଅନ୍ତୁ। ଏହି ପ୍ୟାକ୍ ତ୍ୱଚାରେ ଥିବା ଅତିରିକ୍ତ ତୈଳ ଅଂଶକୁ କମ୍ କରିବା ସହ ଉଜ୍ଜ୍ୱଳତା ବୃଦ୍ଧି କରିବ।



## ଘରକରଣା

- ତରକାରି ଅଧିକ ରାଗ ହୋଇଥିଲେ ସେଥିରେ ତୁରନ୍ତ କିଛି ଘିଅ କିମ୍ବା ବଟର ମିଶାଇ ଦିଅନ୍ତୁ।
- ଆବଶ୍ୟକ ଅନୁସାରେ ତରକାରିରେ ଲେମ୍ବୁରସ ପକାଇଲେ ତାହା କିଛି ପରିମାଣରେ ରାଗ କମାଇ ଦିଏ।
- ରୋଷେଇ କରିବା ସମୟରେ ସବୁବେଳେ କମ୍ ଲୁଣ ଓ କମ୍ ରାଗ ପକାଇବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକ ହେଲେ ପରେ ଲୁଣ ଓ ରାଗ ମିଶାଇପାରିବେ।
- ତରକାରିରେ କ୍ରିମ୍ କିମ୍ବା ଦହି ମିଶାଇ ଦେଲେ ତା'ର ରାଗ କମିଯାଇଥାଏ।
- ତରକାରିରେ ରାଗ କମ୍ କରିବା ପାଇଁ ଟମାଟୋ ପ୍ୟୁରି ମଧ୍ୟ ପକାଇପାରିବେ। କିନ୍ତୁ ଟମାଟୋ ପ୍ୟୁରିକୁ ପ୍ରଥମେ ଅନ୍ୟ ଏକ କଡ଼େଇରେ ଅଳ୍ପ ତେଲ ପକାଇ ଗରମ କରି ଦିଅନ୍ତୁ।
- ତରକାରିର ସ୍ୱାଦ ଅଧିକ କରିବା ପାଇଁ ସିଝା ଆଳୁକୁ ଚକଟି ସେଥିରେ ମିଶାଇ ଦିଅନ୍ତୁ। ତରକାରି ଅଧିକ ରାଗ ହୋଇଥିଲେ କମ୍ ହୋଇଯିବ।
- ତରକାରିରେ ଅଳ୍ପ ବେସନ ଭାଜି ମିଶାଇଦେଲେ ତାହା ସ୍ୱାଦିଷ୍ଟ ହେବା ସହ ରାଗ କମାଇ ଦିଏ।
- ପନିର କିମ୍ବା କୋଫ୍‌ତା ଆଦି କରୁଥିଲେ ସେଥିରେ ଅଳ୍ପ କିଛି ଚିନି ପକାଇ ଦିଅନ୍ତୁ ତାହା ଅଧିକ ସ୍ୱାଦିଷ୍ଟ ହେବ।

ଖାଦ୍ୟରୁଚି

# ମୋତିଚୁର୍ ଲଡୁ



**ଆବଶ୍ୟକ ସାମଗ୍ରୀ–** ବେସନ– ୨କପ୍, ଚିନି–୩ କପ୍, କ୍ଷୀର– ୧ ଲିଟର, ଘିଅ– ୬କପ୍, ପାଣି– ୪କପ୍, ଗୁଜୁରାତି ଗୁଣ୍ଡ– ୧ ଚାମଚ, ବେକିଂ ସୋଡ଼ା– ଅଳ୍ପ, ଫୁଡ୍ କଲର –ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସିରା ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପାଣି ଗରମ କରି ସେଥିରେ ଚିନି ମିଶାଇ ଗୋଳାନ୍ତୁ। ଚିନି ଭଲଭାବେ ମିଶିଗଲା ପରେ ସେଥିରେ ଅଳ୍ପ କ୍ଷୀର ମିଶାନ୍ତୁ। କ୍ଷୀର ମିଶାଇବା ପରେ ଲଗାତର ଗୋଳାନ୍ତୁ। କ୍ଷୀର ମିଶ୍ରିତ ଏହି ସିରା ଗାଢ଼ ହୋଇଯିବା ପରେ ତଳକୁ ଓହ୍ଲାଇ ସେଥିରେ ଗୁଜୁରାତି ଗୁଣ୍ଡ ପକାଇ ରଖନ୍ତୁ।

ଏବେ ଏକ ବଡ଼ ପାତ୍ରରେ ବେସନ, କ୍ଷୀର ଓ ବେକିଂ ପାଉଡର ମିଶାଇ ଭଲଭାବେ ଗୋଳାନ୍ତୁ। ବେସନର ଘୋଳକୁ ବେଶି ଗାଢ଼ କରନ୍ତୁ ନାହିଁ। ଏବେ କଡ଼େଇରେ ଘିଅ ଗରମ କରି ବୁନ୍ଦି ଛାଣି ଦିଅନ୍ତୁ। କିଛି ସମୟ ପରେ ବୁନ୍ଦି ସବୁକୁ ନେଇ ସିରାରେ ମିଶାନ୍ତୁ। ଶେଷରେ ବୁନ୍ଦିକୁ ସିରାରୁ ବାହାରକରି ଲଡୁ ତିଆରି କରି ନିଅନ୍ତୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ନଭେମ୍ବର, ୨୦୨୩


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆନ୍ତଃଜୋନ ମହିଳା ବାସ୍କେଟବଲ୍: ଜିସିପିଇ ଚାମ୍ପିୟନ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପୋଷ୍ଟ ଗ୍ରାଜୁଏଟ୍ ଆଥ୍ଲେଟିକ କ୍ଲବ ଆନୁକୂଲ୍ୟରେ ଆନ୍ତଃଜୋନ ମହିଳା ବାସ୍କେଟବଲ୍ ଟୁର୍ନାମେଣ୍ଟ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଉଦ୍‌ଯାପିତ ହୋଇଯାଇଛି। ଏହାର ଫାଇନାଲରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ନୟାପଲ୍ଲୀର ଡିଆର ମହାବିଦ୍ୟାଳୟକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବରୁ ଜିସିପିଇ ବିଜେବି ମହାବିଦ୍ୟାଳୟକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଅଧ୍ୟାପିକା ପତ୍ରପୁଷ୍ପା ମହାନ୍ତି ଓ ପୂର୍ବତନ ଛାତ୍ର ପ୍ରସନ୍ନଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ, ଅଙ୍କିତା, ସ୍ମୃତିରେଖା, ପାପଲି, ଦେବସ୍ମିତା, ତୁଳସୀ, ଉଷା, ଜ୍ୟୋସ୍ନା ପ୍ରମୁଖ ଉତ୍ତମ କ୍ରୀଡା ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇଥିଲେ। ଅଧକ୍ଷା ସଙ୍ଗୀତାରାଣୀ ଟପ୍ପୋ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସ୍ୱିଟେକ୍-ପେଗୁଲା ଫାଇନାଲ

**କାନକୁନ୍, ୬।୧୧ (ଏପି):** ପୋଲାଣ୍ଡର ଇଗା ସ୍ୱିଟେକ୍ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ନିକଟତର ହୋଇଛନ୍ତି। ସେମିଫାଇନାଲରେ ସେ ବିଶ୍ୱର ନମ୍ବର ୱାନ ମହିଳା ଖେଳାଳି ଆରିନା ସାବାଲେଙ୍କାଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ଫାଇନାଲରେ ଆମେରିକାର ଜେସିକା ପେଗୁଲାଙ୍କ ସହ ମୁକାବିଲା କରିବେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଲୋନ୍! ଲୋନ୍! ଲୋନ୍!
ଦୀପାବଳି ଧମାକା
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟବଲ ଦଳକୁ ସୋମବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି। (ଫଟୋ: ବିକାଶ ନାୟକ)

# ଆବୁଧାବୀ ବିଶ୍ୱ ଜୁ-ଜିତ୍ସୁ: ଅନୁପମାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଏକାଧିକ କ୍ରୀଡ଼ାରେ ପାରଙ୍ଗମ ଓଡ଼ିଶାର ଅନୁପମା ସ୍ୱାଇଁ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଆବୁଧାବୀଠାରେ ଅନୁଷ୍ଠିତ ବିଶ୍ୱ ଜୁ-ଜିତସୁ ପ୍ରତିଯୋଗିତାରେ ସେ ମହିଳା ହ୍ୱାଇଟ ବେଲ୍ଟ ୪୯ କିଲୋ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବିଶ୍ୱର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅନୁପମା ଦୁବାଇର ଆଟ୍ରିକ୍ସନ ଏକାଡେମୀରେ ନିଜକୁ ପ୍ରସ୍ତୁତ କରିଥିଲେ। ୧୬ ଜଣିଆ ବ୍ରାକେଟ୍ ଥିବା ଏହି ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ଦୁବାଇ ପ୍ରତିଯୋଗୀଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଅନୁପମା। ମାତ୍ର ଏହି ରାଉଣ୍ଡରେ ସେ ସ୍ୱର୍ଣ୍ଣ ପଦକ ବିଜୟିନୀ କାଜାକସ୍ତାନ ପ୍ରତିଯୋଗୀଠାରୁ ପଏଣ୍ଟ ବ୍ୟବଧାନରେ ପରାସ୍ତ ହେବାପରେ ରିପ୍‌ଚେଜ୍ ବ୍ରାକେଟକୁ ଯାଇଥିଲେ। ଏହି ପର୍ଯ୍ୟାୟର ଫାଇନାଲରେ ବ୍ରାଜିଲ ପ୍ରତିଯୋଗୀଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଥିଲେ ଓଡ଼ିଶାର ଏହି ସାହସୀ ଯୁବତୀ। ଭାରତର ଜଣେ ଶ୍ରେଷ୍ଠ ସାମରିକ କ୍ରୀଡାବିତ୍‌ଭାବେ ପରିଚିତ ଅନୁପମା ଓଡ଼ିଶା ପୋଲିସରେ କନ୍‌ଷ୍ଟେବଲ ଚାକିରି ପାଇ କ୍ରୀଡ଼ା ବିଭାଗ ଅଧୀନରେ କାର୍ଯ୍ୟରତ ଅଛନ୍ତି। ୩ଟି ଏସିଆ ଜୁ-ଜିତ୍ସୁ ପ୍ରତିଯୋଗିତାରେ ପଦକ, ଏସିଆନ ଶକ୍ତିଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନୁପମା କରାଟେରେ ଜଣେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ବିଏନ୍‌ପି ଗ୍ରୁପ୍ ଅଧ୍ୟକ୍ଷ ଡ. ବିଶ୍ୱନାଥ ପଟ୍ଟନାୟକ ସମସ୍ତ ଖର୍ଚ୍ଚ ବହନ କରିଥିଲେ। ୮ ତାରିଖରେ ଫେରିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ରାଜ୍ୟ ଜୁ ଜିତ୍ସୁ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି।



ପଦକ ସହ ଅନୁପମା ସ୍ୱାଇଁ।

# ଭର୍ଷ୍ଟାପେନ୍ ଜିତିଲେ ବ୍ରାଜିଲିଆନ ଗ୍ରାଁ ପ୍ରି

**ସାଓ ପାଉଲୋ, ୬।୧୧ (ଏପି)**

ତିନି ଥର ଚାମ୍ପିୟନ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ବ୍ରାଜିଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ସିଜନରେ ତାଙ୍କ ସର୍ବକାଳୀନ ବିଜୟ ରେକର୍ଡ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ତାଙ୍କ ଟିମ୍‌ମେଟ ସର୍ଗିଓ ପେରେଜଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସ୍ଥାନରେ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଆଷ୍ଟନ ମାର୍ଟିନର ଫର୍ନାଣ୍ଡୋ ଆଲୋସୋଁ ରେସ୍‌ରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ପିଏରେ ଗାସ୍‌ଲି (ଆଲପାଇନ୍), ଲୁଇସ୍ ହାମିଲଟନ (ମର୍ସିଡିଜ), ୟୁକି ଟିସୁନୋଦା (ଆଲ୍‌ଫଟାଉରି) ଓ ଏଷ୍ଟିବାନ ଓକନ (ଆଲପାଇନ୍)। ଭର୍ଷ୍ଟାପେନ୍ ରେସ୍ ଆରମ୍ଭରେ ଲାଣ୍ଡୋ ନୋରିସଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ମାତ୍ର ପରେ ସେ ରେସ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ୨୦୨୩ରେ ମର୍ସିଡିଜର ଏହା ସବୁଠାରୁ ଖରାପ ପ୍ରଦର୍ଶନ ଥିଲା। ହାମିଲଟନ ୮ମ ସ୍ଥାନରେ ରହିଥିବା ବେଳେ ଜର୍ଜ ରସେଲ ଏକାଦଶ ସ୍ଥାନରେ ରହିଥିବା ବେଳେ ରିଟାୟର୍ଡ ନେଇଯାଇଥିଲେ। ଚଳିତ ସିଜନର ଅବଶିଷ୍ଟ ଦୁଇଟି ରେସ୍ ନଭେମ୍ବର ୧୯ରେ ଲାସ ଭେଗାସ ଏବଂ ସପ୍ତାହ ପରେ ଆବୁଧାବିରେ ହେବାକୁଥିବା ବେଳେ ରନରଅପ୍ ସ୍ଥାନ ପାଇଁ ପେରେଜ ଓ ହାମିଲଟନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପେରେଜ ବର୍ତ୍ତମାନ ହାମିଲଟନଙ୍କଠାରୁ ୩୨ ପଏଣ୍ଟ ଆଗରେ ରହିଛନ୍ତି।

# କଷ୍ଟସାଧ ଗ୍ରୁପ୍‌ରେ ଭାରତ

### ମହିଳା ହକି ଅଲିମ୍ପିକ କ୍ୱାଲିଫାୟର

**ନୂଆଦିଲ୍ଲୀ, ୬।୧୧ (ପି.ଟି.)**

ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଜାନୁୟାରୀ ୧୩ରୁ ୧୯ ପର୍ଯ୍ୟନ୍ତ ରାଞ୍ଚିଠାରେ ଖେଳାଯିବ। ଭାରତ ଏକ କଷ୍ଟସାଧ ଗ୍ରୁପ୍‌ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବିଶ୍ୱର ୫ ନମ୍ବର ଜର୍ମାନୀ ରହିଛି। ଭାରତ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଶ୍ୱର ୬ନମ୍ବର ମାନ୍ୟତାପ୍ରାପ୍ତ ଭାରତ ଅଲିମ୍ପିକ କ୍ୱାଲିଫାୟର୍ସରେ ଭେଟିବାକୁ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ନ୍ୟୁଜିଲାଣ୍ଡ (୯ମ), ଜାପାନ (୧୧ତମ), ଚିଲି (୧୪ତମ), ଯୁକ୍ତରାଷ୍ଟ୍ର ଆମେରିକା (୧୫ତମ), ଇଟାଲୀ (୧୯ତମ) ଏବଂ ଚେକ୍ ରିପବ୍ଲିକ୍ (୨୫ତମ)। ଅଲିମ୍ପିକରେ ସ୍ଥାନ ପାଇଁ ସ୍ପେନର ଭାଲେନ୍‌ସିଆରେ ଲଢେଇ କରୁଥିବା ଅନ୍ୟ ୮ଟି ଦଳ ହେଲେ ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ନ୍ୟୁଜିଲାଣ୍ଡ, ମାଲେସିଆ, ପାକିସ୍ତାନ, କାନାଡା, ଚିଲି ଓ ଚାଇନା। ପୁରୁଷ କ୍ୱାଲିଫାୟର୍ସ ମସ୍କାଟ ଓ ଭାଲେନ୍‌ସିଆରେ ହେବ। ମସ୍କାଟଠାରେ ଅନୁଷ୍ଠିତ ହେବାକୁଥିବା ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ନ୍ୟୁଜିଲାଣ୍ଡ, ମାଲେସିଆ, ପାକିସ୍ତାନ, କାନାଡା, ଚିଲି ଓ ଚାଇନା। ସେହିପରି ଭାଲେନ୍‌ସିଆରେ ଭାଗନେବାକୁ ଥିବା ଦଳଗୁଡ଼ିକ ହେଲେ ବେଲଜିୟମ, ସ୍ପେନ, କୋରିଆ, ଆୟର୍ଲାଣ୍ଡ, ଜାପାନ, ଅଷ୍ଟ୍ରିଆ, ଇଜିପ୍ଟ ଓ ୟୁକ୍ରେନ। ସମସ୍ତ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଶେଷ ହେବା ପରେ ବିଶ୍ୱ ର୍‍ୟାଙ୍କିଙ୍ଗ ଭିତ୍ତିରେ ପୁରୁଷ ଓ ମହିଳା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପାନ୍ ଆମେରିକାନ ଗେମ୍ସ ଏବଂ ଆଫ୍ରିକାନ ହକି ରୋଡ୍ ଟୁ ପ୍ୟାରିସ ୨୦୨୪ରେ ହକି ଇଭେଣ୍ଟଗୁଡ଼ିକ ଶେଷ ହେବାପରେ କଣ୍ଟିନେଣ୍ଟାଲ ଚାମ୍ପିୟନ ହିସାବରେ ୫ ପୁରୁଷ ଏବଂ ମହିଳା ଦଳ ଆସନ୍ତାବର୍ଷ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆୟୋଜକ ଫ୍ରାନ୍ସ ଆପେ ଯୋଗ୍ୟତା ହାସଲ କରିସାରିଛି।


# Classified Everyday
0674-2580101, 2549949



REAL ESTATE

SALE

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75259

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Few Office space left for immediate sale in a prime locality. For details Plz Contact- 7605932509. D-1713

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

Triplex for sale in a posh locality near AIIMS for details Plz contact. Mob- 7605932509. D-1714

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056




Newly open health benefits SPA special offer @999. Contact: 7749034655. D-75168

Full body massage in homely atmosphere in all therapy. Mob: 8114881641. D-73446

Newly open Spa positively health benefits with expert therapist. 9938843929. D-75167

Full body massage by expert therapist positively health benefits. 7381172169. D-75165

Relax, Refresh your body, Mind at Saikrupa Spa with best therapies. 8984068077. D-1696

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

LOST

I, Pankaj Kumar, Son of Dilip Kumar resident of At: Green Medical, Gram: Chamotha, P.O.- Laund, Nawada, Bihar do hereby solemly state that I have been issued MCA Certificate from B.P.U.T, Rourkela in the session of 2012-2015 & the said original MCA Certificate has been lost in Bhubaneswar. Inspite of my best efforts I could not trace it out. D-1734

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

Affidavit before Notary, Dhenkanal dtd. 30.10.23, I have changed my name from Ambika Biswal to Ambika Samal after my marriage to Susant Kumar Samal. My husband serving at 1189 DSC Platoon and service No.- 10135825W. Henceforth, I shall be known as Ambika Samal, W/o. Susant Kumar Samal, Rank-L/NK, Village- Ballav, P.O.-Bainsia, P.S.-Gondia, Dist.- Dhenkanal, Odisha for all purposes. D-75404

Affidavit No.- 68/ 01 Nov. 2023 before Executive Magistrate, Bhubaneswar, I, FAGU BEHERA, S/o Late Anama Behera, Aadhaar No.- xxxxxxxx5550 Plot No.- 925, Kunjapatana sahi, Old Town, P.S.- Shri Lingaraj, Dist- Khurda, Pin- 751002 change my name from - Phaua Behera to FAGU BEHERA for all future purpose. D-1731

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ଇଜିଲାସ୍, ଭୁବନେଶ୍ୱର।

ଓ.ଏସ୍.ଏସ୍.କେସ୍ ନଂ.-୬୭/୨୦୨୨ ଏବଂ ୬୮/୨୦୨୨

ଜ୍ୟୋତିରେଖା ରାଉତ, ବୟସ ୫୪ବର୍ଷ, ସ୍ୱାମୀ: ପ୍ରଶାନ୍ତ କୁମାର ମାନ୍ଧତା, ସା/ପ୍ଲଟ୍- ନଂ.-ଜି.ପି.ଏନ୍ ନଂ.-୩୪, ଗଜପତି ନଗର, ପୁରୀ, ପୋ- ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ।

.......ଦରଖାସ୍ତକାରିଣୀ

ବନାମ

ପଞ୍ଚାନନ ଚାନ୍ଦୁଆ ଓଗେର .....ଅପରପକ୍ଷ

ପ୍ରାପ୍ତେଷୁ,

ଅପରପକ୍ଷ ନଂ.-୧, ପଞ୍ଚାନନ ଚାନ୍ଦୁଆ, ପିତା: ବିଶ୍ୱାନାଥ ଚାନ୍ଦୁଆ, ପରିଚାଳନା ନିର୍ଦ୍ଦେଶକ, ମାକ୍ସ ରିଏଲକନ୍ ପ୍ରାଇଭେଟ୍ ଲିମିଟେଡ୍, ସା: ହରିପ୍ରିୟା ହାଉସିଂ ନଂ.-ପି-୩, ନିକଟ ଜାତୀୟ ରାଜପଥ ନଂ.୦୫, ଖଣ୍ଡଗିରି, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

ନୋଟିସ

ଦେୱାନୀ ନ୍ୟାୟବିଧି ସଂହିତାର ଆଦେଶ-୫, ନିୟମ-୨୦ ମୁତାବକ ଦରଖାସ୍ତକାରିଣୀଙ୍କ ଦ୍ୱାରା ଓଡ଼ିଶା ଭୂବନ୍ଦୋବସ୍ତ ଆକ୍ଟ ୧୯୫୮, ଧାରା-୧୫ (ଖ) ମୁତାବକ ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ଇଜିଲାସରେ ତାଙ୍କର କ୍ରୟ ଓ ଦଖଲ ଦୃଷ୍ଟ ପୃଥକ୍ ଜମି ରେକର୍ଡ ପାଇଁ ଉପରୋକ୍ତ ରିଭିଜନ୍ ମକଦ୍ଦମା ଦାଏର ହୋଇଅଛି। ଦରଖାସ୍ତକାରିଣୀଙ୍କ ଦ୍ୱାରା ଦିଆଯାଇଥିବା ଅପରପକ୍ଷ ନଂ.-୧ ଠିକଣାର ନୋଟିସ ଡାକ ଦ୍ୱାରା ଯାଇ ତାହା ଜାରିହୋଇ ନ ପାରି ଫେରସ୍ତ ଆସୁଥିବାରୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ଅପରପକ୍ଷ ନଂ.-୧ ସ୍ୱ ଦ୍ୱାରା ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ମକଦ୍ଦମାର ଶୁଣାଣିର ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ୟୁନିଟ୍ ନଂ.-୫, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟର ଆସନ୍ତା ତା ୨୦।୧୧।୨୦୨୩ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଅଛି। ଉକ୍ତ ମକଦ୍ଦମାର ସମ୍ପତ୍ତିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ସାବକ ଖାତା: ୨୭୦, ୨୭୦, ସାବକ ପ୍ଲଟ୍: ୫୨୯, ୫୨୯, ହାଲ୍ ଖାତା: ୧୮୩୯, ୬୩୪, ହାଲ୍ ପ୍ଲଟ୍: ୯୦୯/୪୧୫୫, ୯୦୯, ରକବା: ଏ୦.୦୧୭ଡି ସ୍ଥିତିବାନ, ଏ୦.୦୬୧ଡି ସ୍ଥିତିବାନ

ଏଣୁ ଉପରୋକ୍ତ ମାମଲାର ଅପରପକ୍ଷ ନଂ.-୧ଙ୍କର କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସ୍‌ରେ ଉପସ୍ଥିତ ରହି ଉପରୋକ୍ତ ମକଦ୍ଦମାର ପକ୍ଷ ରଖିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାର ବିଚାର କରାଯିବ।

ଇତି

ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ୟୁନିଟ୍-୫, ହେଡସ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର
ସ୍ୱା./- କୋର୍ଟ ଅଫିସର

ଧ-୭୧୫୭୦

## ମନେ ପଡ଼ନ୍ତି

୨୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୁଳମଣି ଆଚାର୍ଯ୍ୟ**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଚକ୍ରୋଡ଼ା ସ୍କୁଲ
(କାଦୁଆ ଚକ୍ରୋଡ଼ା, କେନ୍ଦ୍ରାପଡ଼ା)

ତିରୋଧାନ: ୧୪।୧୦।୧୯୯୭ (କାର୍ତ୍ତିକ କୃଷ୍ଣ ଦଶମୀ)

ଚାହୁଁ ଚାହୁଁ ୨୬ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତିର ଶୂନ୍ୟତା ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଧାର୍ମିକ ଭାବନା, ସମାଜ ସେବା, ସଠିକ ମାର୍ଗଦର୍ଶନ ସର୍ବଦା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ଶ୍ରାଦ୍ଧ ଦିବସରେ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଙ୍କଜରେ ବିନମ୍ର ପ୍ରାର୍ଥନା କରୁଛୁ। **ଶୋକସନ୍ତପ୍ତ:** ପୁତ୍ର: ହରିପଦ, ପୁତ୍ରବଧୂ: ରତ୍ନମଣି, ନାତି: ସତ୍ୟଜିତ୍, ନାତୁଣୀବୋହୂ: ଜସ୍ମିନ୍, ଝିଅଙ୍କାଇଁମାନେ, ନାତି ନାତୁଣୀମାନେ, ଅଣନାତି ଓ ଅଣନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ ତଥା ଚକ୍ରୋଡ଼ା ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବୃନ୍ଦ।

ଧ-୭୧୫୬୯


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଭାରତଠାରୁ ପରାଜୟ ପରେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଭଙ୍ଗ

**କଲମ୍ବୋ, ୬।୧୧ (ପି.ଟି.)**

ସରକାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି)କୁ ସୋମବାର ଭଙ୍ଗ କରିଦେଇଛନ୍ତି। ଚଳିତ କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଭାରତଠାରୁ ଲଜ୍ଜାଜନକ ପରାଜୟ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନଭେମ୍ବର ୨ରେ ମୁମ୍ବାଇଠାରେ ଭାରତଠାରୁ ଶ୍ରୀଲଙ୍କାର ୩୦୨ରନରେ ଶୋଚନୀୟ ପରାଜୟ ପରେ ଦେଶର ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ପରାଜୟ ପରଠାରୁ ଏସ୍‌ଏଲ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଖେଳପ୍ରେମୀଙ୍କ ତରଫରୁ ଅନେକଥର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶାମି ସିଲ୍‌ଭାଙ୍କ ନେତୃତ୍ୱାଧୀନ ପ୍ରଶାସନକୁ ବରଖାସ୍ତ କରିବା ଲାଗି ସେମାନେ ଦାବି କରିଥିଲେ। କାର୍ଯ୍ୟାଳୟର ସୁରକ୍ଷା ପାଇଁ ପୋଲିସ ମୁତୟନ କରିବାକୁ ପଡ଼ିଥିଲା। କ୍ରୀଡ଼ା ମନ୍ତ୍ରୀ ରୋଶନ ରଣସିଂଘେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ କର୍ମକର୍ତ୍ତାଙ୍କୁ ଇସ୍ତଫା ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଏଲ୍‌ସିର କାର୍ଯ୍ୟ ସମ୍ପାଦନ କରିବା ଲାଗି କ୍ରୀଡ଼ାମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଅଧ୍ୟକ୍ଷାରେ ୭ଜଣ ସଦସ୍ୟ ବିଶିଷ୍ଟ ଏକ କାମଚଳା କମିଟି ଗଠନ କରିଛନ୍ତି। ୧୯୭୩ର କ୍ରୀଡ଼ା ଆଇନ ନମ୍ବର-୨୫ ଅନୁସାରେ ରଣସିଂଘେ ଏହି କମିଟି ଗଠନ କରିଛନ୍ତି। କମିଟିରେ ୩ଜଣ ଅବସରପ୍ରାପ୍ତ ବିଚାରପତି ରହିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଥିବାବେଳେ ପୂର୍ବତନ ଏସ୍‌ଏଲ୍‌ସି ଚେୟାରମ୍ୟାନ ଉପାଲି ଧର୍ମଦାସା ଅଛନ୍ତି। ସୂଚନାଯୋଗ୍ୟ, ଶ୍ରୀଲଙ୍କା କ୍ରିକେଟ ବ୍ୟାପାର ବୁଝାଶୁଝା କରିବା ଲାଗି ୨୦୦୮ରେ ରଣତୁଙ୍ଗାଙ୍କୁ ଏହିଭଳି ଏକ ଅନ୍ତରୀଣ କମିଟିର ମୁଖ୍ୟ କରାଯାଇଥିଲା। ରଣତୁଙ୍ଗାଙ୍କୁ ନ୍ୟାଶନାଲ ସ୍ପୋର୍ଟ୍ସ କାଉନ୍‌ସିଲର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି ରଣସିଂଘେ। ରଣତୁଙ୍ଗା ଇତିମଧ୍ୟରେ ସିଲ୍‌ଭା ପ୍ରଶାସନକୁ ବିଭିନ୍ନ ପ୍ରଶ୍ନର ଜବାବ ମାଗି ସାରିଛନ୍ତି। ସିଲ୍‌ଭା ଗତ ମେ' ମାସରେ କ୍ରମାଗତ ତୃତୀୟ ଥର ପାଇଁ ଏସ୍‌ଏଲ୍‌ସି ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୫ ପର୍ଯ୍ୟନ୍ତ ରହିଥିଲା।

# ଶ୍ରୀଲଙ୍କାକୁ ଏଲିମିନେଟ୍ କଲା ବାଂଲାଦେଶ

**ନୂଆଦିଲ୍ଲୀ, ୬।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରୁ ଶ୍ରୀଲଙ୍କାକୁ ଏଲିମିନେଟ କରିଛି ବାଂଲାଦେଶ। ଉଭୟ ବୋଲିଂ ଓ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ କରି ବାଂଲାଦେଶ ସୋମବାର ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କାକୁ ୩ ଉଇକେଟରେ ପରାସ୍ତ କରିଛି। ଫଳରେ ପୂର୍ବରୁ ଏଲିମିନେଟ ହୋଇ ସାରିଥିବା ବାଂଲାଦେଶ ଏବେ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଶେଷ କରିଛି। ଶ୍ରୀଲଙ୍କା ୪୯.୩ ଓଭରରେ ୨୭୯ ରନରେ ଅଲ୍‌ଆଉଟ ହୋଇଥିଲା। ବାଂଲାଦେଶ ୪୧.୧ ଓଭରରେ ୭ ଉଇକେଟ ହରାଇ ୨୮୨ ରନ ସଂଗ୍ରହ କରି ନେଇଥିଲା। ବିଶ୍ୱକପ୍‌ରେ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶର ଏହା ପ୍ରଥମ ବିଜୟ। ଶ୍ରୀଲଙ୍କା ଓ ବାଂଲାଦେଶ ୮ଟି ଲେଖାଏ ମ୍ୟାଚ ଖେଳି ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଉଭୟ ଦଳ ଆଉ ଗୋଟିଏ ଲେଖାଏ ମ୍ୟାଚ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ପଥୁମ ନିସଙ୍କା ଓ ସଦିରା ସମରବିକ୍ରମା ୪୧ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ୨୫ତମ ଓଭରରେ ନାଟକୀୟ ଘଟଣା ଦେଖିବାକୁ ମିଳିଥିଲା। ସମରବିକ୍ରମା ଆଉଟ ହେବାପରେ କ୍ରିଜ୍‌କୁ ଆସିଥିବା ଆଞ୍ଜେଲୋ ମାଥ୍ୟୁସ ହେଲମେଟ୍‌ରେ ଅସୁବିଧା ଥିବା ଅନୁଭବ କରିଥିଲେ। ଫଳରେ ସେ ଆଉ ଏକ ହେଲ୍‌ମେଟ ମଗାଇଥିଲେ। ନିୟମ ଅନୁସାରେ ବିଶ୍ୱକପରେ ଜଣେ ବ୍ୟାଟର ଆଉଟ ହେବାପରେ ୨ ମିନିଟ ମଧ୍ୟ ଅନ୍ୟଜଣେ ବ୍ୟାଟର ଖେଳ ଆରମ୍ଭ କରିବା କଥା। ମାଥ୍ୟୁସ ଏହା କରିପାରି ନ ଥିଲେ। ଫଳରେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ ଟାଇମ୍ ଆଉଟ ଆବେଦନ କରିଥିଲେ। ମାଥ୍ୟୁସ ବାଂଲାଦେଶ ଖେଳାଳି ଓ ଅମ୍ପାୟରଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ତାଙ୍କୁ ଟାଇମ୍ ଆଉଟ ଘୋଷଣା କରାଯାଇଥିଲା। ଫଳରେ କୌଣସି ବଲ୍‌ର ସମ୍ମୁଖୀନ ହେବା ପୂର୍ବରୁ ପଡ଼ିଆ ଛାଡ଼ିଥିଲେ ଅଭିଜ୍ଞ ମାଥ୍ୟୁସ। ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ଖେଳାଳି ଟାଇମ୍ ଆଉଟ ହେବା ଏହାଥିଲା ପ୍ରଥମ ଦୃଷ୍ଟାନ୍ତ। ଏପରି କ୍ଷେତ୍ରରେ ଚରିଥ ଆସାଲଙ୍କାଙ୍କ ଶତକ ଶ୍ରୀଲଙ୍କାର ସମ୍ମାନ ରଖିଥିଲା। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ ହାସଲ କରିଥିବା ଆସାଲଙ୍କା ୧୦୫ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହାୟତାରେ ୧୦୮ ରନ କରିଥିଲେ। ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଆହୁରି ୩ ବଲ୍ ବାକିଥାଇ ଦଳ ଅଲ୍‌ଆଉଟ ହୋଇ ଯାଇଥିଲା। ବାଂଲାଦେଶ ପକ୍ଷରୁ ତନଜିମ ହାସନ ସକିବ ୩ଟି, ଶୋରିଫୁଲ ଇସଲାମ ଓ ଶକିବ ଅଲ୍ ହାସନ ୨ଟି ଲେଖାଏ ଏବଂ ମେହିଦି ହାସନ ମିରାଜ ଗୋଟିଏ ଉଇକେଟ ନେଇଥିଲେ।

୨୮୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ବାଂଲାଦେଶ ୪୧ ରନ ମଧ୍ୟରେ ଦୁଇ ଓପନର ତାନଜିଦ ହାସନ ଓ ଲିଟନ ଦାସଙ୍କ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଶକିବ ଅଲ୍ ହାସନ ଓ ନଜମୁଲ ହୋସେନ ଶାନ୍ତୋ ତୃତୀୟ ଉଇକେଟରେ ୧୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟ ପଥରେ ନେଇ ଯାଇଥିଲେ। ୩୨ତମ ଓଭରର ପ୍ରଥମ ବଲ୍‌ରେ ଶକିବଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ବ୍ରେକ୍ ଥ୍ରୁ ଦେଇଥିଲେ ମାଥ୍ୟୁସ। ପରବର୍ତ୍ତୀ ଓଭରରେ ସେ ଅନ୍ୟତମ ସେଟ୍ ବ୍ୟାଟର ଶାନ୍ତୋଙ୍କୁ ମଧ୍ୟ ପ୍ୟାଭିଲିୟନ ଫେରାଇଥିଲେ। ମାତ୍ର ସେତେବେଳକୁ ବିଳମ୍ବ ହୋଇ ଯାଇଥିଲା। ଶକିବ ୮୨ (୧୨ ଚୌକା, ୨ ଛକା) ଓ ଶାନ୍ତୋ ୯୦ (୧୨ ଚୌକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୯.୩ ଓଭରରେ ୨୭୯/ଅଲ୍‌ଆଉଟ (ଚରିଥ ଆସାଲଙ୍କା-୧୦୮, ପଥୁମ ନିସଙ୍କା-୪୧, ସଦିରା ସମରବିକ୍ରମା-୪୧, ଧନଞ୍ଜୟ ଡି'ସିଲ୍‌ଭା-୩୪, ତନଜିମ ହାସନ ସକିବ-୩/୮୦, ଶୋରିଫୁଲ ଇସଲାମ-୨/୫୨, ଶକିବ ଅଲ୍ ହାସନ-୨/୫୭, ମେହିଦି ହାସନ ମିରାଜ-୧/୪୯)। ବାଂଲାଦେଶ ୪୧.୧ ଓଭରରେ ୨୮୨/୭ (ନଜମୁଲ ହୋସେନ ଶାନ୍ତୋ-୯୦, ଶକିବ ଅଲ୍ ହାସନ-୮୨, ଦିଲସାନ ମଦୁଶଙ୍କା-୩/୬୯, ଆଞ୍ଜେଲୋ ମାଥ୍ୟୁସ-୨/୩୫, ମହେଶ ଥିକସାନା-୨/୪୪)।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ**

ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ଣ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୦ | +୦.୯୨୪ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |

DSPL - 350

ODISHA INDIA'S BEST KEPT SECRET
5T TRANSPARENCY TECHNOLOGY TEAMWORK TIME TRANSFORMATION
ଆମ ଓଡ଼ିଶା ନବୀନ ଓଡ଼ିଶା



ଓଡ଼ିଶା ଟେବୁଲ୍ ଟେନିସ ଏକାଡେମୀ
ଏବଂ
୨୯ତମ ରାଜ୍ୟ ଟେବୁଲ୍ ଟେନିସ ଚାମ୍ପିଅନସିପ୍ ୨୦୨୩
ଉଦ୍‌ଘାଟନ କରିବେ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
୭ ନଭେମ୍ବର ୨୦୨୩
ଲକ୍ଷ୍ମୀସାଗର, ଭୁବନେଶ୍ୱର

"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି"






"କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ, କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ"

OIPR-29001/13/0081/2324

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ Bhubaneswar, Tuesday, November 7/ 2023

# ବୈଶାଳୀ, ଭିଦିତଙ୍କୁ ଟାଇଟଲ

**ଆଇଲ ଅଫ୍ ମ୍ୟାନ (ୟୁ.କେ.), ୬।୧୧(ପି.ଟି.)**

ଆର୍. ବୈଶାଳୀ ଓ ଭିଦିତ ଗୁଜରାଠୀ ଫିଡେ ଗ୍ରାଣ୍ଡ୍ ସୁଇସ୍ ଚେସ୍ ପ୍ରତିଯୋଗିତାରେ ଯଥାକ୍ରମେ ମହିଳା ଓ ଓପନ କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ବିଶ୍ୱସ୍ତରରେ ସେମାନେ ଭାରତ ପାଇଁ ବିରଳ ଡବଲ ସଫଳତା ଆଣିଦେଇଛନ୍ତି। ଏଥିସହିତ ଦୁହେଁ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ ମଧ୍ୟ କରିଛନ୍ତି। ପ୍ରତିଯୋଗିତାର ୧୧ତମ ଓ ଫାଇନାଲ ରାଉଣ୍ଡରେ

## ଫିଡେ ସୁଇସ୍ ଚେସ୍

ବୈଶାଳୀ ମଙ୍ଗୋଲିଆର ବାତ୍ଖୁୟାଗ ମୁଙ୍ଗୁନ୍ତୁଲ ସହ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ ଭିଦିତ ସର୍ବିୟାର ଆଲେକାଣ୍ଡର ପ୍ରିଡେକି ଇଭେଣ୍ଟରେ ତାଙ୍କ ୭ମ ବିଜୟ ସହ ଓପନ ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିନେଇଥିଲେ। ଉଭୟ ବୈଶାଳୀ ଓ ଭିଦିତ ୮.୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ ଏବଂ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧା ପଏଣ୍ଟ ଆଗରେ ରହିଥିଲେ। ଆସନ୍ତାବର୍ଷ ଏପ୍ରିଲରେ କାନାଡାରେ ଖେଳାଯିବାକୁଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ ସହ ବୈଶାଳୀ ୨୫,୦୦୦ ଆମେରିକୀୟ ଡଲାର (୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଅନ୍ୟପକ୍ଷରେ ଭିଦିତ ୮୦,୦୦୦ ଡଲାର (୬୬ ଲକ୍ଷ ଟଙ୍କାରୁ ଅଧିକ) ପକେଟସ୍ଥ କରିଛନ୍ତି। ମହିଳା ବର୍ଗର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ୟୁକ୍ରେନର ଆନ୍ନା ମୁଜିଚୁକ୍। ସେ ସୁଇଡେନର ଭେଟେରାନ ଗ୍ରାଣ୍ଡମାଷ୍ଟର ପିଆ କ୍ରାମ୍ଲିଙ୍ଗଙ୍କ ବିପକ୍ଷ ଗେମ୍ ଡ୍ର ରଖିଥିଲେ। ଦ୍ୱିତୀୟ ମହିଳା ଖେଳାଳି ଭାବେ କ୍ୟାଣ୍ଡିଡେଟ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ ତୃତୀୟ ସ୍ଥାନରେ ରହିଥିବା ତାନ୍ ଝୋଙ୍ଗୟି। କାରଣ ମୁଜିଚୁକ୍ ପୂର୍ବରୁ ମହିଳା ବିଶ୍ୱକପ୍‌ରେ ଯୋଗ୍ୟତା ହାସଲ କରିସାରିଥିଲେ। ଓପନ ବିଭାଗରେ ହିକାରୁ ନାକାମୁରା ଭାରତର ଅର୍ଜୁନ ଏରିଗେସିଙ୍କ ସହ ଡ୍ର ରଖି ଚତୁର୍ଥ ସ୍ଥାନରେ ରହିଥିଲେ। ଇଭେଣ୍ଟରେ ସେ କିନ୍ତୁ ଅପରାଜେୟ ରହିଥିଲେ।



ଟ୍ରଫି ସହ ଆର୍. ବୈଶାଳୀ ଓ ଭିଦିତ ଗୁଜରାଠୀ।

# କୁଚବିହାର ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**କଟକ, ୬।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ):** ସୋମବାର ୨୦୨୩-୨୪ ସିଜନର ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫିର ପ୍ରଥମ ଦୁଇ ମ୍ୟାଚ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଜୁନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲ୍ଲିକ ଏହି ଦଳ ଘୋଷଣା କରିଛନ୍ତି। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ସମ୍ବଲପୁରର ଭିସିଏ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷରେ ୧୭ ନଭେମ୍ବରରେ ଖେଳିବ। ସେହିପରି ୨୪ ତାରିଖରେ ବରୋଦାରେ ଦଳ ବରୋଦା ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଓଡ଼ିଶା ଦଳ:** ପାନକଲା ଶଶାଙ୍କ, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର, ଅଧିନାୟକ), ଶ୍ରେୟାଂସ ଭରଦ୍ୱାଜ, ଶ୍ରେୟାଂସୁ ପଟ୍ଟନାୟକ, ଏମ୍‌ଡି ସୋହେଲ, ଗୌରବ ଡି କୁମାର, ଆଦର୍ଶ ରାଇଗୁରୁ (ଉଇକେଟ କିପର), ସ୍ୱୟମ ଶ୍ରୀବାସ୍ତବ, କରଣ ମହାପାତ୍ର, ସମ୍ମିତ କେ ବେଜା, ସୟଦ ଟି ଅହମଦ, ସାର୍ଥକ ଜି ପଣ୍ଡା, ଶୁଭମ୍ ପ୍ରିୟଦର୍ଶୀ, ଶ୍ରୀରାଜ ପଟ୍ଟନାୟକ, ସୌଭାଗ୍ୟ ଓଝା, ଅର୍ନବ ପଟ୍ଟନାୟକ।

# ରୋଇଙ୍ଗ ମିକ୍ସଡ ଟିମ୍‌ରେ ଓଡ଼ିଶାକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର,୬।୧୧(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶା ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଜାରି। ସୋମବାର ଓଡ଼ିଆ ଖେଳାଳି ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରୋଇଙ୍ଗର ସି ମିକ୍ସଡ ଡବଲ୍ ସ୍କଲରେ ଓଡ଼ିଶାର ଶଗନଦୀପ୍ ସିଂ ଓ ସଞ୍ଜୁକ୍ତା ଡୁଙ୍ଗଡୁଙ୍ଗ ଯୁଗ୍ମ ଭାବରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶା ଓ ପଞ୍ଜାବ ଦଳ ସମାନ ୨:୩୬.୧ ସେକେଣ୍ଡର ଟାଇମିଂ ହାସଲ କରିଥିବା ବେଳେ ଉଭୟ ଦଳକୁ ଯୁଗ୍ମ ଭାବରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। କାୟାକିଂର କ୍ୱାଡ୍ରିପୁଲ୍ସ ଟିମ୍ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଥିଲା। ଟୋମଥିଲଙ୍ଗାନବା ଏନ୍‌ଗାଶେପମ, ଥୋଙ୍ଗାମ ରାହୁଲ ସିଂ, କେ ଏଚ୍ ନାନାଓ ମେଇତେଇ ଓ ସୁରଜ ବିଜାଲେଙ୍କ ପୁରୁଷ ଦଳ ଓ ଓଇନାମ ବିଦ୍ୟା ଦେବୀ, ଶ୍ରୁତି ଚୋଉଗୁଲେ, ରୋଜି ଦେବୀ ଓ ଫୁଲମଣି ଖାଖାଙ୍କ ମହିଳା ଦଳ ରୌପ୍ୟ ପଦକ ପାଇଥିଲେ। ରୋଇଙ୍ଗର ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ସୌରଭ କୁମାର ବ୍ରୋଞ୍ଜ ପଦକ ହାସଲ କରିଥିଲେ।




# 'ମୋ ବାପାଙ୍କୁ ମୁକ୍ତ କର'


ଲୁଇସ୍ ଡିଆଜ୍

**ଲୁଟନ୍,୬।୧୧(ପି.ଟି.)**

ଅପହୃତ ପିତାଙ୍କୁ ମୁକ୍ତ କରିବା ପାଇଁ ନିବେଦନ କରି ଚର୍ଚ୍ଚାରେ ଲିଭରପୁଲ୍ ଫୁଟବଲର ଲୁଇସ୍ ଡିଆଜ୍। କଲମ୍ବିଆର ଏକ ଗରିଲା ଗ୍ରୁପ୍ ଡିଆଜଙ୍କ ମାତା ପିତାଙ୍କୁ ଅପହରଣ କରି ନେଇଥିଲେ। ମା'ଙ୍କୁ ଛାଡି ଦେଇଥିଲେ ମଧ୍ୟ ଅପହର୍ତ୍ତା ମାନେ ତାଙ୍କ ପିତାଙ୍କୁ ଛାଡି ନାହାନ୍ତି। ଏହାକୁ ନେଇ ଅନନ୍ୟ ଉପାୟରେ ଆବେଦନ କରିଛନ୍ତି ଲୁଇସ୍। ଅତିରିକ୍ତ ସମୟରେ ଏକ ଚମତ୍କାର ହେଡର ଜରିଆରେ ଗୋଲ ଦେଇ ଲୁଇସ୍ ମ୍ୟାଚ୍‌କୁ ଡ୍ର କରିଥିଲେ। ଗୋଲ ସ୍କୋର କରିବା ପରେ ନିଜ ଟି ଶାର୍ଟ ଉପରକୁ ଉଠାଇ ଏଥିରେ ଲେଖାଥିବା ମେସେଜ୍ ଦେଖାଇଥିଲେ। ଏଥିରେ ଲେଖାଥିଲା 'ଲିବେର୍ଟାଡ ପାରା ପାପା' ଯାହାର ଅର୍ଥ ହେଉଛି ମୋର ପିତାଙ୍କୁ ମୁକ୍ତ କର। ମ୍ୟାଚ୍ ପରେ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରିଥିଲେ ଲୁଇସ୍। ଏଥିରେ ଲେଖା ଥିଲା ଆଜି ମ୍ୟାଚ୍ ସମୟରେ ଫୁଟବଲର ଲୁଇସ୍ ଡିଆଜ୍ ନୁହେଁ ବରଂ ଲୁଇସ୍ ମାନୁଏଲ ଡିଆଜଙ୍କ ପୁଅ ହିସାବରେ ମୁଁ ଅନୁରୋଧ କରିଥିଲି। ପିତାଙ୍କ ଅପହରଣ ପରେ ମୋ ପରିବାର ଓ ମୁଁ ଗଭୀର ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଅଛୁ ତେଣୁ ତାଙ୍କୁ ମୁକ୍ତ କର ବୋଲି ସେ ଅନୁରୋଧ କରିଥିଲେ। କଲମ୍ବିଆର ସହର ବାରାନ୍‌କାସରୁ ତାଙ୍କର ପିତା ମାତାଙ୍କୁ ଅପହରଣ କରାଯାଇଥିବା ବେଳେ କିଛି ଘଣ୍ଟା ମଧ୍ୟରେ ତାଙ୍କ ମା'ଙ୍କୁ ପୋଲିସ୍ ଉଦ୍ଧାର କରିଥିଲେ ମଧ୍ୟ ପିତାଙ୍କର କୌଣସି ଖୋଜ ଖବର ମିଳିନାହିଁ।




For Franchisee Enquiry:- Call +91 7077721612

Prestige Xclusive

BHUBANESWAR, Rabi Takies Chhak: opposite to Kedar Gouri Resort, Mob: 7750925223; Bapuji Nagar: 105 Bapuji Nagar, Behind Yes Bank (Old Post Office Lane) Lane No 08, 0674-2597141/9937138998; Bapuji Nagar: 237, Pani Tanki Lane, Ph: 0674 2597685 Mob: 9777744071, Satyangar: 10, Janpath, Mob: 8280056821, ID Market: Shop No FG 3, Near Reliance Fresh, Mob: 9861404879, Damana: 248, Sailashree Vihar Road, Mob : 7327902258, Baramunda: A/37, Ruchika Market, Mob : 9937073674, Raghunathpur: Shop no - S5, Manson Green, Nandankanan Road, Mob: 8895390144; CUTTACK, Dolmundai: Hotel Akbari Complex, Haripur Road, Ph: 0671 2910337; Mob: 9348222581, Baxi Bazar: Manisahoo Chhak, Mob: 6371736954; CDA: Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , Rourkela: Daily Market, Near Reliance Trend, Mob: 9777457774; BALUGAON: Chilika Road, Mob: 8984858783; KENDRAPARA: Kakat Chhak, Ph: 06727 221241; Mob: 9040562233; DHENKANAL: I.G. Super Market, near SBI ATM; Mob: 9337477279/ 9348178750; BOLANGIR: A.B.S.S. Road, Near Samaleswari Temple, Ph: 06652232419; Mob : 9437331171, 9437241863; SEMILIGUDA: Infront of RAM Mandir Gate, Main Road, Mob: 8328800974; BARGARH: C/o: New Patra Needs, Infront of Gopal Goshala, NH-6, Main Road, Mob: 9776323188; SAMBALPUR, Golbazaar: Near Durga Temple Mob: 9338194750, JAGATSINGHAPUR: C/o: Orchid Mart, Central Market Ph: 06724221090/ 06724221080, ANGUL: Near Havells Galaxy Store, Shankar Cinema Rd, Mob: 7608885430.

AUTHORISED DEALERS:- BHUBANESWAR: Reeta-06742597111, Crockery Plaza-9938399889, Lingaraj Store-7978209549, Sulochana Enterprises-9338067682, Spectra Vision, Ph: 9937722277, Pratap Sweing Machine-9937138544, Utkal Light House-9937019272, Utkal Sales-9853150619, Palace-9348652955 -Bhubaneswar, Balaji Electonics-9938469841, Jatni:- D B Enterprises-9078919100, Khordha- Mahorana Enterprises-7978018288, Kitchen Plaza-9337756820, Sai Traders-7008298692 -Bhubaneswar, Sarakar Electro Digital-9776457173 -Bhubaneswar, P D Marketing, Ph-7377735345, B S Enterprises-9437310480, Anu Agency-9437134266, Tarini Aluminium Stores-9438568797, SB Enterprises, Ph-9861155551, Kitchen King-9938475819, Prasad Kitchen-9437041063, Sivam Enterprises-7008565807, Shree Traders-9937131901, Sai Associate-9937065641, Tamana Trading-7004248554, CUTTACK: Union Sales Emporium-9338461472, Janata General Store, Ph-2419948, Aurobinda Plastic, Ph 8763923528, Friends Electrical-9438510061, Arbinda Home Appliances-9438480346, Puspak Agency-7205016581, Balaji Distributor-8763153928, Patra Electronics (CDA)-9348863657, Sanjaya Electronics-9777777529 -Salepur, Maapadmavati Bastralaya-8908194534- Rahama- Patra Electronics (Chauliganja)-9938941317, Chowdar-Prince Electonics-9861101122 KENDRAPARA: Purnamasi Electrical, Ph. 9937070448. PARADEEP: Krishna Enterprise, Satapathy Enterprises-9437088525-Kujanga, ROURKELA: Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph 9437046546; Kitchen Accessories-9437837833, RAJGANGPUR: Pradeep Store, Ph-9437244015 SUNDARGARH: Laxmi Steel, Ph-9776164771; BALASORE: United Sales Agency-9853519516, Rohit Sales-7978204587, Khandelwal Brothers-8984117316, Sambalpur- Bhatia Home Appliances-9556053558, Samuka Steel Center-9437331074, Laxmi Steel-8917393494, Shree Durga Steel-8018141782, Bankeswari Bartan Bhandar-6370188891, Bolangir- Bapi Steel-9556324328, Ghar Sansar-7008758771, Akash Steel-9437331491, Suraj Steel-9437151437, Bhadrak- Mahalaxmi Home Appliances-7381628318, Radhika Furniture-9437991876, Baripada- Aerovision-9861828643, Gajapati-Panda General Store-8249162067, Baripada Bazar-9439298333, Dream Home-9437435010 -Jaypore, Uma Electronics-9937076299 -Chandenswar, Beauty Place-9777456655, Talcher, Bulu Electronics-9556209149 -Dasapala, Angul- Saralia Trading-9439471222, Kanha Enetrprises-9437334629 -Pallhada, Pipili- Pradhan Store-993813724, Sahoo Electronics-9861662700, Puri-Ghar Sansar Mart-9861313913, Berhumpur- Ria Marketing-9040147776, Ashok Enterprises-9338491716, Bhanjanagar- Patra Enterprises-8837077719, Jaypur- Home Needs-8637259595, Angul- Omm Gift & Veriety Store-9348230554.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ